بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 50

ବାର୍ଷିକ ଦେୟ: ୫୦୦/-

ସାପ୍ତାହିକ

# ବଦର

The Weekly କାଦିଆନ

BADAR Qadian

ODIA

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

13 ଡିସେମ୍ବର୍ 2018   13 ଫତାହ୍ 1397 ହି.ଶ   05 ରବିଉଲ୍ ସାନି 1440 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

رَبَّنَا وَلَا تُحَمِّلۡنَا مَا لَا طَاقَۃَ لَنَا بِہٖ ۚ وَاعۡفُ عَنَّا ٝ وَاغۡفِرۡ لَنَا ٝ وَارۡحَمۡنَا ٝ اَنۡتَ مَوۡلٰىنَا فَانۡصُرۡنَا عَلَی الۡقَوۡمِ الۡکٰفِرِیۡنَ ۝

(سورۃ البقرہ:287)

**ଅନୁବାଦ** - ଅର୍ଥାତ୍ ହେ ଆମର ପାଳନକର୍ତା ! ଯାହା ବହନ କରିବାକୁ ଆମମାନଙ୍କର ଶକ୍ତିନାହିଁ, ତାହା (ବହନ କରିବାକୁ) ଆମମାନଙ୍କୁ ଦିଅନାହିଁ ! ଏବଂ ଆମମାନଙ୍କ ପ୍ରତି କରୁଣା କର (କାରଣ) ତୁମ୍ଭେ ହିଁ ଆମ୍ଭମାନଙ୍କର ପ୍ରଭୁ ! ସୁତରାଂ ଅବିଶ୍ୱାସକାରୀ ଗୋଷ୍ଠୀ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

(ବକ୍ରାଃ: ୨୮୭)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଙ୍କ[ଅ.ବ] ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

ସତ୍ୟନିଷ୍ଠ ହୋଇଯାଅ, ଯଦ୍ୱାରା ତୁମର ବୟସ ବଢ଼ିଯାଉ ଓ ତୁମେ ଖୁଦାଙ୍କର ବର୍‌କତ୍‌କୁ ଲାଭ କର । ସୀମାଧିକ ଭୋଗବିଳାସରେ ରହିବା ହେଉଛି ଅଭିଶପ୍ତ ଜୀବନ । ମାତ୍ରାଧିକ କୁକର୍ମ କରିବା ଏବଂ ନିଷ୍ଠୁର ହେବା ଅଭିଶପ୍ତ ଜୀବନ ।
ଇଶ୍ୱର ବା ତା ଭକ୍ତଙ୍କ ସହିତ ଅତ୍ୟଧିକ ସହାନୁଭୂତି ନଦେଖାଇବା ହେଉଛି ଅଭିଶପ୍ତ ଜୀବନ ।

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ସତ୍ୟନିଷ୍ଠ ହୋଇଯାଅ, ଫଳତଃ ତୁମର ବୟସ ବଢ଼ିଯାଉ ଓ ତୁମେ ଖୁଦାଙ୍କର ବର୍‌କତ୍‌କୁ ପାଅ । ସୀମାଧିକ ଭୋଗବିଳାସରେ ରହିବା ହେଉଛି ଅଭିଶପ୍ତ ଜୀବନ । ମାତ୍ରାଧିକ କୁକର୍ମ କରିବା ଏବଂ ନିଷ୍ଠୁର ହେବା ଅଭିଶପ୍ତ ଜୀବନ । ଇଶ୍ୱର ବା ତା' ଭକ୍ତଙ୍କ ସହିତ ଅତ୍ୟଧିକ ସହାନୁଭୁତି ନଦେଖାଇବା ହେଉଛି ଅଭିଶପ୍ତ ଜୀବନ । ପ୍ରତ୍ୟେକ ଅମୀର୍ ଖୁଦାଙ୍କ ଅଧିକାର ଓ ଲୋକଙ୍କ ହକ୍ ପ୍ରଦାନ କରିବା ବିଷୟରେ ଏପରି ପଚରାଯିବେ (ଅର୍ଥାତ୍ ତାଙ୍କଠାରୁ ଏପରି ହିସାବ ନିଆଯିବ) ଯେପରି ସେ ଜଣେ ଫକୀର ବା ତାଠାରୁ ନ୍ୟୁନ । ସୁତରାଂ କେଡେ ଅଭାଗା ହେଉଛି ସେ ବ୍ୟକ୍ତି ଯିଏ ଏହି ସ୍ୱଳ୍ପ ଜୀବନ ଉପରେ ଭରଷା କରି ଖୁଦାଙ୍କଠାରୁ ସମ୍ପୂର୍ଣ୍ଣ ରୂପେ ମୁହଁ ଫେରାଇ ନେଉଛି (ଅର୍ଥାତ୍ ଦୂରେଇ ଯାଉଛି) । ଏବଂ ଖୁଦାଙ୍କ ଦ୍ୱାରା ହରାମ୍ (ଅବୈଧ ଘୋଷଣା କରାଯାଇଥିବା ବସ୍ତୁ) କୁ ଏପରି ଧୃଷ୍ଟତାର ସହ ବ୍ୟବହାର କରୁଅଛି ଯେପରି ଉକ୍ତ ହରାମ୍ (ବସ୍ତୁଗୁଡିକ) ତା'ପାଇଁ ହଲାଲ୍ (ବୈଧ) ହୋଇଯାଇଛି, କ୍ରୋଧାବସ୍ଥାରେ ପାଗଳ ସଦୃଶ କାହାକୁ ଗାଳିଗୁଲଜ, କାହାକୁ ଆଘାତ ଦେବା ଓ କାହାକୁ ହତ୍ୟା କରିବା ପାଇଁ ପ୍ରସ୍ତୁତ ହୋଇଯାଉଛି ଏବଂ କାମ ବାସନାରେ ନିର୍ଲଜ୍ଜତାର ମାର୍ଗକୁ ଶେଷ ସୀମାରେ ପହଂଚାଇ ଦେଉଛି । ସୁତରାଂ ସେ (ଏହାଦ୍ୱାରା) ପ୍ରକୃତ ଆନନ୍ଦକୁ ମୃତ୍ୟୁ ପର୍ଯ୍ୟନ୍ତ ପାଇବ ନାହିଁ ।

ହେ ପ୍ରିୟ (ଲୋକମାନେ) ତୁମେ (ବହୁତ) କମ୍ ଦିନ ପାଇଁ ପୃଥିବୀକୁ ଆସିଅଛ । ସେଥିରୁ ମଧ୍ୟ ବହୁତ କିଛି ଶେଷ ହୋଇଗଲାଣି । ତେଣୁ (ତୁମେ) ନିଜ ମୌଲା (ଅର୍ଥାତ୍ ଅଲ୍ଲାଃତାଲା)କୁ ନାରାଜ କରନାହିଁ । ଯଦି ଲୋକମାନଙ୍କ (ଦ୍ୱାରା ଗଠିତ) ଗୋଟିଏ ସରକାର, ଯିଏ ତୁମଠାରୁ ଶକ୍ତିଶାଳୀ, (ସେ) ଯଦି ତୁମଠାରୁ ନାରାଜ ହେବ ତେବେ ସେ ତୁମର ବିନାଶ କରିପାରେ । ସୁତରାଂ ତୁମେ ଚିନ୍ତାକରି ଦେଖ କି ଖୁଦାଙ୍କ ଅପ୍ରସନ୍ନତାରେ ତୁମେ କିପରି ବଂଚିପାରିବ । ଯଦି ତୁମେ ଖୁଦାଙ୍କ ଦୃଷ୍ଟିରେ ମୁତ୍‌ତକି (ଧର୍ମପରାୟଣ) ହୋଇଯିବ ତେବେ କେହି ତୁମର ବିନାଶ କରିପାରିବେ ନାହିଁ । ଏବଂ ସେ ସ୍ୱୟଂ ତୁମକୁ ସୁରକ୍ଷା ଦେବ ଓ ତୁମର ଯେଉଁ ଜୀବନଶତୃ ଅଛନ୍ତି, (ସେମାନେ) ତୁମକୁ କାବୁ କରିପାରିବେ ନାହିଁ । ତା ବ୍ୟତୀତ ତୁମ ଜୀବନର ସୁରକ୍ଷାକାରୀ ଆଉକେହି ନାହାଁନ୍ତି ଓ ତୁମେ ଶତ୍ରୁକୁ ଭୟକରି ବା ଅନ୍ୟାନ୍ୟ ବିପତିରେ ପଡି ବ୍ୟାକୁଳତାର ଜୀବନ ବିତାଇବ, ଓ ତୁମ ଜୀବନର ଶେଷ ଦିନ ଗୁଡିକ ବହୁତ ଦୁଃଖ ଓ ସନ୍ତାପରେ କଟିବ । ଇଶ୍ୱର ସେହି ଲୋକମାନଙ୍କର ଆଶ୍ରୟ ହୋଇଥାନ୍ତି ଯିଏ ତାଙ୍କ ସହିତ (ଯୋଡି) ହୋଇଯାଆନ୍ତି । ସୁତରାଂ ଖୁଦାଙ୍କ ଆଡକୁ ଆସିଯାଅ ଓ ତା' ବିରୋଧରେ ସମସ୍ତ କାର୍ଯ୍ୟକଳାପକୁ ପରିତ୍ୟାଗ କର । ଏବଂ ତା ଦ୍ୱାରା ଧାର୍ଯ୍ୟ ହୋଇଥିବା ସମସ୍ତ କାର୍ଯ୍ୟକୁ କରିବାରେ ଅବହେଳା କରନାହିଁ । ଏବଂ ତା ଭକ୍ତଙ୍କ ଉପରେ ହାତଦ୍ୱାରା ବା ମୁହଁଦ୍ୱାରା ଅତ୍ୟାଚାର କରନାହିଁ ।* ସ୍ୱର୍ଗୀୟ ପ୍ରକୋପ ଓ କ୍ରୋଧକୁ ଭୟକର । କାରଣ ଏହି ମାର୍ଗ ହେଉଛି ନଜାତ୍ (ମୋକ୍ଷ)ର ମାର୍ଗ ।

ହେ ଇସ୍‌ଲାମ୍‌ର ଓ୍ୱଲେମାଗଣ ! ମୋତେ ଯଥାଶିଘ୍ର ମିଥ୍ୟବାଦୀ ରୂପେ ଅଭିହିତ କର ନାହିଁ । ଏପରି ଅନେକ ରହସ୍ୟ ଓ ଭେଦ ରହିଛି ଯାହାକୁ ମଣିଷ ଶିଘ୍ର ଜାଣିପାରେନାହିଁ । କଥା ଶୁଣିବା ମାତ୍ରେ ସେହିକ୍ଷଣି ତାକୁ ରଦ୍ଦ କରିଦେବା ପାଇଁ ପ୍ରସ୍ତୁତ ହୁଅନାହିଁ । ଏହା ତକ୍‌ୱା (ଧର୍ମପରାୟଣତା)ର ମାର୍ଗ ନୁହେଁ । ଯଦି ତୁମଦ୍ୱାରା କିଛି ଭୁଲ୍ ହୋଇନଥାଆନ୍ତା ଏବଂ ଯଦି ତୁମେମାନେ କେତେକ ହଦିସ୍‌କୁ ଓଲଟା ନବୁଝିଥାନ୍ତ ତେବେ ମସିହ୍ ମଉଦ୍‌ଙ୍କ ଆସିବା ବ୍ୟର୍ଥ ହୋଇଥାନ୍ତା ଯିଏ ହେଉଛନ୍ତି ହକମ୍ (ଉଚିତ୍ ନିଷ୍ପତିକାରୀ) । ତୁମ ପୂର୍ବରୁ ଏ ଭୟୋତ୍ପାଦକ ଶିକ୍ଷଣୀୟ (ଉଦାହରଣ) ରହିଛି କି ତୁମେ ଯେଉଁ କଥାକୁ ଦୃଢ଼ତାର ସହ ଧରି ରଖିଛ ଏବଂ ଯେଉଁ ସ୍ଥାନରେ ତୁମେ ପାଦ ରଖିଛ ସେହି ସ୍ଥାନରେ ୟୁହୁଦୀମାନେ (ପାଦ) ରଖିଥିଲେ । ଅର୍ଥାତ୍ ତୁମେ ଯେଉଁଭଳି ହଜ୍‌ରତ୍ ଇସା ଆ:ସଙ୍କୁ ପୁନର୍ବାର ଆସିବା ପାଇଁ ଅପେକ୍ଷା କରିଅଛ (ସେହିପରି) ସେମାନେ ମଧ୍ୟ ଇଲିୟାସ୍ ନବୀଙ୍କୁ ପୁନର୍ବାର ଆସିବା ପାଇଁ ଅପେକ୍ଷା କରିଥିଲେ ଏବଂ ଏହା କହୁଥିଲେ କି ମସିହ୍ ସେତେବେଳେ ଆସିବ ଯେତେବେଳେ (ତାଙ୍କ ପୂର୍ବରୁ) ପ୍ରଥମେ ଇଲିୟାସ୍ ନବୀ ଏ ସଂସାରକୁ ଆସିବେ, ଯାହାକୁ ଆକାଶକୁ ଉଠାଇ ନିଆଯାଇଅଛି । ଏବଂ ଯେଉଁ ବ୍ୟକ୍ତି ଇଲିୟାସ୍‌ଙ୍କ ପୁନର୍ବାର ଆସିବା ପୂର୍ବରୁ ମସିହ୍ ହେବାର ଦାବୀ କରିବ ସେ ହେଉଛି ମିଥ୍ୟାବାଦୀ । ଏବଂ ସେମାନେ ନା କେବଳ ହଦିସ୍ ଅନୁସାରେ ଏପରି ଭାବନା ରଖିଥିଲେ ବରଂ ଖୁଦାଙ୍କ ପୁସ୍ତକ ସହିଫାଏ ମଲାକି ନବୀଙ୍କୁ ପ୍ରମାଣ ରୂପେ ଉପସ୍ଥାପନ କରୁଥିଲେ । କିନ୍ତୁ ଯେତେବେଳେ ହଜ୍‌ରତ୍ ଇସା ଆ:ସ ନିଜକୁ ୟୁହୁଦୀମାନଙ୍କ ମସିହ୍ ହେବାର ଦାବୀ କଲେ ଏବଂ (ସେ ସମୟରେ) ଇଲିୟାସ୍ ଆକାଶରୁ ଅବତୀର୍ଣ୍ଣ ହେଲେନାହିଁ, ଯାହା ଉକ୍ତ ନବୀଙ୍କ ପାଇଁ ସର୍ତ ରଖାଯାଇଥିଲା, ସେତେବେଳେ ୟୁହୁଦୀମାନଙ୍କର ସେହି ସମସ୍ତ ଅକିଦା (ବିଶ୍ୱାସ) ଭୁଲ୍ ପ୍ରମାଣିତ ହେଲା । ଏବଂ ୟୁହୁଦୀମାନଙ୍କର ଯେଉଁ ଧାରଣା ଥିଲା କି ଇଲିୟା ନବୀ ସଶରୀରେ ଆକାଶରୁ ଅବତୀର୍ଣ୍ଣ ହେବେବୋଲି ପରିଶେଷରେ ତାର ଅର୍ଥ ସ୍ପଷ୍ଟ ହେଲା ଯେ ଇଲିୟାସ୍‌ଙ୍କ ଗୁଣ ଓ ପ୍ରକୃତି ସମ୍ପନ୍ନ ଅନ୍ୟ କୌଣସି ବ୍ୟକ୍ତି ପ୍ରକାଶ ହେବେ । ଏବଂ ଏ ଅର୍ଥ ନିଜେ ହଜ୍‌ରତ୍ ଇସା ବର୍ଣ୍ଣନା କରିଛନ୍ତି ଯାହାଙ୍କୁ (ତୁମେ) ପୁନର୍ବାର ଆକାଶରୁ ଅବତୀର୍ଣ୍ଣ କରାଉଛ । ସୁତରାଂ ତୁମେ କାହିଁକି ଏପରି ସ୍ଥାନରେ ଧୋକା ଖାଉଛ, ଯେଉଁ ସ୍ଥାନରେ ତୁମ ପୂର୍ବରୁ ୟୁହୁଦୀ ଧୋକା ଖାଇସାରିଛନ୍ତି । ତୁମ ଦେଶରେ ହଜାର ହଜାର ୟୁହୁଦୀ ଅଛନ୍ତି, ତୁମେ ତାଙ୍କଠାରୁ ପଚାରି ବୁଝିନିଅ କି କଣ ୟୁହୁଦୀମାନଙ୍କର ଏପରି ବିଶ୍ୱାସ ନଥିଲା ଯାହା ବର୍ତମାନ ତୁମେ ପ୍ରକାଶ କରୁଅଛ । ସୁତରାଂ ସେହି ଖୁଦା ଯେ ଇସାଙ୍କ ଖାତିର୍ ଇଲିୟା ନବୀଙ୍କୁ ଆକାଶରୁ (ସଶରୀରେ) ଅବତୀର୍ଣ୍ଣ କଲେନାହିଁ ଫଳତଃ ୟୁହୁଦୀମାନଙ୍କ ସମ୍ମୁଖରେ ତାଙ୍କୁ ତାୱିଲ୍ (ଅର୍ଥ) କରିବାକୁ ପଡ଼ିଲା । ସେ (ଅଲ୍ଲାଃ) ତୁମପାଇଁ କାହିଁକି ଇସାଙ୍କୁ ଓହ୍ଲାଇଦେବେ ଯାହାଙ୍କୁ ତୁମେ ପୁନର୍ବାର ଓହ୍ଲାଉଅଛ । (ତେଣୁ) ତା ନିଷ୍ପତି ଅନୁସାରେ ତୁମେ ହେଉଛ ଅମାନ୍ୟକାରୀ । ଯଦି ସନ୍ଦେହ କରୁଛ ତେବେ ସେହି ଇସାଇମାନଙ୍କୁ ଯାଇ ପଚାରି ବୁଝିନିଅ ଯେଉଁମାନେ ଲକ୍ଷ୍ୟଲକ୍ଷ୍ୟ ସଂଖ୍ୟାରେ ଏ ଦେଶରେ ରହିଛନ୍ତି ଓ ସେମାନଙ୍କ ଇଞ୍ଜିଲ୍ ମଧ୍ୟ ମହଜୁଦ୍ ରହିଛି ଯେ କଣ ଏହା ସତ ନୁହେଁ କି ହଜ୍‌ରତ୍ ଇସା ଏପରି କହିଥିଲେ ଯେ ଯେଉଁ ଇଲିୟା (ନବୀ)ଙ୍କୁ ପୁନର୍ବାର ଆସିବାର ଥିଲା ସେ ହେଉଛନ୍ତି ୟୁହନ୍ନା ଅର୍ଥାତ୍ ୟହ୍‌ୟା ଏବଂ ଏତିକି କହି (ସେ) ୟୁହୁଦୀମାନଙ୍କର ପୁରୁଣା ଆଶାକୁ ମାଟିରେ ମିଶାଇଦେଲେ । (ତେଣୁ) ଏବେ ଯଦି ଇସା ନବୀଙ୍କର ଆକାଶରୁ ଆସିବା ଜରୁରୀ ତେବେ ଏହି ପରିପ୍ରେକ୍ଷୀରେ ହଜ୍‌ରତ୍ ଇସା ସଚ୍ଚା ନବୀ ଅଭିହିତ ହୋଇପାରିବେ ନାହିଁ କାରଣ ଯଦି ଆକାଶରୁ ଫେରିଆସିବା ସୁନ୍ନତୁଲ୍ଲାଃ (ଅଲ୍ଲାଃଙ୍କ ବିଧାନ)ରେ ସାମିଲ୍ ଅଛି ତେବେ ଇଲିୟାସ୍ ନବୀ କାହିଁକି ଫେରିଆସିଲେ ନାହିଁ ଓ କାହିଁକି ଏଠାରେ ୟହ୍‌ୟାଙ୍କୁ ଇଲିୟାସ୍ ରୂପେ ଅଭିହିତ କରି ଅର୍ଥ କରାଗଲା । ବୁଦ୍ଧିମାନ୍ ଲୋକଙ୍କ ପାଇଁ ଏହା ଚିନ୍ତା କରିବାର ସ୍ଥାନ ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା- ୭୧-୭୩)

*ଯେଉଁ ବ୍ୟକ୍ତି ମନୁଷ୍ୟ ଜାତି ଉପରେ କ୍ରୋଧ ଶକ୍ତିକୁ ବଢ଼ାଏ ସେ କ୍ରୋଧ ଦ୍ୱାରା ହିଁ ନିଃଶେଷ କରାଯାଏ । ସେଇଥିପାଇଁ ଇଶ୍ୱର ସୁରଃ ଫାତିହାରେ ୟୁହୁଦୀମାନଙ୍କର ନାମ ମଗ୍‌ଜୁବେ ଆଲୈହିମ୍ ରଖିଛନ୍ତି । ଏହା ଏକଥା ପ୍ରତି ଇଂଗିତ କରୁଛି କି କୟାମତ୍ ସମୟରେ ପ୍ରତ୍ୟେକ ଅପରାଧି ଇଶ୍ୱରଙ୍କ କ୍ରୋଧର ସ୍ୱାଦକୁ ଚାଖିବେ । କିନ୍ତୁ ଯିଏ ଅକାରଣେ ଏ ଦୁନିଆରେ କ୍ରୋଧ କରୁଛି ସେ ଏ ସଂସାରରେ ହିଁ ଇଶ୍ୱରୀୟ କ୍ରୋଧର ସ୍ୱାଦକୁ ଚାଖିନିଏ । ନସାରା (ଇସାଇ)ଙ୍କ ଦ୍ୱାରା ୟୁହୁଦୀମାନଙ୍କ ନିମନ୍ତେ ଏ ସଂସାରରେ କ୍ରୋଧ ପ୍ରକାଶ ହେଲାନାହିଁ । ସେଥିଯୋଗୁ ସୁରଃ ଫାତିହାରେ ତାଙ୍କ ନାମ ଜ୍ୱାଲ୍ଲିନ୍ ରଖାଗଲା । ଜ୍ୱାଲିନ୍ ଶବ୍ଦର ଦୁଇଗୋଟି ଅର୍ଥ ରହିଛି । ପ୍ରଥମଟି ହେଉଛି ସେମାନେ ପଥଭ୍ରଷ୍ଟ ଏବଂ ଦ୍ୱିତୀୟ ଅର୍ଥଟି ହେଉଛି ସେମାନେ ହଜିଯିବେ । ମୋ ନିକଟରେ ଏହା ତାଙ୍କ ପାଇଁ ସୁସମାଚର ଅଟେ ଅର୍ଥାତ୍ ଗୋଟିଏ ସମୟରେ କୌଣସି ମିଥ୍ୟା ଧର୍ମରୁ ମୁକ୍ତି ପାଇ (ସେମାନେ) ଇସ୍‌ଲାମ୍‌ରେ ମିଶିଯିବେ । ଏବଂ ଧିରେ ଧିରେ ମୁଶ୍‌ରିକାନା (ଅନେକେଶ୍ୱରବାଦ) ପ୍ରଥା ଏବଂ ତୃଟିପୁର୍ଣ୍ଣ ବା ଲଜ୍ଜାଜନକ ପ୍ରଥାଗୁଡିକୁ ପରିତ୍ୟାଗ କରି ମୁସଲ୍‌ମାନଙ୍କ ପରି ଏକେଶ୍ୱରବାଦୀ ହୋଇଯିବେ । ସୁତରାଂ ଜ୍ୱାଲ୍ଲିନ୍‌ର ଶବ୍ଦଟି ଯାହା ସୁରଃ ଫାତିହାର ଶେଷରେ ରହିଛି ତାହା ଜଲାଲତ୍‌ର ଅନ୍ୟ ଅର୍ଥ ଦୃଷ୍ଟିକୋଣରୁ ଅର୍ଥାତ୍ ଗୋଟିଏ ବସ୍ତୁ ଆଉ ଗୋଟିଏ ବସ୍ତୁରେ ଲୀନ ହୋଇଯିବା ଏବଂ ହଜିଯିବା ଅଟେ । ଆସନ୍ତାକୁ ଇସାଇମାନଙ୍କ ଧର୍ମର ଅବସ୍ଥା ପାଇଁ ଏହା ହେଉଛି ଗୋଟିଏ ଭବିଷ୍ୟବାଣୀ ।


**ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍**

# ସାରା ଭାରତର ଜମାତ୍ ଗୁଡିକ ମଧ୍ୟରୁ ତେହ୍‌ରିକ୍ ଯଦିଦ୍‌ରେ କାଦିଆନ୍ ପ୍ରଥମ ସ୍ଥାନ ଅଧିକାର କରିଛି । ହେ କାଦିଆନ୍ ନିବାସୀ ! ତୁମକୁ ଅଭିନନ୍ଦନ ।

ଏପରି ତ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସମସ୍ତ ଖୁତ୍‌ବା ସାରା ପୃଥିବୀରେ ବହୁତ ଧ୍ୟାନର ସହିତ ଶୁଣାଯାଏ କିନ୍ତୁ ତେହ୍‌ରିକ୍ ଯଦିଦ୍ ଓ ଓ୍ୱକ୍‌ଫେ ଯଦିଦ୍‌ର ଖୁତ୍‌ବା ଗୁଡିକୁ ଶୁଣିବାରେ ଯେଉଁ ଉତ୍ସାହ ଅଛି ତାହା ଅଲଗା ରକମର । ଏହାର କାରଣ ଗୁଡିକ ହେଉଛି ଏପରି ଉଦାହରଣ ସ୍ୱରୂପ * ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଖୁତ୍‌ବାରେ ସାରା ପୃଥିବୀର ବିଭିନ୍ନ ଜମାତ୍‌ରୁ ମାଲି କୁର୍‌ବାନୀ ସମ୍ପର୍କୀୟ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଶୁଣାଇଥାନ୍ତି * ବର୍ଷ ତମାମ ସାରା ପୃଥିବୀର ଅହେମଦୀମାନଙ୍କ ଦ୍ୱାରା କରାଯାଇଥିବା ମାଲି କୁର୍ବାନୀର ମୋଟ ଅସୁଲ୍ ବିଷୟରେ ଘୋଷଣା କରିଥାନ୍ତି * ପ୍ରଥମ ଦଶଗୋଟି ସ୍ଥାନ ଗ୍ରହଣ କରିଥିବା ଦେଶଗୁଡିକର ନାମ ବତାଇଥାନ୍ତି * ସାରା ପୃଥିବୀରୁ ତେହ୍‌ରିକ୍ ଯଦିଦ୍‌ରେ ସାମିଲ୍ ହୋଇଥିବା ଅହେମଦୀମାନଙ୍କର ସଂଖ୍ୟା ବତାଇଥାନ୍ତି * ବିଗତବର୍ଷ ତୁଳନାରେ ମାଲି କୁର୍ବାନୀରେ ବୃଦ୍ଧି ଓ ଯୋଗଦାନକାରୀଙ୍କ ବୃଦ୍ଧି ବିଷୟରେ ବତାଇଥାନ୍ତି । ଏହି ଉପରୋକ୍ତ କଥାଗୁଡିକ ତେହ୍‌ରିକ୍ ଯଦିଦ୍ ଏବଂ ଓ୍ୱକ୍‌ଫେ ଯଦିଦ୍ ସମ୍ବନ୍ଧିତ ଖୁତ୍‌ବାଗୁଡିକ ବହୁତ ବିଶ୍ୱାସ ବର୍ଦ୍ଧକ ଓ ହୃଦୟସ୍ପର୍ଶୀ କରିଦେଇଥାଏ ।

ଏବର୍ଷ ହଜୁର୍ ଅନୁଓ୍ୱର୍ କ୍ୟାମେରୁନ୍, ଗାମ୍ବିଆ, ବେନିନ୍, ଇଣ୍ଡିଆ, ତାନ୍‌ଜାନିଆ, ରୁଷିଆ, ମାଲି, ବୁର୍କିନାଫାସୋ, ଜର୍ମାନୀ, ଆଇଭରିକୋଷ୍ଟ୍, ଇଣ୍ଡୋନେସିଆ, ୟୁ.କେ, ବରୁଣ୍ଡି, କାନାଡା, କଙ୍ଗୋ ବ୍ରାଜାଓ୍ୱିଲ୍ ଏବଂ ପାକିସ୍ତାନ୍ ଦେଶରୁ ମାଲି କୁର୍ବାନୀ ସମ୍ବନ୍ଧିତ ଅତ୍ୟନ୍ତ ହୃଦୟସ୍ପର୍ଶୀ ଏବଂ ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଶୁଣାଇଲେ ।

ହଜୁର୍ ଅନୁଓ୍ୱର୍ ୯ ନଭେମ୍ବର୍ ୨୦୧୮ ଦିନ ତେହ୍‌ରିକ୍ ଯଦିଦ୍ ଦିନ ୮୫ତମ ବର୍ଷର ବୈଭବପୂର୍ଣ୍ଣ ଶୁଭାରମ୍ଭ ବିଷୟରେ ଘୋଷଣା କଲେ ଓ ୮୪ତମ ବର୍ଷ ଅର୍ଥାତ୍ ୨୦୧୭ ମସିହାର ମୋଟ ମାଲିକୁର୍ବାନୀ ବିଷୟରେ ଘୋଷଣା କରି କହିଲେ କି *''ଅଲ୍ଲାଃତାଲା ନିଷ୍ଠାପର ଲୋକମାନଙ୍କୁ ଏକକୋଟି ସତେଇଶି ଲକ୍ଷ୍ୟ ତେୟାନବେ ହଜାର୍ ପାଉଣ୍ଡ୍ କୁର୍ବାନୀ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି''* । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲାଜାଲିକ୍ ।

ଏବର୍ଷ ସବୁଠାରୁ ଅଧିକା ମାଲି କୁର୍ବାନୀ କରିଥିବା ଦେଶଗୁଡିକର ନାମ କ୍ରମାନୁସାରେ ଏପରି ରହିଛନ୍ତି – (୧)ପାକିସ୍ତାନ୍ (୨)ଜର୍ମାନୀ (୩)ବ୍ରିଟେନ୍ (୪)ଆମେରିକା (୫)କାନାଡ଼ା (୬)ଭାରତ (୭)ଅଷ୍ଟ୍ରେଲିଆ (୮)ମଧ୍ୟପ୍ରାଚ୍ୟର ଗୋଟିଏ ଦେଶ (୯)ଇଣ୍ଡୋନେସିଆ (୧୦)ଘାନା (୧୧)ମଧ୍ୟ ପ୍ରାଚ୍ୟର ଆଉଗୋଟିଏ ଦେଶ ।

ଭାରତରେ ସବୁଠାରୁ ଅଧିକ ମାଲି କୁର୍ବାନୀ କରିଥିବା ଦଶଟି ପ୍ରଦେଶ ଗୁଡିକର ନାମ କ୍ରମାନୁସାରେ ହେଉଛି ଏପରି (୧)କେରଳ (୨)କର୍ଣ୍ଣାଟକ (୩)ତାମିଲ୍‌ନାଡୁ (୪)ତେଲେଙ୍ଗାନା (୫)ଜାମ୍ମୁ କାଶ୍ମୀର (୬)ଓଡିଶା (୭)ପଞ୍ଜାବ (୮)ବେଙ୍ଗଲ (୯)ଦିଲ୍ଲୀ (୧୦)ମହାରାଷ୍ଟ୍ର ।

ମାଲି କୁର୍ବାନୀ ଦୃଷ୍ଟିକୋଣରୁ ଭାରତର ଦଶଟି ବଡଜମାତ୍‌ର ନାମଗୁଡିକ ହେଉଛି ଏପରି (୧)କାଦିଆନ୍ (ପଞ୍ଜାବ) (୨)ହାଇଦ୍ରାବାଦ୍ (ତେଲେଙ୍ଗାନା) (୩)ପିଥାପୁରମ୍ (କେରଳ) (୪)ଚେନ୍ନେଇ (ତାମିଲ୍‌ନାଡୁ) (୫)କାଲିକଟ୍ (କେରଳ) (୬)ବାଙ୍ଗାଲୋର୍ (କର୍ଣ୍ଣାଟକ) (୭)କୋଲ୍‌କାତା (ପଶ୍ଚିମବଙ୍ଗ) (୮)ପେଙ୍ଗାଡି (କେରଳ) (୯)କନାନୁର୍ ଟାଉନ୍ (କେରଳ) (୧୦)ୟାଦ୍‌ଗୀର୍ (କର୍ଣ୍ଣାଟକ) ।

ମୁଣ୍ଡପିଛା ଅଧିକ ଚାନ୍ଦା ପଇଠ କରିବା ଦୃଷ୍ଟିକୋଣରୁ ଦଶଗୋଟି ଦେଶର ନାମ କ୍ରମାନୁସାରେ ହେଉଛି ଏପରି- (୧)ସୁଇଜରଲାଣ୍ଡ୍ (୨)ଆମେରିକା (୩)ୟୁ.କେ (୪)ଅଷ୍ଟ୍ରେଲିଆ (୫)ସିଙ୍ଗାପୁର୍ (୬)ସ୍ୱୀଡେନ୍ (୭)ବେଲ୍‌ଜିଅମ୍ (୮)ଜର୍ମାନୀ (୯)କାନାଡା (୧୦)ଫିନ୍‌ଲାଣ୍ଡ୍ ।

ଏଠାରେ ଆମେ ବିଶେଷ ରୂପେ ସୂଚନା ଦେବାକୁ ଚାହୁଁଛୁ କି ୨୦୧୭ ମସିହାରେ ସାରା ଭାରତର ଜମାତ୍ ଗୁଡିକ ମଧ୍ୟରେ ସବୁଠାରୁ ଅଧିକା କୁର୍ବାନୀ କରିଥିବା ଦୃଷ୍ଟିକୋଣରୁ କାଦିଆନ୍ ୧ନମ୍ବର୍‌ରେ ରହିଛି । ସେଇଥିଯୋଗୁ ଆମେ ବହୁତ ଆନନ୍ଦିତ । ୧୧ ଫେବୃୟାରୀ ୨୦୧୬ ଅଖ୍‌ବାର୍ ବଦର୍‌ରେ ତେହ୍‌ରିକ୍ ଯଦିଦ୍ ସମ୍ବନ୍ଧରେ ଆମେ ଲେଖିଥିଲୁ କି ''କାଦିଆନ୍ ମସିହ୍ ମଉଦ୍‌ଙ୍କ ବସ୍ତି ହୋଇଥିବା ଯୋଗୁ ସମସ୍ତଙ୍କ ଠାରୁ ଆଗକୁ ବଳିଯିବା ପାଇଁ ଚେଷ୍ଟା କରିବା ଉଚିତ୍'' । ୨୦୧୬ ମସିହାରେ କାଦିଅନ୍ ୫ନମ୍ବର୍‌ରେ ଥିଲା । ୨୦୧୭ ମସିହାରେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ କାଦିଆନ୍ ୩ନମ୍ବର୍‌ରେ ପହଂଚିଲା । ସେଥିପାଇଁ ଆମେ ବହୁତ ଆନନ୍ଦିତ । ୨୦୧୭ ମସିହାରେ ଯେତେବେଳେ କାଦିଆନ୍ ସାରା ଭାରତର ଜମାତ ଗୁଡିକ ମଧ୍ୟରେ ତୃତୀୟ ନମ୍ବର୍‌ରେ ଥିଲା ସେତେବେଳେ ଆମେ ହୃଦୟର ଗଭୀରତମ ପ୍ରଦେଶରୁ ଏହା ଲେଖିଥିଲୁ କି ''ଆମେ ପୁଣି ଏହା କହିବୁ ଯେ କାଦିଆନ୍‌କୁ ମସିହ୍ ମଉଦ୍‌ଙ୍କ ବସ୍ତିରେ ହେବାଯୋଗୁ ଏକ ନମ୍ବର୍‌ରେ ଆସିବା ପାଇଁ ଚେଷ୍ଟା କରିବା ଉଚିତ୍'' ଓ ଅଲ୍ଲାଃତାଲା ତା କରୁଣା ଯୋଗେ ଏପରି କଲେ କି କାଦିଆନ୍‌କୁ ୨୦୧୮ ମସିହାରେ ଏକନମ୍ବର୍‌ରେ ଆସିବା ପାଇଁ ସୌଭାଗ୍ୟ ପ୍ରଦାନ କଲେ । ଅଲ୍‌ହମ୍‌ଦୋଲିଲ୍ଲାଃ ଆଲା ଜାଲିକ୍ । ହଜୁର୍ ଅନୁଓ୍ୱର୍ ଅଚାନକ୍ ସର୍ବପ୍ରଥମେ ଯେଉଁକ୍ଷଣି କାଦିଆନ୍‌ର ନାମ ଉଚ୍ଚାରଣ କଲେ ସେତେବେଳେ ଆମ ଆନନ୍ଦର ସୀମା ରହିଲା ନାହିଁ । କାଦିଆନ୍ ଦୁଇବର୍ଷ ମଧ୍ୟରେ ପାଂଚ ନମ୍ବର୍ ପୋଜିସନ୍‌ରୁ ଉଠି ଏକନମ୍ବରରେ ପହଂଚିଗଲା । ସେଥିଯୋଗୁ ସମସ୍ତ କାଦିଆନ ନିବାସୀ ମୁବାରକ୍‌ବାଦ୍ (ଶୁଭେଚ୍ଛା)ର ହକ୍‌ଦାର୍ ଅଟନ୍ତି ଓ ବିଶେଷ ରୂପେ ଯେଉଁମାନେ ତେହ୍‌ରିକ୍ ଯଦିଦ୍‌ର ମାଲି କୁର୍ବାନୀରେ ଅଧିକା ବଢ଼ି ଭାଗ ନେଇଛନ୍ତି ଏବଂ ଯେଉଁ ନିଷ୍ଠାପର ବ୍ୟକ୍ତିବିଶେଷ ଏଥିପାଇଁ ବହୁତ ପରିଶ୍ରମ କରିଛନ୍ତି (ସେ ସମସ୍ତଙ୍କୁ ଶୁଭେଚ୍ଛା) । କାଦିଆନ୍‌ର ଲୋକମାନେ ଏଥିଯୋଗୁ ବହୁତ ଆନନ୍ଦିତ ଓ ଏହି ଆନନ୍ଦର ଡାକ ଚାରିଆଡେ ଶୁଣିବାକୁ ମିଳୁଛି । କାଦିଆନ୍ ନିବାସୀଙ୍କ ଉପରେ ବର୍ତ୍ତମାନ ଏ ଦାୟିତ୍ୱ ନ୍ୟସ୍ତ ହୋଇଛି କି ସେମାନେ ଏହି ପୋଜିସନ୍‌କୁ କାଏମ୍ ରଖନ୍ତୁ ।

ପୋଜିସନ୍ ଦୃଷ୍ଟିକୋଣରୁ ସମଗ୍ର ଭାରତର ଜମାତ୍ ଗୁଡିକ ଓ ପ୍ରଦେଶ ଗୁଡିକର ୬ବର୍ଷର ସାରଣୀ ଉପସ୍ଥାପନ କରାଯାଉଛି ଯଦ୍ୱାର ଜମାତ୍‌ର ଲୋକମାନେ ଏହାକୁ ଅନୁଶୀଳନ କରିପାରିବେ ଏବଂ ମାଲିକୁର୍ବାନୀ ଦୃଷ୍ଟିକୋଣରୁ ନିଜ ନିଜର ଜମାତ୍ ଓ ପ୍ରଦେଶଗୁଡିକୁ ଆଗକୁ ଆଣିବା ପାଇଁ ଚେଷ୍ଟା କରିବେ । ଏଥିପାଇଁ ନିଶ୍ଚିତ ରୂପେ ନିଜ ଚାନ୍ଦାରେ ବିଶେଷ ବୃଦ୍ଧି କରିବାକୁ ପଡ଼ିବ ।

**ପୋଜିସନ୍ ହାସଲ କରିଥିବା ପ୍ରଥମ ଦଶଗୋଟି ଜମାତ୍‌ର ୬ବାର୍ଷିକ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୮ | କାଦିଆନ୍ | ହାଇଦ୍ରାବାଦ୍ | ପିଥାପୁରମ୍ | ଚେନେଇ | କାଲିକଟ୍ | ବାଙ୍ଗ୍‌ଲୋର୍ | କୋଲ୍‌କାତା | ପେଙ୍ଗାଡି | କନାନୁର୍ | ୟାଦ୍‌ଗୀର୍ |
| ୨୦୧୭ | କାଲିକଟ୍ | ପିଥାପୁରମ୍ | କାଦିଆନ୍ | ହାଇଦ୍ରାବାଦ୍ | କୋଲ୍‌କାତା | ବାଙ୍ଗ୍‌ଲୋର୍ | କନାନୁର୍ | ପେଙ୍ଗାଡି | ମାଥୁଟମ୍ | କରୋଲାଇ |
| ୨୦୧୬ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | ପିଥାପୁରମ୍ | କାଦିଆନ୍ | କନାନୁର | ପେଙ୍ଗାଡ | ଦିଲ୍ଲୀ | କୋଲ୍‌କାତା | ସଲ୍ୱର୍ |
| ୨୦୧୫ | କରୋଲାଇ | ହାଇଦ୍ରାବାଦ୍ | କାଲିକଟ୍ | କାଦିଆନ୍ | ପିଥାପୁରମ୍ | କନାନୁର୍ | ପେଙ୍ଗାଡି | କୋଲ୍‌କାତା | ବାଙ୍ଗ୍‌ଲୋର୍ | ସଲ୍ୱର୍ |
| ୨୦୧୪ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | କାଦିଆନ୍ | କନାନୁର୍ | ପେଙ୍ଗାଡି | ସୋଲୁର୍ | କୋଲ୍‌କାତା | ଚେନ୍ନେଇ | ବାଙ୍ଗ୍‌ଲୋର୍ |
| ୨୦୧୩ | କରୋଲାଇ | କାଲିକଟ୍ | ହାଇଦ୍ରାବାଦ୍ | କନାନୁର୍ | ପେଙ୍ଗାଡି | କାଦିଆନ୍ | କୋଲ୍‌କାତା | ୟାଦ୍‌ଗୀର୍ | ଚେନ୍ନେଇ | ମାଥୁଟମ୍ |

**ପୋଜିସନ୍ ହାସଲ କରିଥିବା ପ୍ରଥମ ଦଶଗୋଟି ପ୍ରଦେଶର ୬ବାର୍ଷିକ ସାରଣୀ**

| | ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
|---|---|---|---|---|---|---|---|---|---|---|
| ୨୦୧୮ | କେରଳ | କର୍ଣ୍ଣାଟକ | ତାମିଲ୍‌ନାଡୁ | ତେଲେଙ୍ଗାନା | J & K | ଓଡିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୭ | କେରଳ | କର୍ଣ୍ଣାଟକ | J & K | ତେଲେଙ୍ଗାନା | ତାମିଲ୍‌ନାଡୁ | ଓଡିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୬ | କେରଳ | କର୍ଣ୍ଣାଟକ | AP | ତାମିଲ୍‌ନାଡୁ | J & K | ଓଡିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୫ | କେରଳ | ତାମିଲ୍‌ନାଡୁ | କର୍ଣ୍ଣାଟକ | AP | J & K | ଓଡିଶା | ପଞ୍ଜାବ | ବଙ୍ଗାଲ୍ | ଦିଲ୍ଲୀ | ମହାରାଷ୍ଟ୍ର |
| ୨୦୧୪ | କେରଳ | ତାମିଲ୍‌ନାଡୁ | କର୍ଣ୍ଣାଟକ | AP | J & K | ଓଡିଶା | ବଙ୍ଗାଲ୍ | ପଞ୍ଜାବ | ଦିଲ୍ଲୀ | ଲକ୍ଷଦୀପ |
| ୨୦୧୩ | କେରଳ | AP | J & K | କର୍ଣ୍ଣାଟକ | ବଙ୍ଗାଲ୍ | ଓଡିଶା | ପଞ୍ଜାବ | UP | ମହାରାଷ୍ଟ୍ର | ଦିଲ୍ଲୀ |

ଆମେ ହାଇଦ୍ରାବାଦ୍‌ର ଚର୍ଚ୍ଚା ମଧ୍ୟ ବହୁତ ଖୁସିର ସହିତ କରୁଅଛୁ କି ଯିଏ ପଛବର୍ଷ ୪ନଂରେ ଥିଲା ସେ ଏବର୍ଷ ଦ୍ୱିତୀୟ ପୋଜିସନ୍ ହାସଲ୍ କରିଛନ୍ତି । ଏ ଦୃଷ୍ଟିକୋଣରୁ ହାଇଦ୍ରାବାଦ୍ ନିବାସୀ ମଧ୍ୟ ଅଭିନନ୍ଦନ ପାଇବାର ହକ୍‌ଦାର୍ । ଆଉକିଛି ଜମାତ୍‌ର ଆମେ ଏଠାରେ ଉଲ୍ଲେଖ କରିବାକୁ ଚାହୁଁଅଛୁ । ଚେନାଇ ୨୦୧୩ ଏବଂ ୨୦୧୪ରେ ୯ନଂରେ ଥିଲା ପୁଣି ତିନିବର୍ଷ ପର୍ଯ୍ୟନ୍ତ ୧୦ନଂ ମଧ୍ୟରେ ତାର ନାମ ରହିଲାନାହିଁ । ପୁଣି ଅଚାନକ ୨୦୧୮ରେ ସେ ଚତୁର୍ଥ ପୋଜିସନ୍‌ରେ ଆସିଗଲା । ଏ ଦୃଷ୍ଟିକୋଣରୁ ଚେନାଇ ମଧ୍ୟ ପ୍ରଶଂସାଯୋଗ୍ୟ । ୟାଦ୍‌ଗୀର୍ ୨୦୧୩ ମସିହାରେ ୮ନଂରେ ଥିଲା । ପୁଣି ତା ପର ଚାରିବର୍ଷ ପର୍ଯ୍ୟନ୍ତ ପ୍ରଥମ ଦଶଟି ଜମାତ୍ ମଧ୍ୟରେ ତା'ର ନା ନଥିଲା କିନ୍ତୁ ଏବର୍ଷ ୨୦୧୮ରେ ସେ ପ୍ରଥମ ରାତିର ଚନ୍ଦ୍ରମା ପରି ଉଦୟ ହୋଇଗଲା । ଆଶା କରୁଛୁ ଆସନ୍ତାକୁ ସେ ବିକଶିତ ହେବ ।

ଏବେ ଜମାତ୍ ଗୁଡିକ ପରେ ଆମେ ପ୍ରଦେଶ ଗୁଡିକର ଚର୍ଚ୍ଚା କରିବା । କେରଳ ବହୁତ ଶୋଚନୀୟ ପରିସ୍ଥିତିରେ ଗତି କରୁଥିବା ସତ୍ୱେ ମଧ୍ୟ ନିଜର ପ୍ରଥମ ପୋଜିସନ୍‌କୁ ବଜାୟ ରଖିଛି । ବନ୍ୟା ଯୋଗୁ ଅନେକ ଅହେମଦୀମାନଙ୍କୁ ବହୁତ କ୍ଷତି ଉଠାଇବାକୁ ପଡ଼ିଲା । ଅଲ୍ଲାଃତାଲା ସେମାନଙ୍କର କ୍ଷତିକୁ ପୂରଣ କରନ୍ତୁ ଓ ସେମାନଙ୍କ ଧନ ସମ୍ପତିରେ ପୂର୍ବଠାରୁ ବଳି ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ।

ତାମିଲ୍‌ନାଡୁ, ଯିଏ ପଛବର୍ଷ ପଂଚମ ସ୍ଥାନରେ ଥିଲା ସେ ବର୍ତମାନ ତୃତୀୟ ପୋଜିସନ୍ ହାସଲ କରିଛି । ସେଥିଯୋଗୁ ତାମିଲ୍‌ନାଡୁ ମଧ୍ୟ ମୁବାରକ୍‌ବାଦ୍‌ର ହକ୍‌ଦାର୍ । ଏପରି ଦେଖାଯାଏ ତ ୨୦୧୪ ଏବଂ ୨୦୧୫ରେ ତାମିଲ୍‌ନାଡୁର ପୋଜିସନ୍ ଦ୍ୱିତୀୟ ଥିଲା, ୨୦୧୬ରେ ଚତୁର୍ଥ ଏବଂ ୨୦୧୭ରେ ପଂଚମ ପୋଜିସନ୍‌ରେ ରହିଲା । ଜାମ୍ମୁ କାଶ୍ମିର ଯିଏ ତୃତୀୟ ପୋଜିସନ୍ ଥିଲା ସେ ବର୍ତମାନ ପଂଚମ ପୋଜିସନ୍‌କୁ ଚାଲିଯାଇଛି । ଏହି ଦୁଇଗୋଟି ପ୍ରଦେଶ ପୋଜିସନ୍ ଦୃଷ୍ଟିକୋଣରୁ ଆପୋଷରେ ସ୍ଥାନ ପରିବର୍ତନ କରିଛନ୍ତି । କର୍ଣ୍ଣାଟକ ଯିଏ ପ୍ରଥମେ ଚତୁର୍ଥ ଏବଂ ତୃତୟ ସ୍ଥାନରେ ରହୁଥିଲା ଏବେ ତିନିବର୍ଷ ଲଗାତାର ସେ ନିଜର ଦ୍ୱିତୀୟ ପୋଜିସନ୍‌କୁ ବଜାୟ ରଖିଛି ।

ଏବେ ଶେଷରେ ଆମେ ଜମାତ୍ ଅହେମଦୀୟା ଭାରତର ସଦସ୍ୟମାନଙ୍କ ନିକଟରେ ନିବେଦନ କରୁଅଛୁ କି ନୁଆ ଓ୍ୱାଦା (ପ୍ରତିଶୃତି) ବିଗତ ଓ୍ୱାଦାଗୁଡିକଠାରୁ ଅତି କମ୍‌ରେ ଦଶ ପ୍ରତିଶତ ଅଧିକା କରି ଲେଖାନ୍ତୁ । ଯିଏ ଯେତେ ଅଧିକ କରି ଲେଖାଇବେ ସେ ସେତେ ଅଧିକ ପୁଣ୍ୟ ପାଇବାର ହକ୍‌ଦାର୍ ହେବେ । ନିଷ୍ଠାର ସହିତ କରାଯାଇଥିବା କୁର୍ବାନୀକୁ ଅଲ୍ଲାଃତାଲା କେବେ ଜାୟା କରେନାହିଁ ଓ ତା ବଦଳରେ ଏହି ସଂସାରରେ ମଧ୍ୟ ପ୍ରଦାନ କରିଥାଏ ଓ ଏତଦ୍‌ବ୍ୟତୀତ ପରକାଳର ପୁରସ୍କାର ଅଲଗା ରହିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ ମୁଣ୍ଡପିଛା ପଇଠ କରିଥିବା ଦୃଷ୍ଟିକୋଣରୁ ସବୁଠାରୁ ଅଧିକା କୁର୍ବାନୀ କରିଥିବା ଦଶଗୋଟି ଦେଶର ଯେଉଁ ନାମ ଗୁଡିକ ବତାଇଲେ ସେଥିରେ ଭାରତର କୌଣସି ସ୍ଥାନ ନାହିଁ । ଏହାର ଅର୍ଥ ହେଉଛି ବର୍ତମାନ ଚାନ୍ଦା ବୃଦ୍ଧି କରିବାର ବହୁତ ଆବଶ୍ୟକତା ରହିଛି । ଭାରତର ନାମ ମୁଣ୍ଡପିଛା ପଇଠ ଦୃଷ୍ଟିକୋଣରୁ ପ୍ରଥମ ଦଶଗୋଟି ଦେଶର ସୂଚୀରେ ଆସିବା ଉଚିତ୍ । ଏହା ସେତେବେଳେ ହେବ ଯେତେବେଳେ ଆମେ ବାସ୍ତବରେ ନିଜ ଚାନ୍ଦାରେ ଆଖିଦୃଷ୍ଟିଆ ବୃଦ୍ଧି କରିବା ।

ଆମକୁ ଏଥିରେ ଚିନ୍ତା ଓ ଅନୁଶୀଳନ କରିବାକୁ ହେବ କି ପୃଥିବୀର ଦେଶଗୁଡିକ ମଧ୍ୟରେ ଭାରତ ଅନେକ ବର୍ଷ ହେବ ଗୋଟିଏ ସ୍ଥାନରେ ଛିଡା ହୋଇଛି । ନିଜ ଚାନ୍ଦାଗୁଡିକରେ ବିଶେଷ ବୃଦ୍ଧି ଘଟାଇ ତାକୁ ଉପରକୁ ନେଇଯିବା ପାଇଁ ଚେଷ୍ଟା କରନ୍ତୁ । ଆମେ ଏପରି କରିପାରିବା କିନ୍ତୁ କେବଳ ଧ୍ୟାନ ଓ ମନସ୍ଥରେ ଅଭାବ ଅଛି । ଅଲ୍ଲାଃତାଲା ଆମ ଏହି ଦେଶକୁ, ଯେଉଁଠି ମସିହ୍ ମଉଦ୍ ଆ:ସ ଜନ୍ମ ହୋଇଛନ୍ତି, କୁର୍ବାନୀ କରିବା ପାଇଁ ଏବଂ ଉନ୍ନତିମୂଳକ ପ୍ରତ୍ୟେକ କ୍ଷେତ୍ରରେ ବିଶେଷ ସ୍ଥାନରେ ଛିଡା ହେବାପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ।

# ଖୁତ୍‌ବା ଜୁମା

## ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଉ ଛଅଜଣ ସାହାବା ହଜ୍‌ରତ୍ ଉମୈର୍ ବିନ୍ ଅବି ୱ୍ୱକାସ୍, ହଜ୍‌ରତ୍ କତ୍‌ବା ବିନ୍ ଆମୀର୍ ଅନ୍‌ସାରୀ, ହଜ୍‌ରତ୍ ଶୁଜାଅ ବିନ୍ ୱ୍ୱହବ୍, ହଜ୍‌ରତ୍ ଶମାସ୍ ବିନ୍ ଉସ୍‌ମାନ୍, ହଜ୍‌ରତ୍ ଅବୁ ଅବସ୍ ବିନ୍ ଜବର୍ ଏବଂ ହଜ୍‌ରତ୍ ଅବୁ ଅକିଲ୍ ବିନ୍ ଅବ୍‌ଦୁଲ୍ଲାଃ ଅନ୍‌ସାରୀ ରିଜ୍‌ୱାନୁଲ୍ଲାହି ଆଲୈହିମ୍‌ଙ୍କ ସଂକ୍ଷିପ୍ତ ଘଟଣା ପର୍ଯ୍ୟବେଶିତ ଆତ୍ମଜୀବନୀ ଏବଂ ଜୀବନ ଚରିତର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

## ମୁହତରମ୍ ମୌଲାନା ଅବ୍‌ଦୁଲ୍ ଅଜିଜ୍ ସାଦିକ୍ ସାହେବ୍ ମୁରବୀ ସିଲ୍‌ସିଲା ବଙ୍ଗଳାଦେଶଙ୍କ ଦେହାନ୍ତ । ମୋକରମ୍ ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ସାହେବ୍ ସୁପୁତ୍ର ମୋକରମ୍ ଇଶାରତ୍ ଅହେମଦ୍ ସାହେବ୍‌ଙ୍କ ଜିଲ୍ଲା ନନ୍‌କାନାର ସେଦୁୱ୍ୱାଲାଠାରେ ଶାହାଦତ୍, ମରହୁମିନ୍‌ଙ୍କର ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୩୧ ଅଗଷ୍ଟ ୨୦୧୮ ଅନୁଯାୟୀ ୩୧ ଜହୁର୍ ୧୩୯୭ ହିଜ୍‌ରି ଶମ୍‌ସି)**

ହଜ୍‌ରତ୍ ଉମୈର୍ ବିନ୍ ଅବିୱ୍ୱକାସ୍ ଜଣେ ବଦ୍‌ରି ସାହାବା ଥିଲେ ଯାହାଙ୍କ ବାପାଙ୍କ ନାମ ଅବୁ ୱ୍ୱକାସ୍ ମାଲିକ୍ ବିନ୍ ଉହଏବ୍ ଥିଲା । ତାଙ୍କର ଶାହାଦତ୍ ବଦର୍ ଯୁଦ୍ଧରେ ଦୁଇ ହିଜ୍‌ରିରେ ହୋଇଥିଲା । ହଜ୍‌ରତ୍ ଉମୈର୍ ର:ଅ ହଜ୍‌ରତ୍ ସାଆଦ୍ ବିନ୍ ଅବି ୱ୍ୱକାସ୍‌ଙ୍କ ଛୋଟଭାଇଥିଲେ । ସେ ପ୍ରାରମ୍ଭିକ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଥିଲେ । ତାଙ୍କ ମା'ଙ୍କ ନାମ ହମ୍‌ନା ବିନ୍‌ତ୍ ସୁଫିଆନ୍ ଥିଲା ଯାହାଙ୍କ ସମ୍ବନ୍ଧ କୁରୈଶ କବିଲାର ବନୁ ଜୁହେରା ସହିତ ଥିଲା ଏବଂ ଯେପରି କୁହାଗଲା କି ସେ ବଦର୍ ଯୁଦ୍ଧରେ ସାମିଲ୍ ହୋଇଥିଲେ ଓ ସେହିଠାରେ ହିଁ ସେ ଶହୀଦ୍ ହେଲେ । ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମୈର୍ ଏବଂ ଉମ୍‌ରୋ ବିନ୍ ମାଆଜ୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । (ଅଲ୍ ଇସ୍ତିଆବ୍, ଖଣ୍ଡ-୩, ପୃଷ୍ଠା-୨୯୪, ଉମୈର୍ ବିନ୍ ଅବି ୱ୍ୱକାସ୍, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍-୨୦୦୨) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୭୯, ଉମୈର୍ ବିନ୍ ଅବି ୱ୍ୱକାସ୍, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ ଅଲ୍ ଅରବୀ ବେରୁତ୍ ୧୯୯୬) । କିଛି ଲୋକଙ୍କର ଏ ଧାରଣା କି ହଜ୍‌ରତ୍ ଉମୈର୍ ବିନ୍ ଅବି ୱ୍ୱକାସ୍ ଏବଂ ହଜ୍‌ରତ୍ ଖୁବେବ୍ ବିନ୍ ଅଦିଙ୍କ ମଧ୍ୟରେ ମୁଆଖାତ୍ କାଏମ୍ ହୋଇଥିଲା । (ଅୟୁନୁଲ୍ ଅସର୍, ପ୍ରଥମ ଖଣ୍ଡ, ପୃଷ୍ଠା-୨୩୨ ବାବ୍ ଜିକ୍‌ରୁଲ୍ ମୁଆଖାତ୍, ମୁଦ୍ରଣ ଦାରୁଲ୍ କଲମ୍, ବେରୁତ୍-୧୯୯୩)

ତାଙ୍କ ଶହୀଦ୍ ହେବାର ଘଟଣା ଏବଂ ବଦର୍ ଯୁଦ୍ଧରେ ସାମିଲ୍ ହେବା ବିଷୟରେ ଚର୍ଚ୍ଚା କରି ସିରତ୍ ଖାତମୁନ୍ ନବୀଇନ୍ ପୁସ୍ତକରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏପରି ଲେଖଛନ୍ତି କି ମଦ୍ଦିନାରୁ ଅଳ୍ପ ଦୂରତାରେ ଆଁ ଜହ୍‌ରତ୍ ସ:ଆ:ସ ଡେରା ପକାଇବା ପାଇଁ ନିର୍ଦ୍ଦେଶ ଦେଲେ ଓ ସେନାର ଜାଏଜା ନେଲେ । କମ୍ ବୟସର ପିଲା ଯେଉଁମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯୁଦ୍ଧରେ ସାମିଲ୍ ହେବାପାଇଁ ସଉକ୍ କରି ଚାଲିଆସିଥିଲେ ସେମାନଙ୍କୁ ଫେରାଇ ଦିଆଗଲା । ସାଆଦ୍ ବିନ୍ ଅବି ୱ୍ୱକାସ୍‌ଙ୍କ ଛୋଟଭାଇ ଉମୈର୍ ମଧ କମ୍ ବୟସର ଥିଲେ । ସେ ଯେତେବେଳେ ପିଲାମାନଙ୍କୁ ଫେରିଯିବା ପାଇଁ ନିର୍ଦ୍ଦେଶକୁ ଶୁଣିଲେ ସେତେବେଳେ ସେନା ଭିତରେ ଏଣୁତେଣୁ ଯାଇ ଲୁଚିଗଲେ । କିନ୍ତୁ ଶେଷରେ ତାଙ୍କର ପାଳି ପଡିଗଲା ଓ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦେଲେ । ଏ ନିର୍ଦ୍ଦେଶ ଶୁଣି ଉମୈର୍ କାନ୍ଦିବାକୁ ଲାଗିଲେ । (ଫଳତଃ) ଆଁ ହଜ୍‌ରତ୍ ସ:ଆ:ସ ତାଙ୍କର ଏପରି ଅସାଧାରଣ ସଉକକୁ ଦେଖି ତାଙ୍କୁ ବଦର ଯୁଦ୍ଧରେ ସାମିଲ୍ ହେବାପାଇଁ ଅନୁମତି ଦେଇଦେଲେ ।(ସିରତ୍ ଖାତମୁନ୍ ନବୀଇନ୍, ଲେଖକ-ହଜ୍‌ରତ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୩୫୩)

ଆଉଗୋଟିଏ ଇତିହାସ ପୁସ୍ତକରେ ତାଙ୍କ ବିଷୟରେ ଏପରି ମିଳୁଅଛି କି ଉମ୍‌ରୋ ବିନ୍ ସାଆଦ୍ ନିଜ ବାପାଙ୍କଠାରୁ ରିୱ୍ୱାୟତ୍ କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ ବଦର୍ ଆଡକୁ ଯିବା ପୂର୍ବରୁ ଆମର ନିରୀକ୍ଷଣ କରୁଥିଲେ, ସେତେବେଳେ ମୁଁ ମୋ ଭାଇ ଉମୈର୍ ବିନ୍ ଅବି ୱ୍ୱକାସ୍‌କୁ ଦେଖିବାକୁ ପାଇଲି କି ସେ ଏଣୁତେଣୁ ଲୁଚି ବୁଲୁଥିଲେ । ଏଥିରେ ମୁଁ ତାଙ୍କୁ ପଚାରିଲି ହେ ଭାଇ, ତୁମର କଣ ହୋଇଛି ? ଏଥିରେ ସେ କହିଲେ ମୁଁ ଭୟ କରୁଛି କି କାଳେ ରସୁଲୁଲ୍ଲାଃ ସ:ଆ:ସ ମୋତେ ଦେଖିନେବେ ଓ ଛୋଟପିଲା ଭାବି ଫେରାଇଦେବେ । ମୁଁ ଯୁଦ୍ଧ କରିବାକୁ ଚାହୁଁଛି । ଏହାଦ୍ୱାରା କାଳେ ଅଲ୍ଲାଃତାଲା ମୋତେ ଶାହାଦତ୍ ପ୍ରଦାନ କରିଦେବେ । ସୁତରାଂ ଯେତେବେଳେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ:ଆ:ସ ତାଙ୍କୁ ଛୋଟ ଭାବି ଫେରିଯିବା ପାଇଁ ନିର୍ଦ୍ଦେଶ ଦେଲେ । ଏଥିରେ ଉମୈର୍ କାନ୍ଦିବାକୁ ଲାଗିଲେ । ଏହାଦେଖି ରସୁଲୁଲ୍ଲାଃ ସ:ଆ:ସ ତାଙ୍କୁ ଯୁଦ୍ଧରେ ସାମିଲ୍ ହେବାପାଇଁ ଅନୁମତି ଦେଇଦେଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୭୯, ଉମୈର୍ ବିନ୍ ଅବି ୱ୍ୱକାସ୍, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) ତାଙ୍କ ତରବାରୀଟି ବଡ ଥିଲା । ଗୋଟିଏ ରିୱ୍ୱାୟତ୍‌ରେ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସ ନିଜ ପବିତ୍ର ହସ୍ତଦ୍ୱାରା ତାଙ୍କ ତରବାରୀର ନିଆମ୍‌କୁ ବାନ୍ଧିଥିଲେ । (ଅଲ୍‌ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୪, ପୃଷ୍ଠା-୬୦୩, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ୍-୨୦୦୫) ହଜ୍‌ରତ୍ ଉମୈର୍ ବିନ୍ ଅବି ୱ୍ୱକାସ୍ ଯେତେବେଳେ ବଦର୍ ଯୁଦ୍ଧରେ ଶହିଦ୍ ହେଲେ, ସେତେବେଳେ ତାଙ୍କର ବୟସ ୧୬ବର୍ଷ ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୭୯, ଉମୈର୍ ବିନ୍ ଅବି ୱ୍ୱକାସ୍, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) ୧୬ ବର୍ଷର ବୟସ ମଧ ଏପରି ଥିଲା ଯେଉଁଥିରେ ତାଙ୍କର ଚେହେରା ନିଶ୍ଚିତ ରୂପେ ଛୋଟ ଆକୃତିର ଥିବ ଏବଂ ଆଁ ହଜ୍‌ର୍‌ତ୍ ସ:ଆ:ସ ସାଧାରଣତଃ ଛୋଟ ବୟସର ପିଲାମାନଙ୍କୁ ଯୁଦ୍ଧ କରିବା ପାଇଁ ଅନୁମତି ଦେଇନାହାଁନ୍ତି ।

ଅନ୍ୟ ଯେଉଁ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ କତ୍‌ବା ବିନ୍ ଆମୀର୍ । ସେ ଅନ୍‌ସାରୀ ଥିଲେ ଓ ଆମୀର୍ ବିନ୍ ହଦିଦାଃଙ୍କ ପୁତ୍ର ଥିଲେ । ତାଙ୍କର ଦେହାନ୍ତ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟରେ ହୋଇଥିଲା । ତାଙ୍କ ମା'ଙ୍କ ନାମ ଜଏନବ୍ ବିନ୍‌ତ୍ ଉମ୍‌ରୋ ଥିଲା । ତାଙ୍କ ସ୍ତ୍ରୀଙ୍କ ନାମ ହଜ୍‌ରତ୍ ଉମ୍ମେ ଉମ୍‌ରୋ ଥିଲା ଯାହାଙ୍କ ଠାରୁ ତାଙ୍କର ଜଣେ ଝିଅ ହଜ୍‌ରତ୍ ଉମ୍ମେ ଜମିଲ୍ ଥିଲେ । ବୟତ ଉକ୍‌ବା ଉଲା ଏବଂ ସାନିଆ ଏହି ଦୁଇଟିରେ ସେ ସାମିଲ୍ ହୋଇଥିଲେ । ଏବଂ ସେ ସେହି ଛଅଜଣ ଅନ୍‌ସାରୀ ସାହାବାଙ୍କ ମଧ୍ୟରେ ଥିଲେ, ଯେଉଁମାନେ ମକ୍କାଠାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉପରେ ଇମାନ୍ ଆଣିଥିଲେ । ତାଙ୍କ ପୂର୍ବରୁ ଅନ୍‌ସାର୍ ମାନଙ୍କ ମଧ୍ୟରୁ କେହି ମୁସଲ୍‌ମାନ୍ ହୋଇନଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୯୪, କତ୍‌ବା ବିନ୍ ଆମୀର୍, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬)

ତାଙ୍କ ଇସ୍‌ଲାମ୍ ଗ୍ରହଣ କରିବାର ଘଟଣା ପୁସ୍ତକ ସିରତେ ଖାତମୁନ୍ ନବୀଇନ୍‌ରେ ଏପରି ଉଲ୍ଲେଖ ରହିଛି କି ୧୧ ନବୱ୍ୱିର ରଜବ ମାସରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ମକ୍କାଠାରେ ୟସ୍‌ରବ୍‌ବାସୀଙ୍କ ସହିତ ଅର୍ଥାତ୍ ମଦିନାବାସୀଙ୍କ ସହିତ ପୁଣି ସାକ୍ଷାତ୍ ହୋଇଗଲା । ଆପଣ ସ:ଆ:ସ ଯେତେବେଳେ ତାଙ୍କର ଜାତି ଗୋତ୍ର ପଚାରି ବୁଝିଲେ ଜାଣିପାରିଲେ କି ଏମାନେ କବିଲା ଖଜ୍‌ରଜ୍‌ର ଲୋକେ ଓ ୟସ୍‌ରବ୍‌ରୁ ଆସିଛନ୍ତି । ଆଁ ହଜ୍‌ରତ୍ ସ:ଆ:ସ ଅତ୍ୟନ୍ତ ପ୍ରେମପୂର୍ଣ୍ଣ ଭଙ୍ଗିରେ କହିଲେ କଣ ଆପଣମାନେ ମୋର କିଛି କଥା ଶୁଣିପାରିବେ । ଏଥିରେ ସେମାନେ କହିଲେ ହଁ । ଏଥିରେ ଆପଣ ସ:ଆ:ସ ବସିପଡିଲେ ଓ ସେମାନଙ୍କୁ ଇସ୍‌ଲାମ୍‌ର ନିମନ୍ତ୍ରଣ ଦେଲେ ଓ ପବିତ୍ର କୋରାନ୍‌ର କିଛି ଆୟତ ଶୁଣାଇ ନିଜ ମିଶନ୍‌ର ସୂଚନା ଦେଲେ । ସେମାନେ ଜଣେ ଅନ୍ୟଜଣକ ଆଡକୁ ଦେଖି କହିଲେ ଏହା ହେଉଛି ଗୋଟିଏ ଅବସର । ଏପରି ନହେଉ କି ୟୁହୁଦୀ ଆମଠାରୁ ଆଗକୁ ବଢ଼ିଯାଆନ୍ତୁ । ଏବଂ ଏହା କହି ସେମାନେ ସମସ୍ତେ ମୁସଲ୍‌ମାନ୍ ହୋଇଗଲେ । ଏମାନେ ଛଅଜଣ ଥିଲେ, ସେମାନଙ୍କର ନାମ ହେଉଛି ଏପରି । ଅବୁ ଉମାମା ଅସ୍‌ଅଦ୍ ବିନ୍ ଜୁରାରାଃ,ଯିଏ ବନୁ ନଜ୍ଜାର୍‌ର ବ୍ୟକ୍ତି ଥିଲେ ଓ ତସ୍‌ଦିକ୍ କରିବାରେ ସର୍ବପ୍ରଥମ ଥିଲେ । ଅଓଫ୍ ବିନ୍ ହାରିସ୍ ସେ ମଧ ବନୁ ନଜ୍ଜାର୍ କବିଲାର ଥିଲେ ଯାହା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାଦା ଅବ୍‌ଦୁଲ୍ ମୁତଲିବ୍‌ଙ୍କ ନନାଘରର କବିଲା ଥିଲା । ରାଫେ ବିନ୍ ମାଲିକ୍ ଯିଏ ବନୁ ଜୁରୈକ୍‌ର ଥିଲେ, ଯେଉଁ କୋରାନ୍ ଶରିଫ୍ ଅବତୀର୍ଣ୍ଣ ହୋଇସାରିଥିଲା ଏ ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ତାଙ୍କୁ ପ୍ରଦାନ କଲେ । କତ୍‌ବା ବିନ୍ ଆମିର୍ ଯିଏ ବନି ସଲ୍‌ମାର ଥିଲେ ଏବଂ ଉକ୍‌ବା ବିନ୍ ଆମିର୍ ଯିଏ ବନି ହରାମ୍‌ର ଥିଲେ ଏବଂ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ବିନ୍ ରବାବ୍ ବନି ଉବୈଦ୍‌ର ଥିଲେ । ଏହାପରେ ଏ ଲୋକମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଠାରୁ ବିଦାୟ ଦେଇ ଯିବାବେଳେ କହିଲେ କି ଆମକୁ ଗୃହଯୁଦ୍ଧ ବହୁତ ଦୁର୍ବଳ କରିଦେଇଛି ଓ ଆମମାନଙ୍କ ମଧ୍ୟରେ ଆପୋଷରେ ବହୁତ ଅବୁଝାମଣା ରହିଛି । ଆମେ ୟସ୍‌ରବ୍‌ରେ ଯାଇ ନିଜ ଜ୍ଞାତି କୁଟୁମ୍ବକୁ ଇସ୍‌ଲାମ୍‌ର ତବ୍‌ଲିଗ୍ କରିବୁ । ଆଶ୍ଚର୍ଯ୍ୟ ନୁହେଁ କି ଅଲ୍ଲାଃତାଲା ଆପଣ ସ:ଆ:ସଙ୍କ ଜରିଆରେ ଆମକୁ ପୁଣି ଏକାଠି କରିଦେବେ । ପୁଣି ଆମେ ସବୁପ୍ରକାରର ସାହାଯ୍ୟ ସହଯୋଗ ଆପଣଙ୍କ ସହିତ କରିବା ପାଇଁ ପ୍ରସ୍ତୁତ ହେବୁ । ସୁତରାଂ ସେହି ଲୋକମାନେ ଚାଲିଗଲେ ଓ ସେମାନଙ୍କ ଯୋଗୁଁ ୟସ୍‌ରବ୍‌ରେ ଇସ୍‌ଲାମ୍‌ର ଚର୍ଚ୍ଚା ହେଲା । (ସିରତ୍ ଖାତବୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୨୨୧-୨୨୨) । ଲୋକେ କହୁଛନ୍ତି କି ଇସ୍‌ଲାମ୍ ଆସି ବିଭ୍ରାଟ କରିଦେଲା ବୋଲି ! ? (କିନ୍ତୁ ଏଠାରେ ଦେଖନ୍ତୁ) ଇସ୍‌ଲାମ୍ ଯୋଗୁ ଆପୋଷରେ ଥିବା ମନୋମାଳିନ୍ୟ ଓ ବିଭ୍ରାଟ ଶେଷ ହୋଇଯିବାର ପ୍ରକାଶ ସେହି ଲୋକମାନେ କଲେ ଏବଂ ତାହା ପୁଣି ପ୍ରକୃତରେ ହେଲା ମଧ ଏବଂ ସେହି ଲୋକମାନେ ଯେଉଁମାନେ ଆପୋଷରେ ଭୀଷଣ ଶତୃଥିଲେ ସେମାନେ ଭାଇଭାଇ ହୋଇଗଲେ । ବିଗତ ଖୁତ୍‌ବାରେ ମଧ ମୁଁ ଗୋଟିଏ ଚର୍ଚ୍ଚା କରିଥିଲି କି ସେହି ଲୋକମାନଙ୍କର ଆପୋଷରେ ଭାଇଭାଇ ହୋଇଯିବା ଯୋଗୁ ତାହା ଶତୃଙ୍କ ଆଖିରେ ଯାଉନଥିଲା । ସେଇଥିପାଇଁ ସେମାନେ ବିଭ୍ରାଟ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ପୁଣି ଆଁ ହଜ୍‌ରତ୍ ସ:ଆ:ସଙ୍କ ବୁଝାସୁଝା କରିବାରେ ଓ ଆପଣ ସ:ଆ:ସଙ୍କ ପବିତ୍ର ଶକ୍ତିଦ୍ୱାରା ସେଠାରେ ଏକ ଭାଇଚରାର ପରିବେଶ ପୁନର୍ବାର ସୃଷ୍ଟି ହୋଇଗଲା ।

ରସୁଲୁଲ୍ଲାଃ ସ:ଆ:ସଙ୍କ ସାହାବା ମାନଙ୍କ ମଧ୍ୟରେ ହଜ୍‌ରତ୍ କତ୍‌ବାଙ୍କ ଗଣନା ଜଣେ ଉତମ ଧନୁର୍ଦ୍ଧାରୀ ରୂପେ ହେଉଥିଲା । ସେ ବଦର୍, ୱ୍ୱହଦ୍, ଖନ୍ଦକ ଓ ଅନ୍ୟାନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ୱ୍ୱହଦ୍ ଯୁଦ୍ଧରେ ସେ ବହୁତ ସାହସିକତାର ସହିତ ଲଢ଼ିଥିଲେ । ତେଣୁ ସେହିଦିନ ତାଙ୍କୁ ୯ଟି କ୍ଷେତ ପହଂଚିଥିଲା । ଫତାଃ ମକା ଅବସରରେ ବନୁ ସଲ୍‌ମାର ଧ୍ୱଜା ତାଙ୍କ ହାତରେ ଥିଲା । ବଦର୍ ଯୁଦ୍ଧରେ ହଜ୍‌ରତ୍ କତ୍‌ବାଙ୍କର ଏପରି ଦୃଢ଼ତା ଥିଲା କ ସେ ଦୁଇଗୋଟି ଧାଡି ମଝିରେ ଗୋଟିଏ ପଥର ରଖି କହିଲେ କି ମୁଁ ସେପର୍ଯ୍ୟନ୍ତ ପିଠି ଫେରାଇ ଯିବିନାହି ଯେପର୍ଯ୍ୟନ୍ତ ଏହି ପଥରଟି ପଳାଇନଯାଇଛି ଅର୍ଥାତ୍ ଏ ସର୍ତ୍ତ ଲଗାଇଦେଲେ କି ମୋ ଜୀବନ ପଛେ ଚାଲିଯିବ, କିନ୍ତୁ ମୁଁ ଯୁଦ୍ଧକ୍ଷେତ୍ରକୁ ଛାଡି ପଳାୟନ କରିବି ନାହିଁ ।

ତାଙ୍କ ଭାଇ ୟଜିଦ୍ ବିନ୍ ଆମୀର୍ ଯିଏ ୭୦ଜଣ ଅନ୍‌ସାରଙ୍କ ସହିତ ଉକ୍‌ବାଠାରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ୟଜିଦ୍ ବଦର୍ ଏବଂ ୱ୍ୱହଦ୍ ଯୁଦ୍ଧରେ ମଧ ସାମିଲ୍ ହୋଇଛନ୍ତି ଏବଂ ତାଙ୍କର ସନ୍ତାନମାନେ ମଦ୍ଦିନା ଏବଂ ବାଗ୍‌ଦାଦ୍‌ରେ ମଧ ଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୯୪,

କତ୍‌ବା ବିନ୍ ଆମିର୍..., ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) ଅବୁ ହାତିମ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ହଜ୍‌ରତ୍ କତ୍‌ବା ବିନ୍ ଆମିର୍ ହଜ୍‌ରତ୍ ଉମର୍‌ଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଛନ୍ତି, ଯେବେକି ଇବ୍‌ନେ ହବ୍‌ବାନ୍‌ଙ୍କ ନିକଟରେ ସେ ହଜ୍‌ରତ୍ ଉସ୍‌ମାନଙ୍କ ଖିଲାଫତ୍ ସମୟରେ ମୃତ୍ୟୁବରଣ କରିଛନ୍ତି ବୋଲି ବର୍ଣ୍ଣିତ ଅଛି । (ଅଲ୍‌ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୫, ପୃଷ୍ଠା-୩୩୮, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ୍-୨୦୦୫)

ଯେଉଁ ତୃତୀୟ ସାହାବୀ ଜଣକର ଏଠାରେ ଚର୍ଚ୍ଚା କରାଯିବ ସେ ହେଉଛନ୍ତି ହଜ୍‌ରତ୍ ଶୁଜାଅ ବିନ୍ ଓ୍ୱହବ୍ । ସେ ଓ୍ୱହବ୍ ବିନ୍ ରବ୍‌ବିୟାଙ୍କ ପୁତ୍ର ଥିଲେ । ତାଙ୍କ ଦେହାନ୍ତ ୟମମା ଯୁଦ୍ଧ ସମୟରେ ହୋଇଛି । ତାଙ୍କୁ ଶୁଜାଅ ବିନ୍ ଅବିଓ୍ୱହବ୍ ମଧ୍ୟ କୁହାଯାଏ । ତାଙ୍କର କୁଟୁମ୍ବ ବନୁ ଅବ୍‌ଦ୍ ଶମ୍‌ସ୍‌ଙ୍କ ହଲିଫ୍ ଥଲା । ସେ ଉଚ୍ଚା ଓ ପତଳା ଶରୀରର ଲୋକ ଥିଲେ ଓ ତାଙ୍କର କେଶ ବହୁତ ଘନ ଥିଲା । ହଜ୍‌ରତ୍ ଶୁଜାଅଙ୍କ ଗଣନା ସେହି ସମସ୍ତ ବୁଜ୍‌ରୁଗ୍ ସାହାବାମାନଙ୍କ ମଧ୍ୟରେ ହୋଇଥାଏ ଯେଉଁମାନେ ପ୍ରାରମ୍ଭରେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଲବ୍‌ବେକ୍ କହିଥିଲେ । ନବୀ କରିମ୍ ସ:ଆ:ସଙ୍କ ଆବିର୍ଭାବ ହେବାର ଛଅବର୍ଷ ପରେ ହଜୁର୍ ସ:ଆ:ସଙ୍କ ନିର୍ଦ୍ଦେଶରେ ହବ୍‌ଶାକୁ ହିଜ୍‌ରତ୍ କରିବା ପାଇଁ ଯାଉଥିବା ଦ୍ୱିତୀୟ କାଫିଲାରେ ସେ ସାମିଲ୍ ହୋଇ ହବ୍‌ଶା ଯାଇଥିଲେ । କିଛି ଦିନ ପରେ ଯେତେବେଳେ ସେ ଏ ଅପପ୍ରଚାର ଶୁଣିଲେ କି ମକ୍କାର ଲୋକମାନେ ମୁସଲ୍‌ମାନ୍ ହୋଇଯାଇଛନ୍ତି ବୋଲି ଫଳତଃ ସେ ମକ୍କା ଫେରି ଆସିଲେ । କିଛି ସମୟ ପରେ ହଜୁର୍ ସ:ଆ:ସ ସାହାବା ମାନଙ୍କୁ ମଦ୍ଦିନା ହିଜ୍‌ରତ୍ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଏଥିରେ ହଜ୍‌ରତ୍ ଶୁଜାଅ ନିଜ ଭାଇ ଉକ୍‌ବା ବିନ୍ ଓ୍ୱହବ୍‌ଙ୍କ ସହିତ ମକ୍କାକୁ ଛାଡି ମଦ୍ଦିନା ଛାଡିଗଲେ । ହଜୁର୍ ସ:ଆ:ସ ହଜ୍‌ରତ୍ ଅଓସ୍ ବିନ୍ ଖଉଲିଙ୍କ ସହିତ ହଜ୍‌ରତ୍ ଶୁଜାଅଙ୍କର ଧର୍ମଭାଇ ବନାଇଥିଲେ । ହଜ୍‌ରତ୍ ଶୁଜାଅ ବଦର୍, ଓ୍ୱହଦ୍, ଖନ୍ଦକ୍ ସହିତ ସମସ୍ତ ଯୁଦ୍ଧରେ ହଜୁର୍ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ ଓ ୪୦ ବର୍ଷରୁ କିଛି ଅଧିକା ବର୍ଷ ବୟସ ହୋଇଥିଲା କି ସେ ୟମାମା ଯୁଦ୍ଧ ସମୟରେ ଶହୀଦ୍ ହେଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୭୦, ଶୁଜାଅ ବିନ୍ ଓ୍ୱହବ୍, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୫୧, ଶୁଜାଅ ବିନ୍ ଓ୍ୱହବ୍, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬)

ହୃଦବିୟା ଯୁଦ୍ଧରୁ ଫେରିବା ପରେ ଆଁ ହଜ୍‌ରତ୍ ସ:ଆ:ସ ଆରବର ଅଧିକାଂଶ ବଡ ବଡ ଜ୍ଞାନୀ ଓ ରାଜାମାନଙ୍କୁ ଇସ୍‌ଲାମ୍‌ର ନିମନ୍ତ୍ରଣ ପତ୍ର ପଠାଇଥିଲେ । ହଜ୍‌ର୍‌ତ୍ ଅବ୍‌ଦୁର୍ ରହେମାନ୍ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି କି ରସୁଲୁଲ୍ଲାଃ ସ:ଆ:ସ ଦିନେ ମେମ୍ବର୍ ଉପରେ ଖୁତ୍‌ବା ଦେବାପାଇଁ ଛିଡା ହେଲେ । ହମ୍‌ଦୋ ସନା ପାଠ କରିବା ପରେ ଆପଣ ସ:ଆ:ସ କହିଲେ ମୁଁ ତୁମମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଅଣ ଆରବୀୟ ସମ୍ରାଟମାନଙ୍କ ନିକଟକୁ ପଠାଇବାକୁ ଚାହୁଁଛି । ତୁମେ ମୋ କଥାର ବିରୋଧ କରିବନାହିଁ ଯେପରି ବନି ଇସ୍‌ରାଇଲ୍‌ମାନେ ଇସାଙ୍କ ସହିତ କରିଥିଲେ । ଏହା ଶୁଣି ମୁହାଜିରିନ୍‌ମାନେ କହିଲେ- ହେ ରସୁଲଲ୍ଲାଃ ସ:ଆ:ସ ! ଆମେ ଆପଣଙ୍କ ସହିତ କଦାପି କୌଣସି ବିରୋଧ କରିବୁ ନାହିଁ । ଆପଣ ଆମକୁ ପଠାନ୍ତୁ । (ସିରତ୍ ଇବ୍‌ନେ କସିର୍, ପୃଷ୍ଠା-୪୨୧, ବାବ୍ ଜିକ୍‌ରେ ବାଆସା ଇଲ୍ଲା କିସ୍‌ରା ମଲକଲ୍ ଫର୍ସ୍, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ, ବେରୁତ୍-୨୦୦୫) । ସୁତରାଂ ଯେଉଁ ସାହାବା ମାନଙ୍କୁ ଉକ୍ତ ଧର୍ମ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସୌଭାଗ୍ୟ ମିଳିଥିଲା ସେମାନଙ୍କ ମଧ୍ୟରେ ହଜ୍‌ରତ୍ ଶୁଜାଅ ବିନ୍ ଓ୍ୱହବ୍ ମଧ୍ୟ ସାମିଲ୍ ଥିଲେ । ଆପଣ ସ:ଆ:ସ ହଜ୍‌ରତ୍ ଶୁଜାଅଙ୍କୁ ହାରିସ୍ ବିନ୍ ଅବି ଶମର୍ ଗସ୍‌ସାନି ନିକଟକୁ ରାଜଦୂତ ରୂପେ ପଠାଇଥିଲେ ଯିଏ ଡାମାସ୍‌କସ୍ ନିକଟସ୍ଥ ସ୍ଥାନ ଗୌତାର ରଇସ୍ ଥିଲା । କିଛି ଲୋକେ ତାଙ୍କ ନାମ ମୁନ୍‌ଜିର୍ ବିନ୍ ହାରିସ୍ ବିନ୍, ଅବି ଶମର୍ ଗସ୍‌ସାନି ବୋଲି ଉଲ୍ଲେଖ କରିଛନ୍ତି । ସେ ଯ ାହା ହେଉ ଆପଣ ସ:ଆ:ସ ଯେଉଁ ତବ୍‌ଲିଗ୍ ଚିଠି ପଠାଇଥିଲେ ତାର ପ୍ରାରମ୍ଭରେ ଏପରି ଲେଖା ଥିଲା-

بِسْمِ اللّٰهِ الرَّحْمٰنِ الرَّحِيْمِ - مِنْ مُّحَمَّدٍ رَّسُوْلِ اللّٰهِ (صلی اللہ علیہ وسلم) اِلَی الْحَارِثِ ابْنِ اَبِیْ شِمْرٍ
- سَلَامٌ عَلٰی مَنِ اتَّبَعَ الْهُدٰی وَ اٰمَنَ بِاللّٰهِ وَصَدَّقَ فَاِنِّیْ اَدْعُوْكَ اِلٰی اَنْ تُؤْمِنَ بِاللّٰهِ وَحْدَهٗ لَا شَرِيْكَ لَهٗ
يَبْقٰی لَكَ مُلْكُكَ - (شرح زرقانی، جلد 5، صفحہ 46، واما مکاتبتہ علیہ الصلاۃ والسلام الی الملوک وغیرھم دار الکتب العلمیہ بیروت)

ଅର୍ଥାତ୍-ଅଲ୍ଲାଃଙ୍କ ନାମ ସହିତ ଆରମ୍ଭ କରୁଅଛି ଯିଏ ହେଉଛନ୍ତି ରହେମାନ୍ ଓ ରହିମ୍ । ମୁହମ୍ମଦ୍ ରସୁଲୁଲ୍ଲାଃ ସ୍ୱଲଲ୍ଲାହୋ ଆଲୈହେ ଓ୍ୱସଲ୍ଲମ୍‌ଙ୍କ ତରଫରୁ ହାରିସ୍ ବିନ୍ ଅବି ଶମର୍‌ଙ୍କ ନିମନ୍ତେ । ତା ଉପରେ ସଲାମତି ହେଉ ଯିଏ ଏହି ହିଦାୟତ୍‌କୁ ଅନୁସରଣ କରୁଛି, ଅଲ୍ଲାଃଙ୍କ ଉପରେ ଇମାନ୍ ଆଣୁଛି ଓ ସମର୍ଥନ କରୁଛି । ନିଶ୍ଚିତ ରୂପେ ମୁଁ ତୁମକୁ ସେହି ଖୁଦାଙ୍କ ଉପରେ ଇମାନ୍ ଆଣିବା ପାଇଁ ନିମନ୍ତ୍ରଣ ଦେଉଅଛି ଯିଏ ହେଉଛନ୍ତି ଏକ ଏବଂ ତାଙ୍କର କେହି ଶରିକ୍ (ସମସ୍କନ୍ଧ) ନାହାଁନ୍ତି । ଏପରି ପରିସ୍ଥିତିରେ ତୁମ ରାଜତ୍ୱ ବାକି ରହିବ ।

ହଜ୍‌ରତ୍ ଶୁଜାଅ କହୁଛନ୍ତି କି ମୁଁ ଚିଠିଟିକୁ ନେଇ ଚାଲିଗଲି ଓ ହାରିସ୍ ବିନ୍ ଅବି ଶମର୍‌ଙ୍କ ମହଲର ଫାଟକ ନିକଟରେ ପହଂଚିଗଲି ଓ ସେଠାରେ ଦୁଇ ତିନିଦିନ ବିତିଯିବା ସତ୍ୱେ ମଧ୍ୟ ଦରବାର ପର୍ଯ୍ୟନ୍ତ ମୁଁ ପହଂଚି ପାରିଲି ନାହିଁ । ପରିଶେଷରେ ସେଠିକାର ସିକ୍ୟୁରିଟି ଇନ୍‌ଚାର୍ଯ୍ୟଙ୍କୁ ମୁଁ କହିଲି କି ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ପ୍ରତିନିଧି ରୂପେ ତାଙ୍କ ନିକଟକୁ ଆସିଛି । ଏଥିରେ ସେ କହିଲା କି ଆମର ଏ ଯେଉଁ ରଇସ୍ ଅଛନ୍ତି ସେ ଅମୁକ ଦିନ ବାହାରକୁ ବାହାରିବେ । ତେଣୁ ତୁମେ ତା ପୂର୍ବରୁ ତାଙ୍କ ସହିତ ଭେଟ କରିପାରିବ ନାହିଁ । ଶୁଜାଅ କହୁଛନ୍ତି କି ପୁଣି ସେହି ବ୍ୟକ୍ତିଜଣକ ମୋତେ ରସୁଲୁଲ୍ଲାଃ ସ:ଆ:ସ ଓ ଆପଣଙ୍କ ଦାଓ୍ୱତ୍ (ନିମନ୍ତ୍ରଣ) ସମ୍ବନ୍ଧରେ ପଚାରିଲା । ମୁଁ ତାକୁ ବ୍ୟାଖ୍ୟା କରି ବତାଇ ଚାଲିଲି । ଫଳତଃ ତା ଉପରେ ଏହା ବହୁତ ପ୍ରଭାବ ପକାଇଲା । ତେଣୁ ସେ କାନ୍ଦିବାକୁ ଲାଗିଲା ଅର୍ଥାତ୍ ସେଠାରେ ଯେଉଁ ସିକ୍ୟୁରିଟି ଇନ୍‌ଚାର୍ଯ୍ ଥିଲା ସେ କାନ୍ଦିବାକୁ ଲାଗିଲା । ପୁଣି ସେ କହିଲା କି ମୁଁ ଇଞ୍ଜିଲ୍‌ରେ ପଢ଼ିଥିଲି ଯେ ଉକ୍ତ ନବୀଙ୍କର ବିଲ୍‌କୁଲ୍ ଏହିପରି ବ୍ୟାଖ୍ୟା ସେଥିରେ ମହଜୁଦ୍ ରହିଛି । କିନ୍ତୁ ମୁଁ ଭାବୁଥିଲି କି ସେ ଶାମ୍ ଦେଶରେ ପ୍ରକଟ ହେବେବୋଲି କିନ୍ତୁ ଏବେ ଜଣାପଡିଲା ଯେ ତାହା ଥିଲା କରଜର ଭୂମି ଅର୍ଥାତ୍ ୟମନ୍ ଇଲାକାରେ ସେ ଆବିର୍ଭାବ ହୋଇଛନ୍ତି । ସେ ଯାହାହେଉ ମୁଁ ତାଙ୍କ ଉପରେ ଇମାନ ଆଣୁଛି । ଅର୍ଥାତ୍ ସେହି ସିକ୍ୟୁରିଟି ଇନ୍‌ଚାର୍ଯ୍ ଜଣକ କହିଲେ କି ମୁଁ ଇମାନ୍ ଆଣୁଛି ଓ ତାଙ୍କର ତସଦିକ୍ ମଧ୍ୟ କରୁଛି । ମୋତେ ହାରିସ୍ ବିନ୍ ଅବି ଶମର୍‌ଙ୍କଠାରୁ ଭୟ ଲାଗୁଛି କି ସେ ମୋତେ ହତ୍ୟା କରିଦେବେ । ତତ୍‌ସହିତ ଏକଥା ମଧ୍ୟ ପ୍ରକାଶ କଲା କି ଏ ଇଲାକାର ଯେଉଁ ରଇସ୍ ଅଛନ୍ତି ସେ ମୋତେ ଏଥିପାଇଁ ହତ୍ୟା କରିଦେବେ । ପୁଣି କହୁଛନ୍ତି କି ଏହାପରେ ସେହି ସିକ୍ୟୁରିଟି ଇନ୍‌ଚାର୍ଯ୍ ଜଣକ ମୋର ବହୁତ ସମ୍ମାନ କଲେ ଓ ବହୁତ ଉତମ ରୂପେ ମୋର ଅତିଥି ସତ୍କାର କଲେ । ସେ ମୋତେ ହାରିସ୍‌ଙ୍କ ସମ୍ବନ୍ଧରେ ମଧ୍ୟ ସୂଚନା ଦେଉଥିଲେ ଓ ତା ସମ୍ପର୍କରେ ନିରାଶାର ପରିପ୍ରକାଶ କରୁଥିଲେ । ସେ କହୁଥିଲେ କି ହାରିସ୍ ବିନ୍ ଅବି ଶମର୍ ଅସଲରେ କଏସର୍ ସମ୍ରାଟଙ୍କୁ ଡରୁଛନ୍ତି କାରଣ ସେ ତା ହୁକୁମତ୍‌ରେ ଥିଲା । ଶେଷରେ ଦିନେ ହାରିସ୍ ବାହାରକୁ ବାହାରି ଦରବାରରେ ବସିଲା । ତା ମୁଣ୍ଡ ଉପରେ ମୁକୁଟ ଥିଲା । ପୁଣି ମୋତେ ସେଠାରେ ଉପସ୍ଥିତ ହେବା ପାଇଁ ଅନୁମତି ମିଳିଲା । ମୁଁ ତା ନିକଟରେ ପହଂଚି ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିଠିକୁ ପ୍ରଦାନ କଲି । ସେ ଉକ୍ତ ଚିଠିକୁ ପଢ଼ିଲା, ପୁଣି ତାକୁ ଉଠାଇ ଫିଙ୍ଗିଦେଲା ଓ କ୍ରୋଧିତ ହୋଇ କହିଲା ଏମିତି କିଏ ଅଛି, ଯିଏ ମୋ ଠାରୁ ମୋ ରାଜତ୍ୱକୁ ଛଡାଇ ନେଇପାରେ । ମୁଁ ନିଜେ ହିଁ ତା ଆଡକୁ ଅଗ୍ରସର କରିବି, ସେ ୟମନ୍‌ରେ ଥାଉ ପଛକେ ମୁଁ ତା ନିକଟକୁ ଯାଇ ତାକୁ ଦଣ୍ଡ ଦେବି । ତେଣୁ ସେନା ପ୍ରସ୍ତୁତ କର, ସେ ତା ନିଜ ବ୍ୟବସ୍ଥାପିକାକୁ ନିର୍ଦ୍ଦେଶ ଦେଲା କି ପ୍ରସ୍ତୁତ ହୋଇଯାଅ । ଅର୍ଥାତ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସମ୍ବନ୍ଧରେ ସେ ଉକ୍ତ ଶବ୍ଦଗୁଡିକ ବ୍ୟବହାର କଲା କି ଆଁ ହଜ୍‌ରତ୍ ସ:ଆ:ସ ଯେଉଁ ଚିଠି ଲେଖିଥିଲେ ତା ବଦଳରେ ଆପଣ ସ:ଆ:ସଙ୍କୁ ଯାଇ ଦଣ୍ଡ ଦେବ । ସେ ଯାହାହେଉ ରିଓ୍ୱାୟତ୍‌ରେ ଆସୁଛି କି ତା'ପରେ ହାରିସ୍ ବିନ୍ ଅବି ଶମର୍ ଅଧିକ ରାତି ପର୍ଯ୍ୟନ୍ତ ସେଠାରେ ବସିରହିଲା ଓ ଲୋକମାନେ ଜଣଜଣ ହୋଇ ତା ସମ୍ମୁଖରେ ପେଶ୍ ହେଉଥିଲେ । ପୁଣି ସେ ଘୋଡାଚାଳକକୁ ପ୍ରସ୍ତୁତ ହେବା ପାଇଁ ନିର୍ଦ୍ଦେଶ ଦେଲା ଏବଂ ମୋତେ କହିଲ କି ନିଜ ଅକାଙ୍କୁ ଯାଇ ଏଠିକାର ସବୁ କଥା ବତାଇଦେବ । ଏହାପରେ ସେ କୈସର୍ ରୋମ୍‌ର ସମ୍ରାଟଙ୍କୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିଠିର ସମସ୍ତ ଘଟଣା ଲେଖି ପଠାଇଦେଲା । ଅର୍ଥାତ୍ ଉପରୋକ୍ତ ସମସ୍ତ କଥା ତା ପ୍ରତିନିଧି ଜରିଆରେ ରୋମ୍‌ର ସମ୍ରାଟଙ୍କ ପାଖକୁ ଲେଖି ଜଣାଇଲା । ହାରିସ୍ ବିନ୍ ଅବି ଶମର୍‌ଙ୍କର ଉକ୍ତ ଚିଠିଟି କୈସର୍‌ଙ୍କ ନିକଟରେ ସେତେବେଳେ ପହଂଚିଲା, ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଚିଠିଟି ହଜ୍‌ରତ୍ ଦହ୍‌ୟା କଲ୍‌ବିଙ୍କ ହାତରେ କଏସର୍‌ଙ୍କ ନିକଟରେ ପହଂଚିସାରିଥିଲା । କଏସର୍ ହାରିସ୍‌ର ଚିଠିଟିକୁ ପଢ଼ି ତାକୁ ଲେଖିଦେଲା କି ସେହି ନବୀଙ୍କ ଉପରେ ଆକ୍ରମଣ କରିବାର ଭାବନାକୁ ପରିତ୍ୟାଗ କରିଦିଅ ଓ ତାଙ୍କ ସହିତ ଲଢ଼ନାହିଁ । ସେ ଯାହାହେଉ ଯେବେ କୈସର୍‌ର ଉକ୍ତ ଚିଠିଟି ହାରିସ୍‌ଙ୍କ ନିକଟରେ ପହଂଚିଲା ସେତେବେଳେ ସେ ହଜ୍‌ରତ୍ ଶୁଜାଅଙ୍କୁ ଡକାଇ ପଠାଇଲେ, ଯିଏ ସେପର୍ଯ୍ୟନ୍ତ ସେଠାରେ ରହିଥିଲେ । ଏବଂ ପଚାରିଲେ କି ତୁମେ କେବେ ଫେରିଯିବାର ମନସ୍ତ କରିଛ ? ଏଥିରେ ହଜ୍‌ରତ୍ ଶୁଜାଅ କହିଲେ ଆସନ୍ତା କାଲି । ଏହା ଶୁଣି ସମ୍ରାଟ ସେହି କ୍ଷଣ ତାଙ୍କୁ ଶହେଟି ସ୍ୱର୍ଣ୍ଣ ମୁଦ୍ରା ଦେଇ ଚାଲିଯିବାକୁ ହୁକୁମ୍ ଦେଇଦେଲା ଏବଂ ଉକ୍ତ ଦର୍‌ବାନ୍ ଜଣକ ତାଙ୍କ ପାଖକୁ ଆସିଲେ । ସେହି ବ୍ୟକ୍ତି ଯିଏ ପ୍ରଥମେ ସିକ୍ୟୁରିଟି ଇନ୍‌ଚାର୍ଯ୍ ଥିଲା । ସେ ନିଜେ ଆସି କିଛି ଟଙ୍କା ଓ କିଛି ବସ୍ତ୍ର ଉପହାର ଦେଇ କହିଲା କି ରସୁଲୁଲ୍ଲାଃ ସ:ଆ:ସଙ୍କ ଗୋଚରେ ମୋର ସଲାମ୍ ଜଣାଇଇ ଓ ଏକଥା ବତାଇବ କି ମୁଁ ଆପଣ ସ:ଆ:ସଙ୍କ ଦୀନ୍‌ର ଅନୁଚର ହୋଇସାରିଛି । ହଜ୍‌ରତ୍ ଶୁଜାଅ କହୁଛନ୍ତି କି ଏହାପରେ ଯେତେବେଳେ ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ପହଂଚିଲି ଓ ଆପଣ ସ:ଆ:ସଙ୍କୁ ହାରିସ୍ ସମ୍ରାଟଙ୍କ ବିଷୟରେ ସବୁକଥା ବତାଇଲି ଏଥିରେ ଆପଣ ସ:ଆ:ସ ସମସ୍ତ କଥାକୁ ଶୁଣି କହିଲେ କି ତବାହ୍ ହୋଗେୟା ଅର୍ଥାତ୍ ତା'ର ରାଜତ୍ୱ ଧ୍ୱଂସ ହୋଇଗଲା । ପୁଣି ମୁଁ ଆପଣ ସ:ଆ:ସଙ୍କୁ ସେହି ରାଜମହଲର ସୁରକ୍ଷା କର୍ମୀଙ୍କ ସଲାମ୍ ପହଂଚାଇଲି ଓ ସେ ଯାହାକିଛି କହିଥିଲା ସେ ସମସ୍ତ କଥା କହିଲି, ଏଥିରେ ଆପଣ ସ:ଆ:ସ କହିଲେ ସେ ବ୍ୟକ୍ତି ସତ୍ୟ କହିଛନ୍ତି । ଏହି ସମସ୍ତ କଥା ଓ ଘଟଣା ସିରତୁଲ୍ ହଲ୍‌ବିୟାରେ ବର୍ଣ୍ଣନା କରାଯାଇଛି । (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୩୫୭-୩୫୮.... ଅଲ୍‌ହାରିସ୍ ବିନ୍ ଅବି ଶମର୍, ମୁଦ୍ରଣ- ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ୍ ୨୦୦୨)

ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଇତିହାସର ବିଭିନ୍ନ ପୁସ୍ତକ ଗୁଡିକରୁ ନେଇ ଯେଉଁକଥା ବର୍ଣ୍ଣନା କରିଛନ୍ତି ସେଥିରେ ଯାହା କିଛି ଅଧିକା କଥା ରହିଛି ତାହା ହେଉଛି ଏପରିକି ସେ ଲେଖୁଛନ୍ତି ଯେ ପଂଚମ ତବ୍‌ଲିଗ୍ ଚିଠି ଗସ୍‌ସାନ୍ ପ୍ରଦେଶର ରାଜା ହାରିସ୍ ବିନ୍ ଅବି ଶମର୍‌ଙ୍କ ନାମରେ ଲେଖାଯାଇଥିଲା । ଗସ୍‌ସାନ୍ ପ୍ରଦେଶଟି ଆରବ ଅଂଚଳର ସହିତ ଉତର ସୀମନ୍ତ ସହିତ ସଂଲଗ୍ନ ଥିଲା ଏବଂ ତାର ରଇସ୍ କଏସ୍ ଅନ୍ତର୍ଗତ କାର୍ଯ୍ୟ କରୁଥିଲା । ଯେତେବେଳ ହଜ୍‌ରତ ଶୁଜାଅ ବିନ୍ ଓ୍ୱହବ୍ ସେଠାରେ ପହଂଚିଲେ ସେ ସମୟରେ କଏସ୍‌ରର ବିଜୟ ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିଲା ଅର୍ଥାତ୍ ରୋମ୍‌ର ଯେଉଁ ସମ୍ରାଟ ଥିଲେ ତାଙ୍କ ବିଜୟର ଉତ୍ସବ ନିମନ୍ତେ ସେଠିକାର ରଇସ୍ ପ୍ରସ୍ତୁତି ଚଳାଇଥିଲା । ହାରିସ୍ ସହିତ ଭେଟିବା ପୂର୍ବରୁ ଶୁଜାଅ ବିନ୍ ଓ୍ୱହବ୍ ସେଠିକାର ଦର୍‌ବାନ୍ ଅର୍ଥାତ୍ ସୁରକ୍ଷା କର୍ମୀଙ୍କ ଇନ୍‌ଚାର୍ଯ୍ୟଙ୍କ ସହିତ ସାକ୍ଷାତ୍ କରିଥିଲେ । ସେ ଜଣେ ଭଲ ଲୋକ ଥିଲା । ସେ ଶୁଜାଅଙ୍କ ମୁହଁରୁ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥା ଶୁଣି ତତ୍‌କ୍ଷଣାତ୍ ସମର୍ଥନ କରିଥିଲେ । ସେ ଯାହାହେଉ କିଛି ଦିନର ଅପେକ୍ଷା ପରେ ଉକ୍ତ ଘଟଣା ବର୍ଣ୍ଣନା ହେଲା କି ଶୁଜାଅ ବିନ୍ ଓ୍ୱହବ୍ ଗସ୍‌ସାନ୍ ପ୍ରଦେଶର ରଇସ୍‌ଙ୍କ ଦରବାରରେ ପହଂଚିଗଲେ । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଚିଠିଟିକୁ ଉପସ୍ଥାପନ କଲେ । ହାରିସ୍ ସେହି ଚିଠିଟିକୁ ପଢ଼ି କ୍ରୋଧରେ ଫିଙ୍ଗିଦେଲା । ନା କେବଳ କ୍ରୋଧିତ ହୋଇ ଫିଙ୍ଗିଦେଲା ବରଂ ଯେପରି ଚର୍ଚ୍ଚା ହୋଇସାରିଛି କି ସେ ତା ସେନାକୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆକ୍ରମଣ କରିବା ପାଇଁ ପ୍ରସ୍ତୁତି ରହିବାକୁ ନିର୍ଦ୍ଦେଶ ଦେଲା । ଏବଂ ଏହି ଅବଧିରେ ସେ କୈସର୍‌କୁ ମଧ୍ୟ ଚିଠି ଲେଖିଲା କି ମୁଁ ସେନା ଦ୍ୱାରା ଆକ୍ରମଣ କରିବା ପାଇଁ ବାହାରିଛି । ଏକଥା ଜାଣି କଏସ୍‌ର ତାଙ୍କୁ କହିଲା ବର୍ତମାନ ଆକ୍ରମଣ କରିବା କଥାକୁ ପରିତ୍ୟାଗ କରି ମୋ ନିକଟରେ ଆସି ବଇତୁଲ୍ ମୋକଦସ୍‌ଠାରେ ସାକ୍ଷାତ୍ କର । କଏସର୍ ଉକ୍ତ ରଇସ୍‌କୁ ଡକାଇ ପଠାଇଲେ । ସେ ଯାହାହେଉ ତାଙ୍କର ଏ ମାମଲା ସେହିଠାରେ ହିଁ ଶେଷ ହୋଇଗଲା । ହଦିସ୍ ଏବଂ ଇତିହାସରୁ ଜଣାପଡୁଛି ଯେ ମଦ୍ଦିନାରେ ଗୋଟିଏ ଅବଧି ପର୍ଯ୍ୟନ୍ତ ଏକଥାର ଭୟ ଲାଗିରହିଥିଲା କି ଗସ୍‌ସାନି ସେନା ମୁସଲ୍‌ମାନଙ୍କ ବିରୋଧରେ କେବେ ଆକ୍ରମଣ କରୁଅଛି । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୮୨୮-୮୨୯) । ବହୁତ ଦିନ ପର୍ଯ୍ୟନ୍ତ ଏ ଭୟ ଲାଗିରହିଲା କି ଶମର୍ ଆପଣ ସ:ଆ:ସଙ୍କ ସାହାବୀଙ୍କୁ ଯେଉଁ ଉତର ଦେଇଥିଲା କି ବର୍ତମାନ ଆକ୍ରମଣ କରାଯିବା ବୋଲି ।

ରବିଉଲ୍ ଅଓ୍ୱଲ୍ ମାସ ୮ ହିଜ୍‌ରିରେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏ ଖବର ମିଳିଲା ଯେ ବନୁ ହଓ୍ୱାଜନ୍‌ର ଗୋଟିଏ ଶାଖା ବନୁ ଆମିର୍ ମୁସଲ୍‌ମାନଙ୍କ ବିରୋଧରେ ଯୁଦ୍ଧ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି । ଏଥିରେ ହଜୁର୍ ସ:ଆ:ସ ହଜ୍‌ରତ୍ ଶୁଜାଅଙ୍କୁ ୨୪ଜଣ ମୋଜାହିଦ୍ ସାଥିରେ ଦେଇ ସେଇ ଲୋକମାନଙ୍କ ଦମନ କରିବା ପାଇଁ ପଠାଇଲେ, ଯେଉଁମାନେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଥିଲେ । ସେ ସମୟରେ ବନୁ ଆମିର୍ ର ଲୋକମାନେ ମଦିନାରୁ ପାଂଚରାତ୍ରି ଯାତ୍ରାରେ ଦୂରତାରେ ଅସ୍‌ସି ନାମକ ଗୋଟିଏ ସ୍ଥାନରେ ଛାଉଣୀ ଲଗାଇ ଅପେକ୍ଷାରେ ଥିଲେ, ଯାହା ମକା ଓ ବସ୍‌ରା ମଧ୍ୟରେ ଅବସ୍ଥିତ । ହଜ୍‌ରତ୍ ଶୁଜାଅ ମୁଜାହିଦ୍ ମାନଙ୍କ ସହିତ ରାତି ସମୟରେ ଯାତ୍ରା କରନ୍ତି ଓ ଦିନବେଳା ଲୁଚି ରହୁଥିଲେ । ଏହିଭଳି ଅଚାନକ ସକାଳ ସମୟରେ ସେମାନେ ବନୁ ଆମିର୍‌ଙ୍କ ନିକଟରେ ପହଂଚିଗଲେ । ସେମାନେ ମୁସଲ୍‌ମାନ୍ ମାନଙ୍କୁ ଅଚାନକ ନିଜ ନିକଟରେ ଦେଖି ଘାବରାଇଗଲେ । ଯଦିଚ ସେମାନେ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହୋଇ ବାହାରିଥିଲେ । ଏହା ଦେଖି ସେମାନେ ସବୁକିଛି ଛାଡିଛୁଡି ପଳାୟନ କଲେ । ହଜ୍‌ରତ୍ ଶୁଜାଅ ନିଜର ମୁଜାହିଦ୍ ମାନଙ୍କୁ ନିର୍ଦ୍ଦେଶ ଦେଲେ କି ସେମାନଙ୍କର ଅନୁଧାବନ କରନାହିଁ ଏବଂ ଯାହାକିଛି ମାଲେ ଗନିମତ୍ (ଯୁଦ୍ଧ କ୍ଷେତ୍ରରେ ହାରିଯାଇ ଛାଡିଯାଇଥିବା ଜିନିଷପତ୍ର)ଅଛି ସେ ସମସ୍ତଙ୍କୁ ଘଉଡାଇ ମଦିନା ନେଇଆସ ଅର୍ଥାତ୍ ସେ ଯୁଗରେ ପ୍ରଥା ମୁତାବକ ଯାହାକିଛି ହାରିଯାଇଥିବା ଦଳ ଛାଡିଯାଇଥାଆନ୍ତି ଉଦାହରଣ ସ୍ୱରୂପ ଓଟ, ଛେଳି ଇତ୍ୟାଦି । ମାଲେ ଗନିମତ୍‌ର ବହୁଳତାର ଆକଳନ ଏକଥାରୁ ହୋଇପାରେ କି ସେତେବେଳେ ପ୍ରତ୍ୟେକ ମୋଜାହିଦଙ୍କୁ ୧୫ଟି ଲେଖାଏଁ ଓଟ ମିଳିଥିଲା ଓ ଏତଦ୍‌ବ୍ୟତୀତ ଆହୁରି ଅନ୍ୟାନ୍ୟ ଜିନିଷପତ୍ର ମଧ୍ୟ ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୨, ପୃଷ୍ଠା-୩୧୩, ସରିୟା ଶୁଜାଅ ବିନ୍ ଓ୍ୱହବ୍.... ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) ଅର୍ଥାତ୍ ଯେଉଁମାନେ ଆକ୍ରମଣ କରିବାକୁ ଆସିଥିଲେ ସେମାନେ ପୁରା ପ୍ରସ୍ତୁତ ହୋଇ ଆସିଥିଲେ ଓ ଯୁଦ୍ଧାସ୍ତ୍ରରେ ପରିପୂର୍ଣ୍ଣ ଥିଲେ ।

ପୁଣି ଯେଉ ସାହାବୀଙ୍କର ଏଠାରେ ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି ହଜ୍‌ରତ୍ ଶମାସ୍ ବିନ୍ ଉସ୍‌ମାନ୍ । ତାଙ୍କ ଚର୍ଚ୍ଚା ପୂର୍ବରୁ ମଧ୍ୟ ଗୋଟିଏ ଖୁତ୍‌ବାରେ ସଂକ୍ଷିପ୍ତରେ କରାଯାଇଛି । ତାଙ୍କ ବାପାଙ୍କ ନାମ ଉସ୍‌ମାନ୍ ବିନ୍ ଶୁରିଦ୍ ଥିଲା । ଓ୍ୱହଦ୍ ଯୁଦ୍ଧ ସମୟରେ ୩ ହିଜ୍‌ରିରେ ତାଙ୍କର ଦେହାନ୍ତ ହେଲା । ତାଙ୍କ ନାମ

ଥିଲା ଉସ୍‌ମାନ୍ ଓ ଲକବ୍ ଥିଲା ଶମାସ୍ ଓ ଏହି ଲକବ୍ ଦ୍ୱାରା ସେ ପ୍ରସିଦ୍ଧ ଥିଲେ । ସେ ବନୁ ମଖ୍‌ଜୁମ୍ କବିଲାର ଥିଲେ ଓ ପ୍ରାରମ୍ଭିକ ଇସ୍‌ଲାମ୍ ସମୟରେ ମୁସଲ୍‌ମାନ୍ ହୋଇଯାଇଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୯୩-୩୯୪, ଶମାସ୍ ବିନ୍ ଉସ୍‌ମାନ୍, ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩) । ଇବ୍‌ବେ ହୁଶାମ୍ ହଜ୍‌ରତ୍ ଶମାସ୍‌ବିନ୍ ଉସ୍‌ମାନଙ୍କ ନାମ ସେହି ଶମ୍ମାସ୍‌ଙ୍କ ଯୋଗୁ ତସ୍‌ମିୟା ବର୍ଣ୍ଣନା କରି ଲେଖିଛନ୍ତି କି ଶମ୍ମାସ୍ ର:ଅଙ୍କ ନାମ ହେଉଛି ଉସ୍‌ମାନ୍ ଓ ସେ ଶମ୍ମାସ୍ ବୋଲାଇବାର କାରଣ ହେଉଛି ଏହା କି ଇସାଇ ମାନଙ୍କର ଜଣେ ଧାର୍ମିକ ନେତା ଯାହାଙ୍କୁ ଶମ୍ମାସ୍ ଡାକୁଥିଲେ ସେ ଜାହିଲିୟତ୍ ଯୁଗରେ ମକା ଆସିଥିଲା ଓ ସେହି ଇସାଇ ଲିଡର୍ ଜଣକ ବହୁତ ସୁନ୍ଦର ଥିଲା । ତା ସୁନ୍ଦରତାକୁ ଦେଖି ମକ୍କାର ଲୋକମାନେ ଆଶ୍ଚର୍ଯ୍ୟ ହୋଇଗଲେ । ଉସ୍‌ମାନଙ୍କ ମାମୁଁ ଉତ୍‌ବା ବିନ୍ ରବ୍‌ବିୟା କହିଲେ କା ମୁଁ ସେହି ଶମ୍ମାସ୍‌ଙ୍କ ଠାରୁ ଅଧିକା ସୁନ୍ଦର ଆଉଜଣେ ପୁଅପିଲାକୁ ଦେଖାଉଛି । ଏହା କହି ସେ ନିଜ ଭଣଜା ଉସ୍‌ମାନ୍‌କୁ ଆଣି ଦେଖାଇଲା । ସେବେଠାରୁ ଲୋକମାନେ ଉସ୍‌ମାନ୍‌କୁ ଶମ୍ମାସ୍ ଡାକିଲେ । ଆଉଗୋଟିଏ କାରଣ ଏହାର ବତାଯାଉଛି କି ତାଙ୍କ ନାମ ଏଇଥିଯୋଗୁ ଶମ୍ମାସ୍ ଥିଲା କି ତାଙ୍କ ଚେହେରାର ଲାଲିମା ଓ ଗୋରା ରଙ୍ଗ ଥିବାରୁ ଯେପରି ସେ ସୂର୍ଯ୍ୟଙ୍କ ପରି ଅଟନ୍ତି । ତେଣୁ ସେଇଥିପାଇଁ ଶମ୍ମାସ୍ ନାମଟି ତାଙ୍କର ଅସଲ ନାମକୁ ପ୍ରଭାବିତ କଲା । (ସିରତ୍ ଇବ୍‌ନେ ହୁଶାମ୍, ପୃଷ୍ଠା-୪୬୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୧)

ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ୍ ଏବଂ ତାଙ୍କ ମାତା ସଫିୟା ବିନ୍‌ତ୍ ରବ୍‌ବିୟା ବିନ୍ ଅବ୍‌ଦେ ଶମସ୍ ହବ୍‌ଶା ଆଡକୁ ଦ୍ୱିତୀୟ ହିଜ୍‌ରତ୍‌ରେ ସାମିଲ୍ ହୋଇଥିଲେ । ହଜ୍‌ରତ୍ ଶମାସ୍‌ଙ୍କର ମାତା ସଫିୟା ଉତ୍‌ବାର ଭଉଣୀ ଥିଲେ । ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ୍ ହବ୍‌ଶରୁ ଫେରିଆସି ମଦିନା ହିଜ୍‌ରତ୍ କରିଗଲେ । ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ୍ ମଦିନା ହିଜ୍‌ରତ୍ କରିବା ପରେ ହଜ୍‌ରତ୍ ମୁବଶିର୍ ବିନ୍ ଅବ୍‌ଦେ ମୁନ୍‌ଜର୍‌ଙ୍କ ଘରେ ରହିଲେ । ସଇଦ୍ ବିନ୍ ମୁସୈବ୍ କହୁଛନ୍ତି କି ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ ଓ୍ୱହଦ୍ ଯୁଦ୍ଧ ସମୟରେ ଶହିଦ୍ ହେବା ପର୍ଯ୍ୟନ୍ତ ହଜ୍‌ରତ୍ ମୁବଶିର୍ ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍‌ଙ୍କ ଘରେ ରହୁଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ୍ ଏବଂ ହଜ୍‌ରତ୍ ହନ୍‌ଜଲା ବିନ୍ ଅବି ଆମୀରଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନଙ୍କ ପୁତ୍ରଙ୍କ ନାମ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ଥିଲା ଓ ତାଙ୍କ ସ୍ତ୍ରୀଙ୍କ ନାମ ଉମ୍ମେ ହବିବ୍ ବିନ୍‌ତ୍ ସଇଦ୍ ଥିଲା । ପ୍ରଥମ ହିଜ୍‌ରତ୍ କରିଥିବା ମୁସଲ୍‌ମାନ୍ ମହିଳାମାନଙ୍କ ମଧ୍ୟରେ ସେ ସାମିଲ୍ ଥିଲେ । (ଅସଦୁଲ୍ ଗାବା, ଖଣ୍ଡ-୨, ପୃଷ୍ଠା-୩୯୪, ଶମାସ୍ ବିନ୍ ଉସ୍‌ମାନ୍, ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୩୦, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬)

ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ ବଦର୍ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ୍ ହୋଇଥିଲେ । ସେ ଓ୍ୱହଦ୍ ଯୁଦ୍ଧରେ ପୁରା ଜୀବନ ଲଗାଇ ଲଢ଼ିଥିଲେ । ରସୁଲୁଲ୍ଲାଃ ସ:ଆ:ସ କହିଲେ କି ମୁଁ ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନକୁ ଗୋଟିଏ ଢ଼ାଲ ସଦୃଶ ଦେଖିବାକୁ ପାଇଲି । ରସୁଲୁଲ୍ଲାଃ ସ:ଆ:ସ ବାମକୁ ଡାହାଣକୁ ଓ ଯେଉଁ ଆଡକୁ ମଧ୍ୟ ଆଖି ଉଠାଉଥିଲେ ସେଠାରେ ଶମ୍ମାସ୍‌କୁ ମଧ୍ୟ ପାଉଥିଲେ ଯିଏ ଓ୍ୱହଦ୍ ଯୁଦ୍ଧରେ ନିଜ ତରବାରି ଦ୍ୱାରା ପ୍ରତିରକ୍ଷା କରୁଥିଲେ । ଏପରିକି ଆଁ ହଜ୍‌ରତ୍ ସ:ଆ:ସ ବେହୋସ୍ ହୋଇଗଲେ, ଯେତେବେଳେ ଆପଣଙ୍କ ଉପରେ ଆକ୍ରମଣ କରାଗଲା ଓ ଆପଣଙ୍କ ଦେହରେ ପଥର ବାଜିଲା । ହଜ୍‌ରତ୍ ଶମ୍ମାସ୍ ନିଜକୁ ଆପଣ ସ:ଆ:ସଙ୍କ ସମ୍ମୁଖରେ ଢ଼ଲା ସଦୃଶ ରଖିଦେଲେ । ଫଳତଃ ସେ ଭୀଷଣ କ୍ଷତାକ୍ତ ହୋଇଗଲେ ଏବଂ ତାଙ୍କୁ ସେହିପରି ଅବସ୍ଥାରେ ମଦିନା ଉଠାଇ ଅଣାଗଲା । ସେତେବେଳେ ଆପଣଙ୍କର କିଛିଟା ଜୀବନ ବାକି ଥିଲା । ତାଙ୍କୁ ହଜ୍‌ରତ୍ ଆଇଶାଙ୍କ ଘରକୁ ନିଆଗଲା । ହଜ୍‌ରତ୍ ଉମ୍ମେ ସଲ୍‌ମା କହିଲେ କି କଣ ମୋର ଚଚ୍ଚା ପୁଅଭାଇଙ୍କୁ ମୋ ଛଡା ଆଉକାହା ଘରେ ରଖାଯିବ ? ଏଥିରେ ଆପଣ ସ:ଆ:ସ କହିଲେ କି ତାଙ୍କୁ ହଜ୍‌ରତ୍ ଉମ୍ମେ ସଲ୍‌ମାଙ୍କ ଘରେ ପହଂଚାଇ ଦିଅ । ସୁତରାଂ ତାଙ୍କୁ ସେଠାକୁ ନିଆଗଲା ଓ ସେଠାରେ ହିଁ ତାଙ୍କର ଦେହାନ୍ତ ହେଲା । ସେ ଓ୍ୱହଦ୍ ଯୁଦ୍ଧରୁ କ୍ଷତାକ୍ତ ଅବସ୍ଥାରେ ଆସିଥିଲେ । ପୁଣି ଆପଣ ସ:ଆ:ସଙ୍କ ନିର୍ଦ୍ଦେଶ ମୁତାବକ ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନଙ୍କୁ ଓ୍ୱହଦ୍‌କୁ ନେଇ ତାଙ୍କର ସେହି କପଡାରେ ହିଁ ଦଫନ୍ କରିଦିଆଗଲା । ଯେତେବେଳେ ଯୁଦ୍ଧ କ୍ଷେତ୍ରରେ କ୍ଷତାଙ୍କ ହୋଇଥିବା ଯୋଗୁ ସେଠାରୁ ତାଙ୍କୁ ଉଠାଇ ମଦିନା ଅଣାଯାଇଥିଲା ସେ ମଦିନାରେ ଗୋଟିଏ ଦିନ ଓ ଗୋଟିଏ ରାତି ଜୀବିତ ଥିଲେ ଓ ଏକଥା କୁହାଯାଏ କି ସେ ସମୟରେ କିଛି ଖାଇଲେ ନାହିଁ କି ପିଇଲେ ନାହିଁ । ତାଙ୍କ ଅବସ୍ଥା ଦୁର୍ବଳ ହୋଇଯାଇଥିଲା ଅର୍ଥାତ୍ ମୁର୍ଚ୍ଛିତ ହୋଇ ପଡିଥିଲେ । ହଜ୍‌ରତ୍ ଶମ୍ମାସ୍ ବିନ୍ ଉସ୍‌ମାନ ର:ଅଙ୍କ ଦେହାନ୍ତ ୩୪ ବର୍ଷ ବୟସରେ ହେଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୧୩୧, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬)

ପୁଣି ଆଉଜଣେ ସାହାବୀ ହେଉଛନ୍ତି ଅବୁ ଅବସ୍ ବିନ୍ ଜବର୍ । ତାଙ୍କ ବାପାଙ୍କ ନାମ ହେଉଛି ଜବର୍ ବିନ୍ ଉମ୍‌ରୋ । ତାଙ୍କର ଦେହାନ୍ତ ୩୪ ହିଜ୍‌ରିରେ ୭୦ ବର୍ଷ ବୟସରେ ହୋଇଥିଲା । ତାଙ୍କର ଅସଲ ନାମ ଥିଲା- ଅବ୍‌ଦୁର୍ ରହ୍‌ମାନ୍ ଓ କୁନିୟତ୍ ଥିଲା ଅବୁ ଅବସ୍ । ତାଙ୍କର ସମ୍ବନ୍ଧ ଅନ୍‌ସାରଙ୍କ କବିଲା ବନୁ ହାର୍‌ସା ସହିତ ଥିଲା । ଜାହିଲିୟତ୍ ଯୁଗରେ ତାଙ୍କର ନାମ ଅବ୍‌ଦୁଲ୍ ଉଜ୍ଜା ଥିଲା । ନବୀ କରିମ୍ ସ:ଆ:ସ ସେହି ନାମକୁ ବଦଳାଇ ଅବ୍‌ଦୁର୍ ରହ୍‌ମାନ୍ ରଖିଥିଲେ । ଉଜ୍ଜା ତାଙ୍କ ଠାକୁରଙ୍କ ନାମ ଥିଲା ସେଇଥିଯୋଗୁ ତାକୁ ବଦଳାଇ ଅବ୍‌ଦୁର୍ ରହ୍‌ମାନ୍ କରିଦେଲେ । ସେ ନବୀ କରିମ୍ ସ:ଆ:ସଙ୍କ ସହିତ ବଦର୍ ଯୁଦ୍ଧ ସମେତ ସମସ୍ତ ଯୁଦ୍ଧରେ ସାମିଲ୍ ହୋଇଛନ୍ତି । କାଆବ୍ ବିନ୍ ଅଶ୍‌ରଫ୍ ୟୁହୁଦୀଙ୍କୁ ଯେଉଁ ସାହାବୀମାନେ ହତ୍ୟା କରିଥିଲେ ସେ ମଧ୍ୟ ସେଥିରେ ସାମିଲ୍ ଥିଲେ । ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ଅବସ୍ ଏବଂ ହଜ୍‌ରତ୍ ଖୁନୈସ୍‌ଙ୍କ ମଧ୍ୟରେ ମୁଆଖାତ୍ କାଏମ୍ କରିଥିଲେ । ୩୪ ହିଜ୍‌ରିରେ ୭୦ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଥିଲା । ମକ୍କାରେ ତାଙ୍କର ବହୁତ ସନ୍ତାନ ସନ୍ତତି ମହଜୁଦ୍ ଥିଲେ । ହଜ୍‌ରତ୍ ଉସ୍‌ମାନ୍ ନମାଜ ଯନାଜାଃ ପଢ଼ାଇଲେ ଏବଂ ଜନ୍ନତୁଲ୍ ବକିଠାରେ ତାଙ୍କର ତଦ୍‌ଫିନ୍ କରାଗଲା । (ଅସଦୁଲ୍ ଗାବା, ଖଣ୍ଡ-୫, ପୃଷ୍ଠା-୨୦୪-୨୦୫, ମୁଦ୍ରଣ ଦାରୁଲ୍ ଫିକର୍ ବେରୁତ ୨୦୦୩) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୩୮, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) । ହଜ୍‌ରତ୍ ଅବସ୍ ବିନ୍ ଜବର୍‌ଙ୍କ ସମ୍ବନ୍ଧରେ ବର୍ଣ୍ଣିତ ଅଛି କି ଇସ୍‌ଲାମ୍ ପୂର୍ବରୁ ମଧ୍ୟ ସେ ଆରବୀ ଲେଖିବା ପଢ଼ିବା ଜାଣିଥିଲେ ଯଦି ତ ସେ ସମୟରେ ଆରବ ଦେଶରେ ଲେଖିବାର ପ୍ରଥା ବହୁତ କମ୍ ଥିଲା । ହଜ୍‌ରତ୍ ଅବୁ ଅବସ୍ ଏବଂ ହଜ୍‌ରତ୍ ଅବୁ ବୁର୍‌ଦାଃ ବିନ୍ ନୟାର୍ ଯେତେବେଳେ ଇସ୍‌ଲାମ୍ ଗ୍ରହଣ କଲେ ସେତେବେଳେ ସେହି ଦୁଇଜଣଯାକ ବନୁ ହାର୍‌ସାର ପ୍ରତିମା ଗୁଡିକୁ ଭାଙ୍ଗିଦେଇଥିଲେ । ହଜ୍‌ରତ୍ ଉମ୍ମର୍ ଏବଂ ହଜ୍‌ରତ୍ ଉସ୍‌ମାନ୍ ସେହି ଲୋକମାନଙ୍କ ଠାରୁ ସଦ୍‌କା ଅସୁଲ୍ କରିବା ପାଇଁ ପଠାଉଥିଲେ ଅର୍ଥାତ୍ ମାଲ୍‌ର ବିଭାଗ ମଧ୍ୟ ତାଙ୍କ ପାଖରେ ଥିଲା । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୩୮, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) । ନବଓ୍ୱି ଯୁଗରେ ହଜ୍‌ରତ୍ ଅବୁ ଅବସ୍‌ଙ୍କ ଦୃଷ୍ଟିଶକ୍ତି ଶେଷ ହୋଇଗଲା । ଏଥିରେ ରସୁଲୁଲ୍ଲାଃ ସ:ଆ:ସ ତାକୁ ଗୋଟିଏ ଆଶାବାଡି ଦେଇ କହିଲେ କି ଏଥିରୁ ଆଲୋକ ହାସଲ କର । ସୁତରାଂ ଉକ୍ତ ଆଶାବାଡିଟି ତାଙ୍କ ସମ୍ମୁଖରେ ଆଲୋକ ପକାଉଥିଲା । (ଅଲ୍ ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୨୨୨, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୫) । ଏହାର ଅର୍ଥ ଗୋଟିଏ ଏପରି ହୋଇପାରେ କି ସେହି ଆଶାବାଡିଟି ତୁମ ହାତରେ ରହିବ ଓ ଯେଉଁଭଳି ଜଣେ ଅନ୍ଧବ୍ୟକ୍ତି ବାଡି ବ୍ୟବହାର କରିଥାଏ ଅର୍ଥାତ୍ ଚାଲିବା ବେଳେ ସେଥିରୁ ସାହାଯ୍ୟ ନେଇଥାଏ, ସେହିପରି ଏହା ମଧ୍ୟ ସାହାଯ୍ୟ କରିବ । କିନ୍ତୁ ଏହା ମଧ୍ୟ ହୋଇପାରିଥାଏ କି ସେଥିରୁ ଆଲୋକ ମଧ୍ୟ ବାହାରୁଥିବ ଓ ବେଳେବେଳେ ରାତି ସମୟରେ ଅଳ୍ପ ଦେଖାଯାଉଥିବ ତ ସେଥିରୁ ଆଲୋକ ବାହାରୁଥିବ କାରଣ କିଛି ସାହାବାମାନଙ୍କ ବିଷୟରେ ମଧ୍ୟ ଏ ରିଓ୍ୱାୟତ୍ ମିଳୁଛି ଯେ କେତେକ ସମୟରେ ସେମାନେ ଅନ୍ଧାରରେ ଯାତ୍ରା କରୁଥିଲେ ଓ ତାଙ୍କ ଆଶାବାଡିରୁ ଆଲୋକ ବାହାରୁଥିଲା । (ମସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୪, ପୃଷ୍ଠା-୬୯୩, ହଦିସ୍ - ୧୩୯୦୬...ଆଲମୁଲ୍ କୁତୁବ୍ ବେରୁତ୍ ୧୯୯୮) ବରଂ ଆଉଗୋଟିଏ ରିଓ୍ୱାୟତ୍ ଏପରି ମଧ୍ୟ ଅଛି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ତିନିଜଣ ସାହାବା ଅନ୍ଧାର ରାତିରେ ଯାତ୍ରା କରୁଥିଲେ, ସେମାନଙ୍କୁ ମଧ୍ୟ ଅଲ୍ଲାଃତାଲା ସେହିପରି ଏ ଦୃଶ୍ୟ ଦେଖାଇଲେ ଯେ ଆଲୋକ ତାଙ୍କ ଆଗେ ଆଗେ ମାର୍ଗଦର୍ଶନ କରାଇ ଚାଲୁଥିଲା ।

ହଜ୍‌ରତ୍ ଅବୁ ଅବସ୍‌ଙ୍କ ଜଣେ ପୁତ୍ର ରିଓ୍ୱାୟତ୍ ବର୍ଣ୍ଣନା କରୁଛନ୍ତି କି ହଜ୍‌ରତ୍ ଅବୁ ଅବସ୍ ରସୁଲୁଲ୍ଲାଃ ସ:ଆ:ସଙ୍କ ପଛରେ ନମାଜ ପାଠ କରୁଥିଲେ ଓ ପୁଣି ନିଜ କବିଲା ବନୁ ହାର୍‌ସା ଆଡକୁ ଚାଲିଯାଉଥିଲେ । ଏକଦା ଗୋଟିଏ ଅନ୍ଧାର ରାତିରେ ଯେଉଁ ସମୟରେ ବର୍ଷା ହେଉଥିଲା ସେ ନିଜ ଘର ଆଡକୁ ଯାଉଥିଲେ ତେବେ ତାଙ୍କ ଆଶାବାଡିରୁ ଆଲୋକ ବାହାରିବା ଆରମ୍ଭ ହୋଇଗଲା ଯାହା ତାଙ୍କ ପାଇଁ ରାସ୍ତାଟି ଆଲୋକମୟ ହେଲା । (ଅଲ୍ ମୁସ୍‌ତଦରକ୍ ଅଲସ୍ ସୈହିନ୍, ଖଣ୍ଡ-୬, ପୃଷ୍ଠା-୨୦୨୮, ହଦିସ୍-୫୪୯୫, ମୁଦ୍ରଣ ନଜାରୁଲ୍ ମୁସ୍ତଫା ଅଲ୍‌ବାଜ୍)

ହଜ୍‌ରତ୍ ଉସ୍‌ମାନ୍ ର:ଅ ତାଙ୍କ ବେମାର ଅବସ୍ଥାରେ ତାଙ୍କୁ ଦେଖିବା ପାଇଁ ଗଲେ । ସେତେବେଳେ ସେ ମୁର୍ଚ୍ଛିତ ଅବସ୍ଥାରେ ଥିଲେ । ଯେତେବେଳେ ତାଙ୍କୁ ଭଲ ଲାଗିଲା ହଜ୍‌ରତ୍ ଉସ୍‌ମାନ୍ ତାଙ୍କୁ କହିଲେ କି ଆପଣ ନିଜକୁ କେଉଁ ଅବସ୍ଥାରେ ଦେଖୁଛନ୍ତି । ଏଥିରେ ସେ କହିଲେ କି ଆମେ ନିଜର ଅବସ୍ଥାକୁ ଭଲ ଦେଖୁଛୁ । କେବଳ ଗୋଟିଏ ଓଟର ଆଣ୍ଠୁରେ ବନ୍ଧାଯାଇଥିବା ରସି ଯାହା ଆମଠାରୁ ହଜିଯାଇଥିଲା ଓ ଓଟ ରକ୍ଷକଠାରୁ ଭୁଲ୍‌ରେ ହଜି ଯାଇଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ଆମେ ତା'ଠାରୁ ମୁକ୍ତି ପାଇପାରୁନାହୁଁ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୩୮, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) ସେ ଉମ୍ମାଲ୍ (ଓଟ ରକ୍ଷକ) ମଧ୍ୟରୁ ଜଣେ ଥିଲେ ଯେପରିକି ମୁଁ କହିସାରିଛି ଯେ ସେ । ସଦ୍‌କା ମାଲ୍ ଇତ୍ୟାଦି ଚାନ୍ଦା ଗୁଡିକୁ ଏକାଠି କରିବା ପାଇଁ ପଠାଯାଉଥିଲେ । ଦାୟିତ୍ୱ ଓ ଇମାନ୍‌ଦାରୀର କି ପ୍ରକାର ସ୍ତର ତାଙ୍କର ଥିଲା କି ଓଟକୁ ବନ୍ଧାଯାଉଥିବା ଗୋଟିଏ ରସିକୁ ସେ ଭୁଲ୍ ବଶତଃ ହଜାଇ ଦେଇଥିଲେ । ସେଥିପାଇଁ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବ୍ୟତିବ୍ୟସ୍ତ ଥିଲେ । ମୃତ୍ୟୁ ସଜ୍ଜାରେ ମଧ୍ୟ ତାକୁ ଏକଥା ଖିଆଲ୍ ପଡ଼ିଲା । ତେଣୁ ସେ ଏହା ଭାବିଲେ କି ଉକ୍ତ ରସିଟି ପରକାଳରେ ଆମପାଇଁ ପରୀକ୍ଷାର କାରଣ ହୋଇନଯାଉ । ତେବେ ଏମାନେ ଏପରି ଲୋକଥିଲେ ଯେଉଁମାନଙ୍କର ଇଶ୍ୱର ଭୟ ଓ ଇମାନ୍‌ଦାରୀର ସ୍ତର ଏପରି ଥିଲା ।

ହଜ୍‌ରତ୍ ଅନସ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି କି ନବୀ କରିମ୍ ସ:ଆ:ସଙ୍କ ଠାରୁ ଅଧିକା ଅସର୍ ନମାଜ ପଢ଼ାଉଥିବା ବ୍ୟକ୍ତି ଆଉ କେହି ନଥିଲେ ଅର୍ଥାତ୍ ସମୟ ଦୃଷ୍ଟିକୋଣରୁ ଅସର୍ ନମାଜ୍ ପ୍ରଥମ ସମୟରେ ହିଁ ପଢୁଥିଲେ । ଅନ୍‌ସାର୍‌ମାନଙ୍କ ମଧ୍ୟରୁ ଦୁଇଜଣ ଲୋକେ ଏପରି ଥିଲେ ଯାହାଙ୍କ ଘର ମସ୍‌ଜିଦ୍ ନବଓ୍ୱିଠାରୁ ଅଧିକ ଦୂରରେ ଥିଲା । ଜଣେ ହେଉଛନ୍ତି ହଜ୍‌ରତ୍ ଅବୁ ଲୁବାବା ବିନ୍ ଅବ୍‌ଦୁଲ୍ ମୁନ୍‌ଜିର୍ ଯାହାଙ୍କ ସମ୍ବନ୍ଧ ବନି ଉମ୍‌ରୋ ବିନ୍ ଅଓଫ୍ ସହିତ ଥିଲା ଓ ଦ୍ୱିତୀୟ ଜଣକ ହେଉଛନ୍ତି ହଜ୍‌ରତ୍ ଅବୁ ଅବସ୍ ବିନ୍ ଜବର୍ ଯାହାଙ୍କ ସମ୍ପର୍କ ବନୁ ହାର୍‌ସା ସହିତ ଥିଲା । ଅବୁ ଲବାବାଙ୍କ ଘର କୁବାରେ ଥିଲା ଏବଂ ହଜ୍‌ରତ୍ ଅବୁ ଅବସ୍‌ଙ୍କ ଘର ବନୁ ହାର୍‌ସାରେ ଥିଲା । ବହୁତ ଦୂରତା, ଦୁଇରୁ ଅଢ଼େଇ ମାଇଲ୍ ଦୂରତା ଥିଲା । ଏହି ଦୁଇଜଣ ସାହାବୀ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ନମାଜ ପଢ଼ି ଯେତେବେଳେ ନିଜ କୌମ୍‌ଙ୍କ ପାଖକୁ ଫେରି ପହଂଚୁଥିଲେ ସେତେବେଳ ପର୍ଯ୍ୟନ୍ତ ସେମାନେ ଅସର୍ ନମାଜ ପଢ଼ିନଥିଲେ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୦୪, ପୃଷ୍ଠା-୬୦୭, ହଦିସ୍ ୧୨୫୧୬, ମୁଦ୍ରଣ ଆଲିମୁଲ୍ କୁତୁବ୍ ବେରୁତ ୧୯୯୮) । ତେବେ ସେ ଲୋକମାନଙ୍କର ଶିଘ୍ରଶିଘ୍ର ଚାଲିବାର ଏପରି ଅଭ୍ୟାସ ଥିଲା ଏବଂ ଏତେ ଦୂରରାସ୍ତା ଅତିକ୍ରମ କରି ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଛରେ ନମାଜ ପଢ଼ିବା ପାଇଁ ଆସୁଥିଲେ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଅବସ୍‌ଙ୍କ ଠାରୁ ରିଓ୍ୱାୟତ୍ ଅଛି କି ରସୁଲୁଲ୍ଲାଃ ସ:ଆ:ସ କହିଲେ ଯେ ଯେଉଁ ବ୍ୟକ୍ତି ନିଜର ପାଦକୁ ଅଲ୍ଲାଃତାଲାଙ୍କ ମାର୍ଗରେ ଧୂଳିଧୂସର କଲା ଅଲ୍ଲାଃତାଲା ତା ଉପରେ ନିଆଁକୁ ହରାମ କରିଦେଲେ । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୫, ପୃଷ୍ଠା-୪୬୯, ହଦିସ୍ ୧୬୦୩୧, ମୁଦ୍ରଣ ଆଲିମୁଲ୍ କୁତୁବ୍ ବେରୁତ ୧୯୯୮) । ଅର୍ଥାତ୍ ଅଲ୍ଲାଃତାଲାଙ୍କ ମାର୍ଗରେ ଜିହାଦ୍ କରିବାବାଲା, ଅଲ୍ଲାଃତାଲାଙ୍କ ଇଚ୍ଛା ଅନୁସାରେ ପରିଚାଳିତ ହେବାବାଲା, ନିଜକୁ କଷ୍ଟରେ ପକାଇବାବାଲା ଏଥିରେ ସାମିଲ୍ ଅଛନ୍ତି ଓ ଏହିପରି ଦାଓ୍ୱତେ ଇଲଲ୍ଲାଃ ନିମନ୍ତେ ଯାତ୍ରା କରିବାବାଲା ମଧ୍ୟ ଓ ସେହି ଲୋକମାନେ ମଧ୍ୟ ଏବଂ ସେହିଲୋକମାନେ ମଧ୍ୟ ଯିଏ ଗୋଟିଏ ଲମ୍ବା ଦୂରତାକୁ ଯାତ୍ରା କରି ବାଜମାତ୍ ନମାଜ ପଢ଼ିବା ପାଇଁ ମସ୍‌ଜିଦ୍ ଆସୁଥିଲେ । ଏହି ସବୁ ଲୋକମାନେ ସେଥିରେ ସାମିଲ୍ ଅଛନ୍ତି । ଅଲ୍ଲାଃତାଲା କହୁଛନ୍ତି କି ଏହି ଲୋକମାନଙ୍କ ଉପରେ ନିଆଁକୁ ହରାମ୍ କରିଦିଆଯାଇଛି ଅର୍ଥାତ୍ ସେମାନେ ନର୍କରେ ପଡିବେ ନାହିଁ ।

ପୁଣି ଆଉଜଣେ ସାହାବୀ ହଜ୍‌ରତ୍ ଅବୁ ଅକିଲ୍ ବିନ୍ ଅବ୍‌ଦୁଲ୍ଲାଃ ଅନ୍‌ସାରୀ । ଅବ୍‌ଦୁଲ୍ଲାଃ ବିନ୍ ସାଲ୍‌ବା ତାଙ୍କ ବାପାଙ୍କର ନାମ ଥିଲା । ତାଙ୍କର ଦେହାନ୍ତ ୟମାମା ଯୁଦ୍ଧ ସମୟରେ ୧୨ହିଜରିରେ ହୋଇଥିଲା । ତାଙ୍କ ନାମ ଅବ୍‌ଦୁର୍ ରହେମାନ୍ ଇରାଶି ବିନ୍ ଅବ୍‌ଦୁଲ୍ଲାଃ ଥିଲା । ତାଙ୍କର ପୁରୁଣା ନାମ ହେଉଛି ଅବ୍‌ଦୁଲ୍ ଉଜ୍ଜା । ଇସ୍‌ଲାମ୍ ଗ୍ରହଣ କରିବା ପରେ ରସୁଲୁଲ୍ଲାଃ ସ:ଆ:ସ ତାଙ୍କ ନାମ ଅବ୍‌ଦୁର୍ ରହେମାନ୍ ରଖିଦେଲେ । ତାଙ୍କର ସମ୍ବନ୍ଧ ବଲୈ କବିଲାର ଗୋଟିଏ ଶାଖା ବନୁ ଉନୈଫ୍ ସହିତ ଥିଲା ଓ ସେ ଅନ୍‌ସାରଙ୍କ ଖାନ୍‌ଦାନ୍ ବନୁ ଜହ୍‌ଜବା ବିନ୍ କୁଲ୍‌ଫାଙ୍କ ହଲିଫ (ବନ୍ଧୁ) ଥିଲା । ତାଙ୍କର କୁନିୟତ୍ ଥିଲା ଅବୁ ଅକିଲ୍ ଓ ସେ ଏହି ନାମରେ ପ୍ରସିଦ୍ଧ ଥିଲେ । ବଦର୍, ଓ୍ୱହଦ୍, ଖନ୍ଦକ ସୁତରାଂ ସମସ୍ତ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଯୋଗ ଦେଇଥିଲେ । ହଜ୍‌ରତ୍ ଅବୁବକର୍ ସିଦ୍ଦିକ୍‌ଙ୍କ ଖିଲାଫତ୍ ସମୟରେ ୟମମା ଯୁଦ୍ଧରେ ସେ ଶହିଦ୍ ହୋଇଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୮-୨୪୯, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) । ତାଙ୍କ ଇସ୍‌ଲାମ୍ ଗ୍ରହଣ କରିବାର ଘଟଣା ଏପରି ବର୍ଣ୍ଣିତ ହୋଇଛି କି ଆଁ ହଜ୍‌ରତ୍ ସ:ଆ:ସ ମକ୍କାରୁ ହିଜ୍‌ରତ୍ କରି ଯେତେବେଳେ ମଦିନା ଚାଲି ଆସିଲେ ସେତେବେଳେ ଦିନେ ଜଣେ ଯୁବକ ଆପଣ ସ:ଆ:ସଙ୍କ ଗୋଚରେ ଉପସ୍ଥିତ ହେଲା ଏବଂ ଇମାନ୍ ଗ୍ରହଣ କରିବା ସହିତ ଆପଣ ସ:ଆ:ସଙ୍କ ଠାରୁ ବୟତ ହାସଲ କଲା ଓ ପ୍ରତିମା ଗୁଡିକଠାରୁ ଘୃଣା ପ୍ରକାଶ କଲା । ଏହି ଅବସରରେ ହଜୁର୍ ସ:ଆ:ସ ତାଙ୍କୁ ପଚାରିଲେ କି ତୁମ ନାମ କଣ ? ସେ କହିଲେ ଅବ୍‌ଦୁଲ୍ ଉଜ୍ଜା । ହଜୁର୍ ସ:ଆ:ସ କହିଲେ- ନୁହେଁ ବରଂ ଆଜିଠାରୁ ତୁମ ନାମ ଅବ୍‌ଦୁର୍ ରହେମାନ୍ ରଖାଗଲା । ଏଥିରେ ସେ ନବୀଙ୍କ ନିର୍ଦ୍ଦେଶ ସମ୍ମୁଖରେ ନତମସ୍ତକ ହେଲା ଏବଂ ସବୁ ଲୋକମାନଙ୍କୁ କହିଦେଲା କି ମୁଁ ବର୍ତମାନ ଅବ୍‌ଦୁଲ୍ ଉଜ୍ଜା ନୁହେଁ ବରଂ ଅବ୍‌ଦୁଲ୍ ରହେମାନ୍ । ତାଙ୍କ ଜେଜେବାପାଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଇରାଶା ବିନ୍ ଆମିର୍ ଥିଲେ । ସେଇଥିଯୋଗୁ ତାଙ୍କୁ ଇରାଶି ମଧ୍ୟ କୁହାଯାଏ । (ଆସ୍‌ମାନ୍ ହିଦାୟତ୍ କେ ସତର୍ ସିତାରେ, ଲେଖକ- ତାଲିବେ ହାଶ୍‌ମି, ପୃଷ୍ଠା-୪୯୧-୪୯୨...ଲାହୋର୍) । ସେ ସେହି ସମସ୍ତ ସାହାବାଙ୍କ ମଧ୍ୟରୁ ଜଣେ ଥିଲେ କି ଯେବେ ଆଁ ହଜ୍‌ରତ୍ ସ:ଆ:ସ ସଦ୍‌କା କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ସେତେବେଳେ ସାରା ରାତି

ସେ କାମ କରନ୍ତି ଓ ଯାହା କିଛି ମିଳେ ତାହା ସଦ୍‌କା କରିଦିଅନ୍ତି । ସୁତରାଂ ବୁଖାରୀରେ ତାଙ୍କ ସମ୍ବନ୍ଧରେ ଆସୁଛି କି ହଜ୍‌ରତ୍ ଅବୁ ମସ୍‌ଉଦ୍ ବର୍ଣ୍ଣନା କରୁଛନ୍ତି କି ଯେତେବେଳେ ଆମକୁ ସଦ୍‌କା କରିବା ପାଇଁ ନିର୍ଦ୍ଦେଶ ହେଲା ସେତେବେଳେ ଆମେ ମଜୁରୀରେ ବୋଝ ଉଠାଉଥିଲୁ । ହଜ୍‌ରତ୍ ଅବୁ ଅକିଲ୍ ଅଧା ସାଆ (ମାଣ) ଖଜୁରୀ ମଜୁରୀ ଟଙ୍କାରୁ ନେଇଆସିଲେ । ଆଉଜଣେ ବ୍ୟକ୍ତି ତାଙ୍କଠାରୁ ଅଧିକା ଆଣିଲା । ଏଥିରେ ମୋନାଫିକ୍ (କପଟ ବିଶ୍ୱାସୀ) କହିବାକୁ ଲାଗିଲେ କି ଅଲ୍ଲାଃତାଲାଙ୍କୁ ଏ ଲୋକର ସଦ୍‌କା ଲୋଡାନାହିଁ ଏବଂ ସେହି ଦ୍ୱିତିୟ ବ୍ୟକ୍ତି ଜଣକ ଯିଏ ସଦ୍‌କା କରିଥିଲା ସେ କେବଳ ଦେଖାଣିଆ ରୂପେ କରିଥିଲା । ସେତେବେଳେ ଏହି ଆୟତ୍‌ଟି ଅବତୀର୍ଣ୍ଣ ହେଲା – *ଅଲ୍ ଲଜିନା ଯଲ୍‌ମିଜୁନଲ୍ ମୁତୱ୍ୱିଇନା ମିନଲ୍ ମୁମିନିନା ଫିସ୍ ସଦକାତି ୱଲ୍ ଲଜିନା ଲା ଯଜିଦୁନା ଇଲ୍ଲା ଜୁହୁଦହୁମ୍ ଫୟସ୍‌ଖରୁନା ମିନ୍‌ହୁମ୍ । ସଖିରଲ୍ଲାହୁ ମିନ୍‌ହୁମ୍ ୱଲହୁମ୍ ଅଜାବୁନ୍ ଅଲିମ୍ ।* (ତୌବାଃ:୭୯) ଏ ହେଉଛନ୍ତି ସେହି ମୁନାଫିକ୍ ଯେଉଁମାନେ ମୋମିନ୍ ମାନଙ୍କ ମଧ୍ୟରୁ ଆନନ୍ଦିତ ହୋଇ ବଢ଼ିଚଢ଼ି ସଦ୍‌କା ଦେଉଥିବା ଲୋକମାନଙ୍କର ଥଟ୍ଟା ପରିହାସ କରୁଥିଲେ ଓ ସେମାନଙ୍କ ଉପରେ ମଧ୍ୟ ଥଟ୍ଟା ପରିହାସ କରୁଥିଲେ ଯେଉଁମାନେ ନିଜ ପରିଶ୍ରମ କରିବା ବ୍ୟତୀତ ଆମଦାନୀ କରିବାର ଆଉ କୌଣସି ଶକ୍ତି ପାଉନଥିଲେ । ସୁତରାଂ ଏପରି କୁର୍ବାନୀ କରିବା ସତ୍ୱେ ମଧ୍ୟ ମୁନାଫିକ୍ ତାଙ୍କ ଉପରେ ହସୁଥିଲେ ଏବଂ ଅଲ୍ଲାଃ ସେମାନଙ୍କ ମଧ୍ୟରୁ ଅତ୍ୟଧିକ ବିରୋଧ କରୁଥିବା ଲୋକମାନଙ୍କୁ ତାଙ୍କ ହସିବାର ଦଣ୍ଡଦେବେ ଓ ସେମାନଙ୍କୁ ଭୟଙ୍କର ଦଣ୍ଡ ଓ କଷ୍ଟ ପହଂଚିବ । (ସହି ବୁଖାରୀ କିତାବୁଲ୍ ତଫସିର୍....ଖଣ୍ଡ-୧୦, ପୃଷ୍ଠା-୩୭୧, ହଦିସ୍-୪୬୬୮, ପ୍ରକାଶକ- ନଜାରତ୍ ଇସାଅତ୍ ରବ୍‌ୱା)

ଅଲ୍ଲାଃତାଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ସେମାନେ କିପରି ଚେଷ୍ଟା କରୁଥିଲେ ଓ ସେହି ଲୋକମାନଙ୍କର ଏହି ନମୁନା ଗୁଡିକୁ ଗ୍ରହଣ କରି ଅଲ୍ଲାଃତାଲା ପରେ ଆସିଥିବା ଲୋକମାନଙ୍କୁ ମଧ୍ୟ ସେମାନଙ୍କ ପଦାଙ୍କ ଅନୁସରଣରେ ପରିଚାଳିତ ହେବାପାଇଁ ଉପଦେଶ ଦେଇଛନ୍ତି ।

ଏହି ଘଟଣାଟିର ବ୍ୟାଖ୍ୟା ଅଲ୍ଲାମା ଇବ୍‌ନେ ହଜର୍ ଅସ୍‌କଲାନି ଏପରି ବର୍ଣ୍ଣନା କରୁଛନ୍ତି କି ତାଙ୍କୁ ସାହାବୁସ୍ ଶାଆ ମଧ୍ୟ କୁହାଯାଉଥିଲା ଅର୍ଥାତ୍ ହଜ୍‌ରତ୍ ଅବୁ ଅକିଲ୍ ସାହେବ୍‌ଙ୍କୁ ଅସ୍‌ସା ବୋଲି ସମ୍ବୋଧନ କରାଯାଉଥିଲା । ଘଟଣାଟି ହେଉଛି ଏପରି କି ହଜ୍‌ରତ୍ ଅବ୍‌ଦୁର୍ ରହେମାନ୍ ବିନ୍ ଅଓଫ୍ ନିଜର ଅଧା ମାଲ୍ ନେଇକରି ଆସିଲେ । ଅନ୍‌ସାର୍‌ର ଗରୀବ ମୁସଲ୍‌ମାନ୍ ମାନଙ୍କ ମଧ୍ୟରୁ ଅବୁ ଅକିଲ୍ ନାମକ ଜଣେ ବ୍ୟକ୍ତି ଆଗକୁ ବଢ଼ି କହିଲେ- ହେ ରସୁଲଲ୍ଲାଃ ! ମୁଁ ଖଜୁରୀର ଦୁଇ ସାଆ (ଗଉଣୀ ଆକାରର ଏକ ମାପକ)ର ପ୍ରତିବଦଳରେ ରାତିସାରା କୂଅରୁ ପାଣି ବୁହାଇଛି । ସେଥିରୁ ଗୋଟିଏ ସାଆ ନିଜ ଘର ଲୋକଙ୍କ ପାଇଁ ରଖିଦେଇ ଅନ୍ୟ ସାଆଟିକୁ ନେଇଆସିଛି । କେତେକ ରିୱାୟତ୍‌ରେ ଅଛି କି ସେ ଗୋଟିଏ ସାଆର ଅଧା ଦେବାପାଇଁ ଆଣିଥିଲେ ବୋଲି ଅର୍ଥାତ୍ ଅଧା ଘରେ ରଖିନେଲେ ଓ ଅଧା ଆଣି ଉପସ୍ଥାପନ କଲେ । ଏଥିରେ ମୁନାଫିକ୍‌ମାନେ କହିଲେ କି ଅଲ୍ଲାଃ ଏବଂ ତାଙ୍କ ରସୁଲ୍ ସ:ଆ:ସଙ୍କୁ ଅବୁ ଅକିଲ୍‌ଙ୍କ ସାଆର ଆବଶ୍ୟକତା ନାହିଁ । ଏଥିରେ ଅଲ୍ଲାଃତାଲା କହିଲେ- *ଅଲ୍ ଲଜିନା ଯଲ୍‌ମିଜୁନଲ୍ ମୁତୱ୍ୱିଇନା ମିନଲ୍ ମୁମିନିନା ଫିସ୍ ସଦକାତି ୱଲ୍ ଲଜିନା ଲା ଯଜିଦୁନା ଇଲ୍ଲା ଜୁହୁଦହୁମ ।* (ଅଲ୍‌ଅସାବା ଫିତମିଜିସ୍ ସାହାବା, ଖଣ୍ଡ-୭, ପୃଷ୍ଠା-୨୩୩, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୫) ଅର୍ଥାତ୍ ଏହି ମୁନାଫିକ୍‌ମାନେ ମୋମିନ୍ ମାନଙ୍କ ମଧ୍ୟରୁ ଯେଉଁମାନେ ଆନନ୍ଦିତ ହୋଇ ବଢ଼ିଚଢ଼ି କରି ସଦ୍‌କା ଦେଉଛନ୍ତି, ସେମାନଙ୍କୁ ଥଟ୍ଟା ପରିହାସ କରୁଛନ୍ତି ଏବଂ ସେମାନଙ୍କ ଉପରେ ମଧ୍ୟ ଉପହାସ କରୁଛନ୍ତି ଯିଏ ନିଜ ପରିଶ୍ରମ ଦ୍ୱାରା କିଛି ରୋଜଗାର କରି ଉପସ୍ଥାପନ କରୁଛନ୍ତି । ଅବୁ ଅକିଲ୍ ହିଁ ଏପରି ଅନ୍‌ସାରୀ ସାହାବୀ ଥିଲେ ଯିଏ ମୁସ୍‌ଲେମା କଜ୍ଜାବ୍‌ଙ୍କ ଉପରେ ଶେଷ ଆକ୍ରମଣ କରିଥିଲେ । ସୁତରାଂ ଇବ୍‌ନେ ସାଆଦ୍ ବର୍ଣ୍ଣନା କରୁଛନ୍ତି କି ୟମାମା ଯୁଦ୍ଧ ଦିନ ମୁସଲ୍‌ମାନ୍‌ଙ୍କ ମଧ୍ୟରୁ ସର୍ବପ୍ରଥମେ ହଜ୍‌ରତ୍ ଅବୁ ଅକିଲ୍ ଉନୈଫି କ୍ଷତାକ୍ତ ହେବେ । ତାଙ୍କୁ ତାଙ୍କ କାନ୍ଧ ଓ ହୃଦୟ ମଝାମଝି ତୀରର ଆଘାତ ପହଂଚିଥିଲା ଓ ସେହି ତୀରଟି ଟେଢ଼ା ହୋଇଯାଇଥିଲା ଯାହାଦ୍ୱାରା ସେ ଶହିଦ୍ ହେଲେନାହିଁ । ପୁଣି ଉକ୍ତ ତୀରଟିକୁ ବାହାର କରାଗଲା ଓ ତାଙ୍କର ବାମପଟେ ଏହି ତୀରଟି ପଶିଯାଇଥିବା ଯୋଗୁ ବହୁତ ଦୁର୍ବଳ ହୋଇଯାଇଥିଲେ । ଏହାର ପ୍ରାରମ୍ଭିକ ଦିନର କଥା । ପୁଣି ତାକୁ ରଣକ୍ଷେତ୍ରରୁ ଉଠାଇ ଛାଉଣୀ ଭିତରକୁ ଅଣାଗଲା ଓ ଯେତେବେଳେ ଭୀଷଣ ଯୁଦ୍ଧ ହୋଇ ମୁସଲ୍‌ମାନ୍ ହାରିଗଲେ ଓ ମୁସଲ୍‌ମାନ୍ ମାନେ ପଛଘୁଂଚା ଦେଇଦେଇ ନିଜର ରହିବା ସ୍ଥାନର ପଛ ପର୍ଯ୍ୟନ୍ତ ଚାଲିଗଲେ ସେତେବେଳେ ହଜ୍‌ରତ୍ ଅବ ଅକିଲ୍ କ୍ଷତାଙ୍କ ଅବସ୍ଥାରେ ଥିଲେ । ସେ ହଜ୍‌ରତ୍ ମଉନ୍ ବିନ୍ ଅଦିଙ୍କ ପାଟି ଶୁଣିଲେ ଯିଏ ଅନ୍‌ସାରଙ୍କୁ ବଡପାଟିରେ ଯୁଦ୍ଧରେ ଲଢ଼ିବା ପାଇଁ ଆହ୍ୱାନ ଦେଉଥିଲେ କି ଅଲ୍ଲାଃଙ୍କ ଉପରେ ଭରଷା ରଖ ଏବଂ ନିଜ ଶତୃଙ୍କ ଉପରେ ପୁନର୍ବାର ଆକ୍ରମଣ କର ଓ ହଜ୍‌ରତ୍ ମଉନ୍ ଲୋକମାନଙ୍କ ଆଗରେ ବହୁତ ଶିଘ୍ରଶିଘ୍ର ଚାଲୁଥିଲେ । ଏହା ସେ ସମୟର କଥା ଯେତେବେଳେ ଅନ୍‌ସାର୍‌ମାନେ ଏହା କହୁଥିଲେ କି ଆମ ଅନ୍‌ସାର୍‌ମାନଙ୍କୁ ଅନ୍ୟମାନଙ୍କ ଠାରୁ ଅଲଗା କରିଦିନ । ସୁତରାଂ ଜଣଜଣ ହୋଇ ଅନ୍‌ସାର୍‌ମାନେ ଗୋଟିଏ ପଟେ ଏକାଠି ହୋଇଗଲେ । ସେମାନଙ୍କର ଉଦ୍ଦେଶ୍ୟ ଏହା ଥିଲା କି ସେମାନେ ଏକାଠି ହୋଇ ଲଢ଼ିବେ ଓ ସାହସିକତାର ସହିତ ଆଗକୁ ବଢ଼ି ଶତୃଙ୍କ ଉପରେ ଆକ୍ରମଣ କରିବେ । ଏହାଦ୍ୱାରା ସମସ୍ତ ମୁସଲ୍‌ମାନ୍ ମାନଙ୍କର ପାଦ ସ୍ଥିର ରହିବ ଓ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିଯିବ ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର କହୁଛନ୍ତି କି ପୁଣି ହଜ୍‌ରତ୍ ଅବୁ ଅକିଲ୍ ଅନ୍‌ସାରଙ୍କ ପାଖକୁ ଯିବାପାଇଁ ଛିଡା ହୋଇଗଲେ । ସେ କ୍ଷତାକ୍ତ ଅବସ୍ଥାରେ ଥିଲେ ଓ ବହୁତ ଦୁର୍ବଳ ଥିଲେ । କିନ୍ତୁ ପୁଣି ଛିଡା ହୋଇଗଲେ । ମୁଁ କହିଲି ହେ ଅବୁଅକିଲ୍, ଆପଣ କଣ ଚାହୁଁଛନ୍ତି । ଯୁଦ୍ଧ କରିବା ପାଇଁ ତ ଆପଣଙ୍କଠାରେ ଶକ୍ତି ନାହିଁ । ଏଥିରେ ସେ କହିଲେ କି ସେହି ଡାକ ମୋର ନା ନେଇ ଶବ୍ଦ ହାଙ୍କିଛି । ଏଥିରେ ମୁଁ କହିଲି ସେ ତ ଅନ୍‌ସାରକୁ ଡାକୁଛନ୍ତି, କ୍ଷତାଙ୍କ ଲୋକମାନଙ୍କୁ ନୁହେଁ । ସେ ତ ସେହି ଲୋକମାନଙ୍କୁ ଡାକୁଛନ୍ତି ଯେଉଁମାନେ ଯୁଦ୍ଧ କରିବା ଯୋଗ୍ୟ । ଏହା ଶୁଣି ହଜ୍‌ରତ୍ ଅବୁ ଅକିଲ୍ କହିଲେ କି ସେ ଅନ୍‌ସାରକୁ ଡାକିଛନ୍ତି ଓ ମୁଁ କ୍ଷତାକ୍ତ ହୋଇଥିଲେ ମଧ୍ୟ ତାଙ୍କ ଡାକ ଶୁଣି ନିଶ୍ଚିତ ଯିବି । କାରଣ ମୁଁ ମଧ୍ୟ ଅନ୍‌ସାରଙ୍କ ମଧ୍ୟରୁ ହେଉଛି ଜଣେ । ମୋତେ ଆଣ୍ଠେଇ ଆଣ୍ଠେଇ ଯିବାକୁ ପଡ଼ିଲେ ମଧ୍ୟ ମୁଁ ଯିବି । ହଜ୍‌ରତ୍ ଇବ୍‌ନେ ଉମର୍ କହୁଛନ୍ତି କି ହଜ୍‌ରତ୍ ଅବୁ ଅକିଲ୍ ନିଜ ଅଂଟା ଭିଡିଲେ ଓ ଡାହାଣ ହାତରେ ଉନ୍ମୁକ୍ତ ତରବାରିକୁ ଧରିଲେ ଓ ପୁଣି ଏ ଏଲାନ୍ କରିଲେ କି ହେ ଅନ୍‌ସାରମାନେ ! ହୁନୈନ୍ ଯୁଦ୍ଧ ସଦୃଶ ଶତୃମାନଙ୍କ ଉପରେ ପୁନର୍ବାର ଆକ୍ରମଣ କର । ସୁତରାଂ ଅନ୍‌ସାରମାନେ ଏକାଠି ହୋଇଗଲେ । ଅଲ୍ଲାଃ ସେମାନଙ୍କ ଉପରେ ଦୟା କରନ୍ତୁ । ଏବଂ ମୁସଲ୍‌ମାନ୍ ମାନେ ବହୁତ ସାହସର ସହିତ ଶତୃମାନଙ୍କ ଆଡକୁ ବଢ଼ିଚାଲିଲେ । ଏପରିକି ଶତୃମାନଙ୍କୁ ଯୁଦ୍ଧକ୍ଷେତ୍ର ଛାଡି ଗୋଟିଏ ବଗିଚା ଭିତରେ ପଶି (ଲୁଚିଯିବା ପାଇଁ) ମଜ୍‌ବୁର୍ କରିଦେଲେ । ମୁସଲ୍‌ମାନ୍ ଏବଂ ଶତୃପକ୍ଷଙ୍କ ମଧ୍ୟରେ ଭୀଷଣ ଯୁଦ୍ଧ ଚାଲିଲା । ହଜ୍‌ରତ୍ ଇବ୍‌ନେ ଉମର୍ କହୁଛନ୍ତି କି ମୁଁ ହଜ୍‌ରତ୍ ଅବୁ ଅକିଲ୍‌ଙ୍କୁ ଏପରି ଅବସ୍ଥାରେ ଦେଖିଲି କି ତାଙ୍କର କ୍ଷତାକ୍ତ ହାତଟି କାନ୍ଧରୁ କଟିଯାଇ ଭୂମି ଉପରେ ପଡ଼ିଥିଲା ଏବଂ ତାଙ୍କ ଶରୀରରେ ୧୪ଟି ଭୀଷଣ କ୍ଷତ ଲାଗିଥିଲା ଓ ସେହି ସମସ୍ତ କ୍ଷତଗୁଡିକ ମୃତ୍ୟୁପାଇଁ ଯଥେଷ୍ଟ ଥିଲା । (ବିପକ୍ଷରେ) ଅଲ୍ଲାଃଙ୍କର ଶତୃ ମୁସ୍‌ଲେମା ହତ୍ୟା ହୋଇ ଭୂମି ଉପରେ ପଡିଥିଲା । ହଜ୍‌ରତ୍ ଅବୁ ଅକିଲ୍ ଭୂମି ଉପରେ କ୍ଷତାକ୍ତ ହୋଇ ପଡ଼ିଯାଇଥିଲେ ଓ ତାଙ୍କର ଶେଷ ନିଃଶ୍ୱାସ ଚାଲିଥିଲା । ମୁଁ ନଇଁ କରି ତାଙ୍କୁ କହିଲି ହେ ଅବୁ ଅକିଲ୍ ! ସେ କହିଲେ ଲବ୍‌ବେକ୍ ଅର୍ଥାତ୍ ମୁଁ ଉପସ୍ଥିତ ଅଛି ଓ କମ୍ପିତ ଶବ୍ଦରେ ପଚାରିଲେ କି ବିଜୟ କାହାର ହେଲା ? ମୁଁ ତାଙ୍କୁ କହିଲି ଆପଣଙ୍କୁ ସୁସମାଚାର କି ମୁସଲ୍‌ମାନ୍ ମାନଙ୍କୁ ବିଜୟପ୍ରାପ୍ତ ହୋଇଛି ଓ ମୁଁ ବଡପାଟିରେ କହିଲି କି ଅଲ୍ଲାଃଙ୍କ ଶତୃ ମୁସ୍‌ଲେମା କଜ୍ଜାବ୍ ହତ୍ୟା ହୋଇସାରିଛି । ଏଥିରେ ସେ ଅଲ୍ଲାଃଙ୍କ ସ୍ତୁତି ଗାନ କରି ଆକାଶ ଆଡକୁ ଅଙ୍ଗୁଳି ଉଠାଇ ପ୍ରାଣତ୍ୟାଗ କଲେ । ଅଲ୍ଲାଃ ତାଙ୍କ ଉପରେ କରୁଣା ଅବତୀର୍ଣ୍ଣ କରନ୍ତୁ । ହଜ୍‌ରତ୍ ଇବ୍‌ନେ ଉମର କହୁଛନ୍ତି କି ମଦିନା ଫେରିଆସିବା ପରେ ମୁଁ ହଜ୍‌ରତ୍ ଉମର୍‌ଙ୍କୁ ଅବୁ ଅକିଲ୍‌ଙ୍କର ସମସ୍ତ କାର୍ଯ୍ୟାବଳୀ ଶୁଣାଇଲି । ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ- ଅଲ୍ଲାଃ ତାଙ୍କ ଉପରେ କରୁଣା କରନ୍ତୁ । ସେ ସର୍ବଦା ଶାହାଦତ୍‌ର କାମନା କରୁଥିଲେ ଓ ମୁଁ ଜାଣିଛି କି ସେ ଆମ ନବୀ କରିମ୍ ସ:ଆ:ସଙ୍କ ଉତମ ସାହାବା ମାନଙ୍କ ମଧ୍ୟରୁ ଥିଲେ ଓ ଇସ୍‌ଲାମର ପ୍ରାରମ୍ଭିକ ସମୟରେ ସେ ମୁସଲ୍‌ମାନ୍ ହୋଇଥିଲେ । ଏହା ହଜ୍‌ରତ୍ ଉମର୍‌ଙ୍କର ବକ୍ତବ୍ୟ ଥିଲା । ବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୨୪୯, ମୁଦ୍ରଣ- ଦାରୁଲ୍ ଅହ୍‌ୟା ଅତ୍‌ତୁରାସ୍ ଅଲ୍‌ଅରବୀ ବେରୁତ ୧୯୯୬) । ଅଲ୍ଲାଃତାଲା ସମସ୍ତ ସାହାବାମାନଙ୍କ ପଦମର୍ଯ୍ୟାଦା ଉଚ୍ଚରୁ ଉଚ୍ଚତମ କରିଚାଲନ୍ତୁ ।

ନମାଜ ପରେ ମୁଁ ଦୁଇଟି ଯନାଜାଃ ଗାଏବ୍ ମଧ୍ୟ ପଢ଼ାଇବି । ପ୍ରଥମ ଯନାଜାଃଟି ହେଉଛି ମୋହତରମ୍ ମୌଲାନା ଅବ୍‌ଦୁଲ୍ ଅଜିଜ୍ ସାଦିକ୍ ସାହେବ୍ ମୁରବୀ ସିଲ୍‌ସିଲା ବାଙ୍ଗାଲାଦେଶ୍ । ୨୬ ଜୁଲାଇ ୨୦୧୮ରେ ତାଙ୍କର ଦେହାନ୍ତ ହୋଇଥିଲା । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍* । ଚତୁର୍ଥ ଶ୍ରେଣୀ ଶିକ୍ଷା ହାସଲ କରୁଥିବାବେଳେ ଜ୍ଞାନ ଆହରଣ କରୁଥିବା ନିମନ୍ତେ କାଦିଆନ୍ ଚାଲିଆସିଲେ, ଯେଉଁଠି ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବାମାନଙ୍କ ସଙ୍ଗତରେ ତାଙ୍କୁ ସମୟ କାଟିବା ପାଇଁ ଅବସର ମିଳିଲା । ଦେଶ ବିଭାଜନ ପରେ ଅନ୍ୟ ଦେଶର ଛାତ୍ରମାନଙ୍କୁ ନିଜ ନିଜ ଦେଶକୁ ଫେରିଯିବା ପାଇଁ ନିର୍ଦ୍ଦେଶ ଦିଆଗଲା । ତେଣୁ ସେ ବଙ୍ଗଳାଦେଶ ଫେରିଗଲେ । କିନ୍ତୁ ମର୍କଜକୁ ଫେରିବା ପାଇଁ ବ୍ୟାକୁଳ ରହୁଥିଲେ । ବହୁତ ସଂଗୀନ ଅବସ୍ଥାରେ ସେ କଲିକତାରୁ ଦିଲ୍ଲୀ ପାଇଁ ଯାତ୍ରା କଲେ । ଏହି ଯାତ୍ରା ସମୟରେ ହିନ୍ଦୁ ଓ ଶିଖ୍‌ମାନେ ଆଶ୍ଚର୍ଯ୍ୟ ହେଉଥିଲେ କି କିପରି ଜଣେ ମୁସଲ୍‌ମାନ ଯୁବକ ଏପରି ସଂଗୀନ ପରିସ୍ଥିତିରେ ଟ୍ରେନ୍ ଯୋଗେ ଏକୁଟିଆ ଯାତ୍ରା କରୁଅଛି । ସେ ଯାହାହେଉ ଦିଲ୍ଲୀଠାରେ ପହଂଚିବା ପରେ ସେଠିକାର ଯମାତ୍ ତାଙ୍କୁ ଗୋଟିଏ ଫ୍ଲାଇଟ୍ ଦ୍ୱାରା ଲାହୋର ପଠାଇବାର ବ୍ୟବସ୍ଥା କରିଦେଲେ । ସେ ସମୟରେ ପୂର୍ବ ଓ ପଶ୍ଚିମ ପାକିସ୍ତାନ୍ ଗୋଟିଏ ଥିଲା । ଫଳତଃ ସେ ଠିକ୍‌ଠାକ୍ ରବ୍‌ୱାରେ ପହଂଚିଗଲେ । ଜାମିଆରେ ଛଅବର୍ଷ ଶିକ୍ଷା ହାସଲ କଲେ ଓ ତା'ପରେ ସେ ଜାମିୟତୁଲ୍ ମୁବଶିରିନ୍‌ରେ ଆଉ ତିନିବର୍ଷ ଅଧିକା କୋର୍ସ୍ କଲେ । ଶାହିଦ୍ ଡିଗ୍ରୀ ହାସଲ କଲେ ଓ ପୁଣି ପଞ୍ଜାବ୍ ୟୁନିଭର୍‌ସିଟି ଓ ପେଶାୱର୍ ୟୁନିଭର୍‌ସିଟିରୁ ମୌଲୱି ଫାଜିଲ୍ ଡିଗ୍ରୀ ହାସଲ୍ କଲେ । ଏହାପରେ ପାକିସ୍ତାନ୍‌ର ଫୈସଲାବାଦ୍‌ଠାରେ ଜମାତ୍ ସମନ୍ଦରୀଠାରେ ସେ ନିଯୁକ୍ତ ପାଇଲେ । ୧୯୬୩-୬୪ରେ ତାଙ୍କର ବଦଳି ପୂର୍ବ ବଙ୍ଗଳା ହୋଇଗଲା, ଯେଉଁଠି ସେ ବିଭିନ୍ନ ଜମାତ୍ ଗୁଡିକରେ ସେବା କରିଛନ୍ତି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ରହେମୁଲ୍ଲାଃ ପବିତ୍ର କୋରାନ୍‌ର ବଙ୍ଗଳା ଭାଷାରେ ଅନୁବାଦ ପାଇଁ ଗୋଟିଏ ବୋର୍ଡ୍ ଗଠନ କରିଥିଲେ । ସେଥିରେ ମୁହତରମ୍ କାଜି ମୁହମ୍ମଦ୍ ନଜିର୍ ସାହେବ୍‌ଙ୍କ ସୁପାରିଶ୍‌ରୁ ମୌଲାନା ଅବ୍‌ଦୁଲ୍ ଅଜିଜ୍‌ଙ୍କ ନାମ ମଧ୍ୟ ସାମିଲ୍ କରାଗଲା । ସେଥିରେ ମୁଜଫରୁଦ୍ଦିନ୍ ବଙ୍ଗାଳୀ ସାହେବ୍ ଏବଂ ମୌଲୱି ମୁହମ୍ମଦ ଅମୀର୍ ବଙ୍ଗାଳୀ ସାହେବ୍ ମଧ୍ୟ ତାଙ୍କ ସହିତ କାମ କରୁଥିଲେ ଓ ଏହି ଅନୁବାଦ କାମ ପାଇଁ ସେ ରବ୍‌ୱାରେ ରହିଲେ ଏବଂ ତା' ପରେ ମୁହମ୍ମଦ୍ ଅମୀର୍ ସାହେବ୍ ଢ଼ାକା ଚାଲିଗଲେ । ଏବଂ ଚୌଧୁରୀ ମୁଜଫରଦ୍ଦିନ୍ ସାହେବ୍‌ଙ୍କ ଦେହାନ୍ତ ପରେ ସେହି କାମପାଇଁ ୧୯୭୯ ମସିହାରେ ତାଙ୍କୁ ଢ଼ାକା ପଠାଇ ଦିଆଗଲା । ମୌଲବୀ ମୁହମ୍ମଦ୍ ସାହେବ୍‌ଙ୍କ ଚାଲିଯିବା ପରେ ସେ ଏକୁଟିଆ ଏ କାର୍ଯ୍ୟ କରିଚାଲିଲେ ଓ ପରିଶେଷରେ ସଦ୍‌ସାଲା ଜୁବୁଲି (ଶତବାର୍ଷିକୀ ଜୁବୁଲି ଉତ୍ସବ) ବର୍ଷ ବଙ୍ଗଳା ଅନୁବାଦର ପବିତ୍ର କୋରାନ୍‌ର ଛାପାକାର୍ଯ୍ୟ ସମ୍ପୂର୍ଣ୍ଣ ହେଲା । ଦେଶର ଅନେକ ସ୍ଥାନରେ ମୁରବୀ ଓ ମୁବଲିଗ୍ ରୂପେ ସେ କାମ କରିଛନ୍ତି । ତାଲିମ୍ ତର୍‌ବିୟତ୍ ଓ ତବ୍‌ଲିଗ୍ କାମ କରିଛନ୍ତି । ଅନେକଥର ବିରୋଧିମାନଙ୍କ ତରଫରୁ ତାଙ୍କୁ ଶାରିରୀକ କଷ୍ଟ ମଧ୍ୟ ଦିଆଯାଇଛି । ଅସୀର୍ ରାହେ ମୌଲା (ଅଲ୍ଲାଃତାଲାଙ୍କ ଖାତିର୍ ଜେଲ୍‌ରେ ରହିବା) ହେବାର ସୌଭାଗ୍ୟ ମଧ୍ୟ ତାଙ୍କୁ ହାସଲ ହୋଇଛି । ୧୯୯୨ ମସିହାରେ ଢ଼ାକାର ଜମାତି ମର୍‌କଜ୍ ବକ୍‌ସି ବଜାରଠାରେ ଶତୃମାନେ ତାଙ୍କ ଉପରେ ଆକ୍ରମଣ କଲେ । ସେତେବେଳେ ସେ ବହୁତ ନିର୍ଭିକ ଓ ସାହସିକତାର ସହିତ ଶତୃଙ୍କ ସହିତ ଲଢୁଥିଲେ । ଫଳତଃ ତାଙ୍କ ମୁଣ୍ଡ ସମେତ ସମଗ୍ର ଶରୀରରେ ବହୁତ କ୍ଷତ ପହଂଚିଥିଲା ।

ସେ ତାଙ୍କ ପଛରେ ତାଙ୍କ ସ୍ତ୍ରୀଙ୍କ ବ୍ୟତୀତ ତିନିଜଣ ଝିଅ ଓ ଦୁଇଜଣ ପୁଅ ଓ ଅନେକ ନାତି ନାତୁଣୀ ଛାଡି ଯାଇଛନ୍ତି । ତାଙ୍କର ତିନିଜଣ ଝିଅ ବଙ୍ଗଳାଦେଶରେ ଅଛନ୍ତି । ପୁଅମାନଙ୍କ ମଧ୍ୟରୁ ଜଣେ ଆମେରିକାରେ ଓ ସାନପୁଅ ହବିବୁଲ୍ଲାଃ ସାଦିକ୍ ସାହେବ୍ ୟୁ.କେ ରେ ରହୁଛନ୍ତି । ଏବଂ ଏମ୍.ଟି.ଏ ବିଭାଗର ନ୍ୟୁଜ୍ କାମରେ ନିୟୋଜିତ ଅଛନ୍ତି । ଅଲ୍ଲାଃତାଲା ମର୍‌ହୁମ୍‌ଙ୍କ ପଦମର୍ଯ୍ୟାଦା ବଢ଼ାଇ ଚାଲନ୍ତୁ ଓ ତାଙ୍କର ସନ୍ତାନମାନଙ୍କୁ ମଧ୍ୟ ତାଙ୍କ ପୁଣ୍ୟ ଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ମୁହମ୍ମଦ୍ ଜଫ୍‌ରୁଲ୍ଲାଃ ସାହେବ୍ ଶହିଦ୍ ସୁପୁତ୍ର ମୋକରମ୍ ବେଶାରତ୍ ଅହେମଦ୍ ସାହେବ୍ ସେଦୁୱାଲା ନନ୍‌କାନା ନିବାସୀଙ୍କର । ୨୯ ଅଗଷ୍ଟ ଦିନ ଜିଲ୍ଲା ନନ୍‌କାନାଠାରେ ମଗ୍‌ରିବ୍ ସମୟରେ ତାଙ୍କ ଦୋକାନ ଉପରେ ଡାକୁମାନେ ଆକ୍ରମଣ କରି ତାଙ୍କ ଉପରେ ଫାଇରିଂ କଲେ । ଫଳତଃ ସେ ଶହିଦ ହୋଇଗଲେ । *ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।*

ବିବରଣୀ ଅନୁସାରେ ଛଅଜଣ ଡାକୁ ବହୁ ସଂଖ୍ୟାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ନେଇ ତାଙ୍କ ଦୋକାନଠାରେ ମୋଟର୍ ସାଇକେଲ୍ ଯୋଗେ ପହଂଚିଲେ । ତାଙ୍କର ସୁନା ଅଳଙ୍କାରର ଦୋକାନ ଥିଲା । ଡାକୁମାନେ ସେହି ଦୋକନକୁ ଲୁଟିନେବା ପରେ ବାହାରେ ଭୀଷଣ ଫାଇରିଂ କଲେ । ଫଳତଃ ବାହାରେ ମଧ୍ୟ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଲା । ଯେତେବେଳେ ସେହି ଡାକୁମାନେ ମାଲ୍ ଲୁଟି ଫେରିଲେ ସେତେବେଳେ ସେମାନେ ଜଫରୁଲ୍ଲାଃ ସାହେବ୍‌ଙ୍କ ଉପରେ ମଧ୍ୟ ଫାଇରିଂ କରିଦେଲେ । ତିନୋଟି ଗୁଳି ତାଙ୍କ ଉପରକୁ ଫାଇରିଂ କଲେ ଫଳତଃ ସେ ସେହିଠାରେ ହିଁ ଶହୀଦ୍ ହୋଇଗଲେ । ଜଫ୍‌ରୁଲ୍ଲାଃ ସାହେବ୍‌ଙ୍କର ଦୋକାନରେ ତାଙ୍କ ବ୍ୟତୀତ ଆହୁରି ଅନେକ ଲୋକ ମଧ୍ୟ ଥିଲେ କିନ୍ତୁ ଡାକୁମାନେ କେବଳ ଜଫ୍‌ରୁଲ୍ଲାଃ ସାହେବଙ୍କୁ ହିଁ ଟାର୍ଗେଟ୍ କଲେ ଯେ ଇଏ ଜଣେ ଅହେମଦୀ । ତେଣୁ ଆଙ୍କୁ ମାରିଦିଅ, କୌଣସି ଫରକ ପଡ଼ିବ ନାହିଁ, ଓଲଟା ଦୁଇଗୁଣ ପୁଣ୍ୟ ମିଳିବ । ମର୍‌ହୁମ୍ ଅତ୍ୟନ୍ତ ଉତମ ଚରିତ୍ର ସମ୍ପନ୍ନ, ମିଶାଣିଆ ଏବଂ ଅତିଥି ପରାୟଣ ଥିଲେ । ଏହି କାରଣ ଥିଲା ଯେ ତାଙ୍କ ମୃତ୍ୟୁରେ ବହୁ ସଂଖ୍ୟକ ଲୋକେ ତାଜିୟତ୍ (ସମବେଦନା) ଜଣାଇବା ପାଇଁ ଆସିଥିଲେ ଓ ସେଥିରେ ବହୁ ସଂଖ୍ୟକ ଅଣ ଅହେମଦୀ ଜମାତ୍‌ର ଲୋକମାନେ ମଧ୍ୟ ଥିଲେ । ସେ ଖିଲାଫତ୍ ସହିତ ଗଭୀର ପ୍ରେମ ସମ୍ପର୍କ ରଖିଥିଲେ । ପ୍ରତ୍ୟେକ ତେହ୍‌ରିକ୍‌ରେ ଲବ୍‌ବେକ୍ କହୁଥିଲେ । ବାଜମାତ୍ ନମାଜ ନିୟମିତ ପାଠ କରୁଥିଲେ । ଅଲ୍ଲାତାଲାଙ୍କ ଫଜଲ୍‌ରୁ ମୁସି ଥିଲେ । ସେ ଅତ୍ୟନ୍ତ ସାହସୀ ଓ ନିର୍ଭିକ ବ୍ୟକ୍ତି ଥିଲେ । ବର୍ତମାନ ସେ ସେକ୍ରେଟାରୀ ତାଲିମ୍ ସୟଦ୍‌ୱାଲା ରୂପେ ଖିଦ୍‌ମତ୍ କରୁଥିଲେ । ଜଫ୍‌ରୁଲ୍ଲାଃ ସାହେବ୍‌ଙ୍କର ବୟସ ୩୦ବର୍ଷ ଥିଲା । ଅଢ଼େଇବର୍ଷ ପୂର୍ବେ ତାଙ୍କର ବିବାହ ହୋଇଥିଲା । ତାଙ୍କର ଏକମାତ୍ର ପୁତ୍ର ଅଜିଜମ୍ ମୁହମ୍ମଦ୍ ତଲ୍‌ହା ଦେଢ଼ବର୍ଷର । ମର୍‌ହୁମ୍‌ଙ୍କର ନିକଟ ସମ୍ପର୍କୀଙ୍କ ମଧ୍ୟରେ ତାଙ୍କ ସ୍ତ୍ରୀ, ପୁତ୍ର ଓ ମା ବାପାଙ୍କ ବ୍ୟତୀତ ଜଣେ ଭାଇ ଓ ପାଂଚଜଣ ଭଉଣୀ ଅଛନ୍ତି । ଅଲ୍ଲାଃତାଲା ମର୍‌ହୁମ୍‌ଙ୍କ ପଦମର୍ଯ୍ୟାଦା ଉଚ୍ଚରୁ ଉଚ୍ଚତମ କରନ୍ତୁ ଓ ଏହି ସମସ୍ତ ନିକଟ ସମ୍ପର୍କୀୟଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ଓ ତାଙ୍କ ପୁଣ୍ୟ କାର୍ଯ୍ୟଗୁଡିକୁ ଜାରି ରଖିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

***ପୃଷ୍ଠା-୧୨ ର ଅବଶିଷ୍ଟାଂଶ......***

ଗୁଡିକରେ ବା ଏପରି ଲୋକେ ଯେଉଁମାନଙ୍କର ଧର୍ମ ସହିତ କୌଣସି ସମ୍ପର୍କ ନାହିଁ ସେମାନେ ଅହେମଦୀ ମହିଳାମାନଙ୍କ ସମ୍ମୁଖରେ ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ସବୁଠାରୁ ବଡ ଅଭିଯୋଗ କରୁଛନ୍ତି କି ତୁମେମାନେ ପର୍ଦ୍ଦା କରନାହିଁ, ମୁଣ୍ଡରେ ହିଜାବ୍ ଘୋଡାଓନାହିଁ । କିନ୍ତୁ ଯେଉଁମାନଙ୍କର ଇମାନ୍ ମଜ୍‌ବୁତ୍ ସେମାନେ ନିଜର ନମୁନାକୁ ଦେଖାଉଛନ୍ତି ।

ଏଠି କାନାଡାରେ ଗୋଟିଏ ଉଦାହରଣ ଅଛି । ଏଠାରେ ଜଣେ ମହିଳାଥିଲେ ଯାହାଙ୍କ ନାମ ହେଉଛି କହକଶାଁ । ସେ କହୁଛନ୍ତି କି ଯେତେବେଳେ ମୁଁ ପାଠ ଶେଷ କଲି ସେତେବେଳେ ମୁଁ ଜବ୍ କରିବାକୁ ଚାହୁଁଥିଲି ଓ ବହୁତ ଯାଗାରେ ଜବ୍ ପାଇଁ ଦରଖାସ୍ତ ଦେଲି କିନ୍ତୁ କ୍ୱାଲିଫିକେସନ୍ ଥିବା ସତ୍ତ୍ୱେ ମଧ୍ୟ ମୁଁ ପର୍ଦ୍ଦା କରୁଥିବା ଯୋଗୁ ମୋତେ ଚକିରୀ ଦିଆଗଲା ନାହିଁ । ମୁଁ ନିଜ ସହିତ ଏ ପ୍ରତିଶୃତି କରିଥିଲି କି ଯାହାପଛେ ତାହା ହୋଇଯାଉ, ମୁଁ ପର୍ଦ୍ଦା କରିବା ଛାଡିବି ନାହିଁ ଓ ଅଲ୍ଲାଃତାଲା ମୋତେ ଧୈର୍ଯ୍ୟ ଦେଲେ ଓ ପର୍ଦ୍ଦା କରିବା ଯୋଗୁ ମୁଁ ବହୁତ ଚକିରୀ ଛାଡିଦେଲି । ତେବେ ଦେଖନ୍ତୁ ମଜ୍‌ବୁତ୍ ଇମାନ୍ ରଖିଥିବା ଲୋକମାନଙ୍କର ଏହା ଲକ୍ଷଣ । ଏଠି ଏହି ଦେଶଗୁଡିକରେ ମଧ୍ୟ, ଜର୍ମାନୀରେ, ୟୁ.କେରେ ମଧ୍ୟ କିଛି ଲୋକାଲ୍ ଲୋକ ଅଛନ୍ତି, ଯେଉଁମାନେ ହେଉଛନ୍ତି ଇଂରେଜ୍ ଓ ଜର୍ମାନ୍, ସେମାନେ ଅହେମଦୀୟତ୍ ଗ୍ରହଣ କରିବା ପରେ ବିନା କୌଣସି ସଙ୍କୋଚରେ ଓ ବିନା କୌଣସ ଦ୍ୱିଧାରେ ପର୍ଦ୍ଦା କରିବାର ଯେଉଁ ସ୍ତର ଅଛି, ସେ ତାହାକୁ କାଏମ୍ ରଖିଛନ୍ତି । ଏପରି ନୁହେଁ କି ପାକିସ୍ତାନ୍‌ରୁ ପର୍ଦ୍ଦା କରି ଆସିଲେ ଓ ଏଠାରେ ଆସି ପର୍ଦ୍ଦା କରିବା ଛାଡିଦେଲେ ବା ନିଜର ଆସନ୍ତା ପିଢ଼ୀଙ୍କ ମଧ୍ୟରେ ପର୍ଦ୍ଦା କରିବାର ଅଭ୍ୟାସ କରାଇଲେ ନାହିଁ । ପର୍ଦ୍ଦା କରିବା ହେଉଛି ଏକ ବୁନିୟାଦୀ ଶିକ୍ଷା । ପବିତ୍ର କୋରାନ୍‌ରେ ଏଥିପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ସୁତରାଂ ଯେତେବେଳେ ଆପଣମାନେ ନମାଜ ପଢ଼ିବା ପ୍ରତି ଧ୍ୟାନ ଦେଉଛନ୍ତି, ଯେତେବେଳେ ମାଲି କୁର୍ବାନୀ କରିବା ପ୍ରତି ଧ୍ୟାନ ଦେଉଛନ୍ତି ସେତେବେଳେ ଅଲ୍ଲାଃତାଲାଙ୍କର ବାକି ଯେଉଁ ସବୁ ନିର୍ଦ୍ଦେଶଗୁଡିକ ରହିଛି ତାହା ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ କି ଏହାଦ୍ୱାରା ଆମକୁ ଏ ଦୁନିଆରେ ମଧ୍ୟ ଓ ପରକାଳରେ ମଧ୍ୟ ସଫଳତା ପ୍ରାପ୍ତ ହେବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ସୁତରାଂ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକ ରହିଛି । ଇମାନ୍‌ର ଦୃଢ଼ତା ବିଷୟରେ ବହୁତ ଗୁଡିଏ ଘଟଣାବଳୀ ଅଛି । ଏବେ ମୋତେ ଜର୍ମାନୀରେ ହିଁ ପାଲେଷ୍ଟାଇନ୍‌ରୁ ଆସିଥିବା ତିନିଜଣ ଭଉଣୀ ସାକ୍ଷାତ୍ କରିଥିଲେ ଓ ସେମାନଙ୍କୁ ସେମାନଙ୍କ ସ୍ୱାମୀମାନଙ୍କ ତରଫରୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଅର୍ଥାତ୍ ସେମାନଙ୍କ ସ୍ୱାମୀମାନେ ତାଙ୍କୁ ହଇରାଣ ହରକତ କରୁଛନ୍ତି, ଏପରିକି ଅଦାଲତରେ ମୋକଦ୍ଦମା ମଧ୍ୟ ଚାଲିଛି । ସେମାନଙ୍କୁ ସେମାନଙ୍କ ଅଧିକାରରୁ ବଂଚି ରଖାଯାଉଛି, ପିଲାମାନଙ୍କ ଠାରୁ ବଂଚିତ ରଖାଯାଉଛି କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଯେତେବେଳେ ମୁଁ ତାଙ୍କୁ ପଚାରିଲି ଯେ କଣ ତୁମେ ଇମାନ୍ ଉପରେ କାଏମ୍ ଅଛି । ଏଥିରୁ ସେମାନେ କହିଲେ ହଁ ଆମ ଇମାନ୍‌କୁ କେହି ଦୋହଲାଇ ପାରିବେ ନାହିଁ । ଆମେ ଦୃଢ଼ତାର ସହିତ ଅହେମଦୀୟତ୍ ଉପରେ ପ୍ରତିଷ୍ଠିତ ଏବଂ ଇମାନ୍ ଉପରେ କାଏମ୍ । ଏବଂ ଆମେ ମୁଖାଲିଫତ୍‌ର ପ୍ରତିକ୍ଷେତ୍ରରୁ ମୁକାବିଲା କରିବୁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ଏହି ଘଟଣା ଦ୍ୱାରା ଆପଣମାନଙ୍କୁ ଏ ଅନୁଭବ ହେବା ଉଚିତ୍ କି ଅଲ୍ଲାଃତାଲା ଯେତେବେଳେ ଆପଣମାନଙ୍କର ଅବସ୍ଥାକୁ ସୁଧାରି ଦେଇଛନ୍ତି ଅର୍ଥାତ୍ ଆର୍ଥିକ ଦୃଷ୍ଟିକୋଣରୁ ମଧ୍ୟ ଏବଂ ନିଜ ଦୀନ୍ ଉପରେ ନିଜ ଇଛା ମୁତାବକ ପରିଚାଳିତ ହେବା ଦୃଷ୍ଟିକୋଣରୁ ମଧ୍ୟ ଉତମ କରିଦେଇଛନ୍ତି । ଏଥିରେ ଆପଣମାନଙ୍କ ଉପରେ କେତେ ଦାୟିତ୍ୱ ନ୍ୟସ୍ତ ହେଉଛି କି ଆପଣମାନେ ନିଜ ଅବସ୍ଥାକୁ ଦୀନ୍ ମୁତାବକ ଗଢ଼ି ତୋଳନ୍ତୁ । ଦୀନ୍‌ର ନିର୍ଦ୍ଦେଶାବଳୀ ଗୁଡିକୁ ଅନ୍ୟ ସମସ୍ତ ବସ୍ତୁ ଉପରେ ଅଗ୍ରାଧୀକାର ଦିଅନ୍ତୁ । ସେହି ମହିଳାମାନଙ୍କର କୁର୍ବାନୀକୁ ସମ୍ମୁଖରେ ରଖନ୍ତୁ ଯେଉଁମାନେ ଆଜି ମଧ୍ୟ ଦୀନ୍ ଖାତିର୍ କଷ୍ଟ ଉଠାଇ ଚାଲିଛନ୍ତି ଓ ଧୈର୍ଯ୍ୟ ରଖିଛନ୍ତି । ଯଦି ଏହି ଅନୁଭବ ଶେଷ ହୋଇଯାଏ ଓ ଏଠିକାର ଚାକଚକ୍ୟ ଏବଂ ଏଠିକାର ଦୁନିଆଦାରୀ (ସଂସାରପ୍ରୀତ) ଆପଣମାନଙ୍କୁ କେବଳ ସଂସାରରେ ହିଁ ବୁଡଶଦିଏ ଯେପରିକି ମୁଁ କାଲି ଖୁତ୍‌ବାରେ ମଧ୍ୟ ଚର୍ଚ୍ଚା କରିଥିଲି ତେବେ ପୁଣି ଏହାଦ୍ୱାରା ଖୁଦାତାଲାକୁ ମଧ୍ୟ କୌଣସି ପରବାୟ ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସର୍ବଦା ମନେରଖ କି ପ୍ରକୃତ ଜୀବନ ଏ ସଂସାରରେ ବୁଡି ରହିବା ଦ୍ୱାରା ମିଳେନାହିଁ । ବରଂ ଦୀନ୍ ଉପରେ ତିଷ୍ଠି ରହିବା ଯୋଗୁ ହିଁ ମିଳିଥାଏ । ଏହା ଅଲ୍ଲାଃତାଲା କହିଛନ୍ତି ଓ ଏଥିପାଇଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଅଲ୍ଲାଃତାଲା ପ୍ରେରଣ କରିଥିଲେ । ଫଳତଃ ଏକ ଆଧାତ୍ମିକ ଜୀବନ ପ୍ରଦାନ କରିବେ ।ଆପଣଙ୍କ ସମ୍ବନ୍ଧରେ ଏକଥା ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ କହିଛନ୍ତି ଓ ଏହି ଉଦ୍ଦେଶ୍ୟପାଇଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ଏହି ଯୁଗରେ ପ୍ରେରଣ କରିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପରିଶେଷରେ କହିଲେ:- ତେଣୁ ନିଜର ଓ ନିଜ ସନ୍ତାନମାନଙ୍କର ବାସ୍ତବିକ ଜୀବନ ଚାହୁଁଅଛ ତେବେ ନିଜର ପ୍ରତିଶୃତିକୁ ଅର୍ଥାତ୍ 'ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବା' ପୂରଣ କରନ୍ତୁ । ପ୍ରତ୍ୟେକ ସମୟରେ ସମ୍ମୁଖରେ ରଖନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରାର୍ଥନା କରାଇଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କର ଏହି ଭାଷଣ ଦିନ ୧:୩୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ଲଜ୍‌ନା ଏବଂ ନାସ୍‌ରାତ୍‌ର ମେମ୍ବର୍‌ମାନେ ଭିନ୍ନ ଭିନ୍ନ ଗ୍ରୁପ୍ ହୋଇ ବିଭିନ୍ନ ଭାଷାରେ ଦୁଆଇଆ ନଜମ୍ ଏବଂ ତରାନା ପରିବେଶଣ କଲେ । ସର୍ବପ୍ରଥମେ ଆରବୀ, ଫ୍ରେନ୍‌ଚ୍ ଏବଂ ଫ୍ଲେମିଶ୍ ଭାଷାରେ ଅଲ୍ଲାଃଙ୍କ ସ୍ତୁତି ଓ ବୈଭବକୁ ପେଶ୍ କରାଗଲା । ଏହାପରେ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ କଲାମ୍-

*ଆଓ ଲୋଗୋ କେ ୟେହି ନୁରେ ଖୁଦା ପାଓଗେ ଲୋ ତୁମ୍‌ହେଁ ତୌର୍ ତସଲ୍ଲି କା ବତାୟା ହାମ୍‌ନେ*

କୁ ଲଳିତ ସ୍ୱରରେ ପରିବେଶଣ କରାଗଲା । ଏହାପରେ ଆରବୀୟ ଲଜ୍‌ନାମାନେ ତରାନା ପରିବେଶଣ କଲେ । ତାପରେ ନାସ୍‌ରାତ୍ ଏବଂ ଓ୍ୱାକିଫାତ୍ ନୌ ଗ୍ରୁପ୍ ଗୁଡିକ ଦୁଆଇଆ ନଜମ୍ ଓ ତରାନା ଉପସ୍ଥାପନ କଲେ । ବଙ୍ଗଳାଭାଷାରେ ମଧ୍ୟ ଗୋଟିଏ ଗ୍ରୁପ୍ ତରାନା ପରିବେଶଣ କଲା । ଏହାପରେ ଉର୍ଦ୍ଦୁ ଭାଷାରେ ଖିଲାଫତ୍, ଖଲିଫାଙ୍କ ସହିତ ପ୍ରେମ ଓ ଭକ୍ତିଭାବ ଏବଂ ଜଲ୍‌ସାସାଲାନା ପ୍ରସଙ୍ଗରେ ତରାନା ଉପସ୍ଥାପନ କରାଗଲା । ସେହିପରି ପଞ୍ଜାବୀ ଭାଷାରେ ମଧ୍ୟ ଗୋଟିଏ ତରାନା ପରିବେଶଣ କରାଗଲା ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଛୋଟ ବୟସ ମାନଙ୍କ ନିମନ୍ତେ ଥିବା ପିଲାମାନଙ୍କ ହଲ୍ ଭିତରେ ପ୍ରବେଶ କଲେ । ମହିଳାମାନେ ନିଜ ପ୍ରିୟ ଆକାଙ୍କୁ ଦର୍ଶନ କଲେ । ତା'ପରେ ଠିକ୍ ଦୁଇଟାବେଳେ ହଜୁର୍ ଅନୁଓ୍ୱର୍ ପୁରୁଷମାନଙ୍କ ଜଲ୍‌ସାଗାଃରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ନିଜର ଆବାସସ୍ଥଳ ମିଶନ୍ ହାଉସ୍‌କୁ ଫେରିଗଲେ ।

**ସରକାରୀ ଓ୍ୱହ୍‌ଦାଦାର୍‌ମାନଙ୍କର ହଜୁର ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍**

ଆଜି ମିଶନ୍ ହାଉସ୍‌ଠାରେ କିଛି ପାର୍ଲିଆମେଂଟ୍‌ର ମେମ୍ବର୍, ରାଜନୈତିଜ୍ଞ ଓ ଅନ୍ୟାନ୍ୟ ସରକାରୀ ବ୍ୟକ୍ତି ବିଶେଷଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ରଖାଯାଇଥିଲା । ଏହି ପ୍ରୋଗ୍ରାମ୍‌ରେ ନିମ୍ନଲିଖିତ ଅତିଥିମାନେ ସାମିଲ୍ ହୋଇଥିଲେ ।

(1)Stefaan Plateau former Brussels Dilbek (2)Francoise Sehepmans sb member of parliament and meyer of molenbeek ତାଙ୍କ ସହିତ ଜଣେ councillor ମଧ୍ୟ ଥିଲେ । (3)Kris Van Dijck ସାହେବ୍ member of flimesh parliament and mayer of dessel ତାଙ୍କ ସହିତ ଜଣେ ସଦସ୍ୟ ମଧ୍ୟ ଆସିଥିଲେ । (4)Marc Cools sb councellor of Ukken (5)Stijn De Rosster sb Cabinet member and mayer of Antwerpn (6)Mr. Paul federal police ନିଜ ସାଙ୍ଗମାନଙ୍କ ସହିତ ଯୋଗଦେଇଥିଲେ (7)Wim Ceunen sb priest of Sint Truiden (8)Bosmans Maria sb (9)Ludwig Vandenhove Deputy Governer of Limburg (10)Debock sb ଯିଏ ହେଉଛନ୍ତି ଜଣେ ରାଜନୈତିଜ୍ଞ ଏବଂ ନିଜ ପାର୍ଟିର ସ୍ଥାନୀୟ ମୁଖ୍ୟ ଅଛନ୍ତି ଅର୍ଥାତ୍ Ukkel ସହରର ସେ ମେମ୍ବର୍ ଅଫ୍ ପାର୍ଲିଆମେଂଟ୍ ଅଛନ୍ତି । ସେ ନିଜର ଜଣେ ବନ୍ଧୁ Filipmoers ଙ୍କ ସହିତ ଆସିଥିଲେ (11)Mrs. Fathiya Alami sb Ukkel ସହରର ଜଣେ ସ୍ଥାନୀୟ ରାଜନୈତିଜ୍ଞ (12)Saoud Razzouk sb ଜଣେ ରାଜନୈତିଜ୍ଞ (13)Michel Dardenne sb ଜଣେ ରାଜନୈତିଜ୍ଞ ଏବଂ ସାଲେମ୍ ପାର୍ଟି ସହିତ ତାଙ୍କର ସମ୍ପର୍କ ଅଛି ।

ପ୍ରୋଗ୍ରାମ୍ ମୁତାବକ ୬:୫୫ରେ ହଜୁର୍‌ଙ୍କର ଏଠାରେ ପଦାର୍ପଣ ହେଲା ଓ ଅତିଥିମାନେ ଜଣଜଣ ହୋଇ ନିଜର ପରିଚୟ ପ୍ରଦାନ କଲେ ।

ଦିଲ୍‌ବେକ୍‌ର ପୂର୍ବତନ ମେୟର୍ ଷ୍ଟିଫେନ୍ ପ୍ଲାଟିଉ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଗୋଚରେ କହିଲେ କି ଜମାତ୍ ଦିଲ୍‌ବେକ୍ ସହରରେ ବହୁତ ସୁନ୍ଦର ରୂପେ ଇଂଟିଗ୍ରେଟ୍ ହୋଇସାରିଛି ଏବଂ ଆପଣମାନେ ବହୁତ ପ୍ରକାରର ପ୍ରୋଗ୍ରାମ୍ କରୁଛନ୍ତି । ପୁଣି ସେ କହିଲେ କି ମୁଁ ଯେତେବେଳେ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖୁଛି ସେତେବେଳେ ଶାନ୍ତି ଓ ପ୍ରେମ ଅନୁଭବ କରୁଛି ।

ସହରର ସଭାପତି ମାର୍କ୍ କୁଲ୍‌ସ୍ ସାକ୍ଷାତ୍‌କାର ସମୟରେ ହଜୁର୍ ଅନୁଓ୍ୱର୍‌ଙ୍କୁ ସ୍ୱାଗତ ଜଣାଇଲେ ଏବଂ ଏକଥା କହିଲେ କି ଜମାତ୍‌କୁ ଅନ୍ୟ ମୁସଲ୍‌ମାନଙ୍କ ତରଫରୁ କଷ୍ଟ ପହଂଚୁଛି । କିନ୍ତୁ ବିଗତ କେତେବର୍ଷ ଭିତରେ ଆପଣମାନଙ୍କ ସହିତ ସମ୍ପର୍କ ହେବାଦ୍ୱାରା ଏହା ସ୍ପଷ୍ଟ ହୋଇଛି କି ଆପଣମାନେ ହେଉଛନ୍ତି ଭଲ ମୁସଲ୍‌ମାନ୍ କାରଣ ଆପଣମାନେ ଦେଶପାଇଁ ସେବା କରୁଛନ୍ତି । ସେଥିରେ ମାନବଜାତିର ସେବା ପ୍ରଦାନ କରୁଛନ୍ତି । ପୁଣି କହିଲେ କି ଏଠାରେ ଆପଣଙ୍କର ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେଲା ସେତେବେଳେ ଲୋକମାନଙ୍କ ମନରେ ବହୁତ ଭୟ ଥିଲା । କିନ୍ତୁ ଆପଣ ମାନଙ୍କର ପଡୋଶୀ ମାନଙ୍କ ସହିତ ଥିବା ଉତମ ବ୍ୟବହାର ଓ ସୁସମ୍ପର୍କ ଉପରୋକ୍ତ ମନୋଭାବକୁ ବଦଳାଇ ଦେଲା ।

ମେମ୍ବର୍ ଅଫ୍ ଫ୍ଲେମିସ୍ ପାର୍ଲିଆମେଂଟ୍ Kris Vadijck ସାହେବ୍ ଏହି ମିଟିଂରେ ସାମିଲ୍ ଥିଲେ । ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ବାର୍ତାଳାପ କରିବା ସମୟରେ ସେ ନିବେଦନ କଲେ କି କଣ ଆମକୁ ହଜୁର୍ କିଛି ବାର୍ତା ଦେବାକୁ ଚାହୁଁଛନ୍ତି ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଏବେ ସେହି ବାର୍ତା ଦେଇଛି କି ଆମ ଜମାତ୍‌ର ଅସଲ ଉଦ୍ଦେଶ୍ୟ ହେଉଛି ଏହା କି ଇସ୍‌ଲାମ୍‌ର ବାସ୍ତବିକ୍ ବାର୍ତା ଓ ଶାନ୍ତିରବାର୍ତାକୁ ପୃଥିବୀରେ ପହଂଚାନ୍ତୁ ।

ଏଥିରେ ସେ କହିଲେ କି ମୁଁ ଲାହୋର୍‌ର ଦୁଃଖଦ ଘଟଣା ପରେ ଏଇଥିପାଇଁ ଆପଣଙ୍କ ଜମାତ୍‌କୁ ସାହାଯ୍ୟ କରୁଥିଲି କି ଆପଣଙ୍କ ଜମାତ୍ ଶାନ୍ତି ପ୍ରଚାର ଓ ପ୍ରସାର କରୁଅଛି ଓ ଜଣେ ଅନ୍ୟଜଣକୁ ସମ୍ମାନ ଦେବାର ଶିକ୍ଷା ଦେଉଅଛି । ମୁଁ ନିଜ ସହରରେ ମଧ୍ୟ ଏକଥାକୁ ପ୍ରୋତ୍ସାହନ ଦେଉଛି କି ବିଭିନ୍ନ ପ୍ରକାରର ସଂଗଠନ, ସଂସ୍କୃତି ଓ ପ୍ରଥା ଉପରେ ପରିଚାଳିତ ହେଉଥିବା ଲୋକମାନଙ୍କ ସହିତ ମିଶି କାମ କରାଯାଉ । ଜଣେ ଅନ୍ୟଜଣକ ସହିତ ପରିଚିତ ହେଉ, ଜଣେ ଅନ୍ୟଜଣକର ସମ୍ମାନ କରୁ ଏବଂ ଗୋଟିଏ ଜାତି ହିସାବରେ ଯଦି ସମ୍ମାନ ଦେବେ ତେବେ ଆଗକୁ ବଢ଼ିପାରିବେ ।

ମେମ୍ବର୍ ଅଫ୍ ଫେଡେରାଲ୍ ପାର୍ଲିଆମେଂଟ୍ ଏବଂ ମୌଲିନ୍ ବେକ୍‌ର ମେୟର୍ ମିଷ୍ଟର୍ Francoise Sehepmans sb କହିଲେ ମୁଁ ଆପଣଙ୍କ ଜମାତ୍‌କୁ ଜାଣିଛି । ଅଧିକାଂଶ ଲୋକେ ମୋ ସହିତ ସାକ୍ଷାତ୍ କରିବାକୁ ଆସୁଛନ୍ତି । ଦିଲ୍‌ବେକ୍ ଇଲାକାରେ ଯେତେବେଳ ସନ୍ତ୍ରାସବାଦ ଆକ୍ରମଣ ହୋଇଥିଲା ସେତେବେଳେ ଜମାତ୍‌ର ପ୍ରତିନିଧି ମଣ୍ଡଳ ମୋ ସହିତ ଆସି ସାକ୍ଷାତ୍ କରି ଉକ୍ତ ଘଟଣାର ନିନ୍ଦା କରିଥିଲା । ଜମାତ୍ ସବୁବେଳେ ଆମ ସହିତ ରହିଛି ।

ବ୍ରେସେଲ୍‌ସ୍‌ରେ ଯେଉଁ ଘଟଣା ଘଟିଥିଲା, ସେଥିରେ ସାମିଲ୍ ହୋଇଥିବା ସନ୍ତ୍ରାସବାଦୀମାନଙ୍କର ସମ୍ପର୍କ ତାଙ୍କ କାଉନ୍‌ସିଲ୍ ସହିତ ସମ୍ପର୍କ ଥିଲା । ସେଥିଯୋଗୁ ମିଡିଆରେ ତାଙ୍କୁ ବହୁତ ବଦ୍‌ନାମ୍ କରାଯାଇଥିଲା । ଏଥିରେ ହଜୁର୍ ଅନୁଓ୍ୱର୍ ତାଙ୍କୁ ପଚାରିଲେ କି ସେ ଏହାକୁ କିପରି ପ୍ରତିରକ୍ଷା କଲେ ? ଏଥିରେ ସେ କହିଲେ ସହରରେ ରହୁଥିବା ଅଧିକାଂଶ ମୁସଲ୍‌ମାନ୍ ହେଉଛନ୍ତି ଭଲଲୋକ କିନ୍ତୁ ଯେଉଁ ଲୋକମାନେ ଦେଶ ବିରୋଧି ସରକାର ସେମାନଙ୍କ ଚିହ୍ନିତ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ।

ତାଙ୍କ ଭୁଲ୍ ଧାରଣାକୁ ଦୂର କରିବା ପାଇଁ ଜମାତ୍‌ର ସଦସ୍ୟମାନେ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଗଲେ ଏବଂ ତାଙ୍କୁ ପବିତ୍ର କୋରାନ୍ ଓ ହଜୁର୍‌ଙ୍କର ପୁସ୍ତକ World Crisis and the pathway to peace ଦେଲେ । ଯେତେବେଳେ ତାଙ୍କୁ ପବିତ୍ର କୋରାନ୍ ଉପହାର ଦିଆଗଲା ସେତେବେଳେ ସେ ବହୁତ ଭାବବିହୋଳ ହୋଇ କହିଲେ କି ପ୍ରଥମଥର ପାଇଁ କେହି ତାଙ୍କୁ ଫ୍ରେନ୍‌ଚ୍ ଅନୁବାଦ ହୋଇଥିବା ପବିତ୍ର କୋରାନ୍ ଦେଇଛନ୍ତି ।

Mrs. Live Wernick ସାହିବା ମେମ୍ବର୍ ଅଫ୍ ୟୁରୋପିଆନ୍ ପାର୍ଲିଆମେଂଟ୍ ଓ ୟୁରୋପିଆନ୍ ୟୁନିଅନ୍ କମିଟି ଆଣ୍ଡ୍ ଇଣ୍ଡଷ୍ଟ୍ରି ଏବଂ ରିସର୍ଚ୍ ଆଣ୍ଡ୍ ଏନର୍ଜିର ସଦସ୍ୟ ଅଛନ୍ତି । ସେ ନିଜର ମନୋଭାବକୁ ବ୍ୟକ୍ତ କରି କହିଲେ :- ମୁଁ ଆଜିର ଏହି ପ୍ରୋଗ୍ରାମ୍‌ରେ ସାମିଲ୍ ହୋଇ ବହୁତ ଆନନ୍ଦିତ । ମୁଁ ଆପଣଙ୍କ ଜମାତ୍ ବିଷୟରେ ନିଜ ପାର୍ଟିର ସଦସ୍ୟମାନଙ୍କ ଠାରୁ ଶୁଣିଥିଲି । ଆପଣଙ୍କ ତରଫରୁ ନିମନ୍ତ୍ରଣ ମିଳିବା ପରେ ମୁଁ ଆହୁରି ଅଧିକା ଗବେଷଣା କଲି । ସାରା ପୃଥିବୀରେ ଆପଣଙ୍କ ଜମାତ୍‌କୁ ଏକ ସ୍ୱତନ୍ତ୍ର ପଦମର୍ଯ୍ୟାଦା ହାସଲ ହୋଇଛି । ଆପଣଙ୍କର ମାନବ ଜାତି ପାଇଁ ଥିବା ପ୍ରେମ ଓ ସେବାମୂଳକ କାର୍ଯ୍ୟ ଏବଂ ଶାନ୍ତିବାର୍ତା ଦେବା ପ୍ରସଙ୍ଗରେ ସାରା ପୃଥିବୀରେ ଚିହ୍ନିତ । ବେଲ୍‌ଜିୟମ୍‌ରେ

ଆପଣଙ୍କ ଜମାତ୍‌ର ଇଂଟିଗ୍ରେସନ୍ ଉଦାହରଣୀୟ । ନୂଆବର୍ଷର ଆରମ୍ଭରେ ଓ୍ୱକାରେ ଅମଲ ମଧ୍ୟ ଆପଣଙ୍କର ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ ।

ମୁଁ ଜଣେ ୟୁରୋପିଆନ୍ ପାର୍ଲିଆମେଂଟ୍ ସଦସ୍ୟ ହେବା ହିସାବରେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟାରତ । ଆମେ ୟୁରୋପ୍‌ରେ ଦୁଇଟି ବଡ ବଡ ଯୁଦ୍ଧ ଦେଖିସାରିଛୁ । ଏବେ ଆମେ ଏ ଚେଷ୍ଟା କରୁଅଛୁ କି ଯେପରି ଆଉ କୌଣସି ଯୁଦ୍ଧ ଆମକୁ ଦେଖିବାକୁ ନପଡୁ । ଆପଣଙ୍କର ବାର୍ତା ଏତେ ସୁନ୍ଦର ଯେ ଯଦି ପୃଥିବୀର ବଡବଡ ଶକ୍ତିଶାଳୀ ରାଷ୍ଟ୍ର ତା ଉପରେ ପରିଚାଳିତ ହେବେ ତେବେ ପୃଥିବୀରେ ଶାନ୍ତି ସ୍ଥାପନ ହୋଇପାରିବ । ଶେଷରେ ପୁନର୍ବାର ଆପଣଙ୍କୁ ଓ ଆପଣଙ୍କ ଜମାତ୍‌କୁ ଧନ୍ୟବାଦ ଅର୍ପଣ କରୁଛି ଓ ଏ ଆଶା ରଖୁଛି କି ଆମେ ଏପରି ଶାନ୍ତି ପାଇଁ ପ୍ରଚେଷ୍ଟା ଜାରି ରଖିବା ।

ଆଉଜଣେ ଅତିଥି Christian Coninck ସାହେବ୍ ଯିଏ ବ୍ରିସିଲ୍‌ସ୍ ସହରର ମୁଖ୍ୟ ପୋଲିସ୍ ଅଫିସର୍ ଅଛନ୍ତି ସେ କହୁଛନ୍ତି କି ସର୍ବପ୍ରଥମେ ମୁଁ ଆପଣଙ୍କୁ ଧନ୍ୟବାଦ ଦେବାକୁ ଚାହୁଁଛି ଯେ ଆପଣ ମୋତେ ଏହି ପ୍ରୋଗ୍ରାମ୍‌ରେ ଯୋଗଦେବା ପାଇଁ ନିମନ୍ତ୍ରଣ ଦେଲେ । ସେଥିପାଇଁ ମୁଁ ବହୁତ ଆନନ୍ଦିତ । ଯେତେବେଳେ ୨୨ ମାର୍ଚ୍ଚ ୨୦୧୬ ମସିହାରେ ବ୍ରିସିଲ୍‌ସ୍‌ର ମାଲ୍‌ବିକ୍ ମେଟ୍ରୋ ଷ୍ଟେସନ୍ ଉପରେ ଆକ୍ରମଣ କରାଯାଇଥିଲା ସେତେବେଳେ ମୁଁ ସେଠିକାର ଇନ୍‌ଚାର୍ଯ୍ ଥିଲି । ମୁଁ ସେ ସମୟରେ ଯାହାକିଛି ଦେଖିଛି କେବେ ଏହା ଚାହିଁବି ନାହିଁ କି ଆପଣମାନଙ୍କ ମଧ୍ୟରୁ କେହି ମଧ୍ୟ ସେପରି ଘଟଣା ଦେଖନ୍ତୁ । ଲୋକମାନେ ମୋ ଗୋଡପାଖରେ ଆସି ପଡି ମରିଛନ୍ତି । ସେଥିଯୋଗୁ ମୁସଲ୍‌ମାନ୍‌ଙ୍କ ଉପରେ ମୋର ଭୀଷଣ ରାଗ ଥିଲା କି କିପରି ଜଣେ ମନୁଷ୍ୟ ଧର୍ମ ନାମରେ ଅନ୍ୟ ମନୁଷ୍ୟକୁ ହତ୍ୟା କରିପାରେ କିନ୍ତୁ ଆପଣଙ୍କ ଜମାତ୍‌କୁ ଜାଣିବା ପରେ ଓ ଆପଣମାନଙ୍କ ସହିତ ମିଶିବା ପରେ ଏବଂ ଆଜି ଆପଣଙ୍କ ଜଲ୍‌ସାରେ ସାମିଲ୍ ହୋଇ ମୁସଲ୍‌ମାନ୍ ମାନଙ୍କ ପ୍ରତି ଥିବା ମୋର ଦୃଷ୍ଟିକୋଣ ବଦଳି ଯାଇଛି । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ଆପଣମାନେ ମୋତେ ପୁନର୍ବାର ଶାନ୍ତିର ମାର୍ଗ ଦେଖାଇଛନ୍ତି । ଆପଣଙ୍କର ସ୍ଲୋଗାନ୍ Love for All Hatred for Non ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି ।

ଏ ପ୍ରସଙ୍ଗରେ ମୁବଲିଗ୍ ଇନ୍‌ଚାର୍ଯ୍ ଲେଖୁଛନ୍ତି- କମିଶନର୍ ସାହେବ୍ ଆଜି ଶନିବାର ଦିନ ଜଲ୍‌ସାଗାଃକୁ ଆସି କହିଲେ କି ମୁଁ ୩୦ ମିନିଟ୍ ପାଇଁ ଆସିଛି । ତାଙ୍କୁ ଜଲ୍‌ସାଗାଃର ପରିଦର୍ଶନ କରାଗଲା । Humanity First ଏବଂ ବାକି ଅନ୍ୟାନ୍ୟ ସମସ୍ତ ଷ୍ଟଲ୍ ଗୁଡିକ ପରିଦର୍ଶନ କରାଗଲା । ଜମାତ୍‌ର ସମାଜସେବା ନିମନ୍ତେ ଥିବା କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ବ୍ରିଫିଙ୍ଗ୍ ଦିଆଗଲା । ଏହାପରେ ସେ ଜଲ୍‌ସାର ସମ୍ପୂର୍ଣ୍ଣ ଶେସନ୍ ଆଟେଂଡ୍ କଲେ ଓ ପାଖାପାଖି ୩ଘଂଟା ପର୍ଯ୍ୟନ୍ତ ଜଲ୍‌ସାଗାଃରେ ଆମ ସହିତ ରହିଲେ । ଯିବା ପୂର୍ବରୁ ସେ ଏକଥା ପ୍ରକାଶ କଲେ କି ମୁଁ ଆପଣଙ୍କ ଜଲ୍‌ସାର ଏହି ଶେସନ୍‌ରେ ପୁନର୍ବାର ଆସି ଯୋଗଦେବା ପାଇଁ ଇଚ୍ଛା ରଖିଛି ଯେଉଁଥିରେ ଆପଣଙ୍କର ଖଲିଫା ଉପସ୍ଥିତ ଥିବେ । ପୁଣି ଏଥିରେ ତାଙ୍କୁ ଉଦ୍‌ଜାପନୀ ଶେସନ୍‌ରେ ସାମିଲ୍ ହେବାପାଇଁ ନିମନ୍ତ୍ରଣ ଦିଆଗଲା । ପରେ ତାଙ୍କ ସହିତ ଅନ୍ୟାନ୍ୟ ଅତିଥି, ଯେଉଁମାନଙ୍କ ମଧ୍ୟରେ ବିଭିନ୍ନ ସହରର ମେୟର୍ ଏବଂ ରାଜନୈତିଜ୍ଞ ମାନେ ଉପସ୍ଥିତ ଥିଲେ, ତାଙ୍କ ସହିତ ସାକ୍ଷାତ୍ କରାଇ ଦିଆଗଲା । ସେମାନେ ଜମାତ୍‌ର ସେବା ଓ ଇଂଟିଗ୍ରେସନ୍‌ର ଚର୍ଚ୍ଚା କଲେ । ଏତଦ୍‌ବ୍ୟତୀତ ଜମାତ୍ ସହିତ ତାଙ୍କର ଥିବା ସୁସମ୍ପର୍କ ସମ୍ପର୍କରେ ମଧ୍ୟ ବତାଗଲା । ଏହି ସମସ୍ତ କଥା ତାଙ୍କ ମନ ଉପରେ ଯୁକ୍ତାତ୍ମକ ପ୍ରଭାବ ପକାଇଲା ଓ ମୁସଲ୍‌ମାନ୍ ମାନଙ୍କ ସମ୍ବନ୍ଧରେ ତାଙ୍କର ଯେଉଁ ଭାବନା ଥିଲା ତାହା ଯୁକ୍ତାତ୍ମକ ରୂପେ ବଦଳିଗଲା ଯାହାର ପରିପ୍ରକାଶ ସେ ହଜୁର୍ ଅନୁଓ୍ୱର୍‌ଙ୍କ ସମ୍ମୁଖରେ କରିଛନ୍ତି ।

ମିଷ୍ଟର୍ ଦେବୁକ୍ (ମେମ୍ବର ଅଫ୍ ପାର୍ଲିଆମେଂଟ୍ ଏବଂ କାଉନ୍‌ସିଲର୍ ଅଫ୍ ଅକଲ୍) କହିଲେ:- ମୁଁ ଆଜି ଆପଣଙ୍କ ସହିତ ମିଶି ବହୁତ ଆନନ୍ଦତ କାରଣ ଆପଣଙ୍କର ବାର୍ତା ହେଉଛି ଶାନ୍ତି ଓ ନ୍ୟାୟର ବାର୍ତା । ଆପଣଙ୍କର ଯେଉଁ ମୋଟୋ ରହିଛି ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ ଏହି ବାର୍ତା ପୃଥିବୀର ସମସ୍ତ ଅଧିବାସୀଙ୍କ ପାଇଁ ଉର୍ଦ୍ଦିଷ୍ଟ । ମୋର ଏ ଧାରଣା କି ଆମେ ସମସ୍ତେ ମିଳିମିଶି ଏହି ବାର୍ତାକୁ ପ୍ରସାର କରିବା ପାଇଁ ଚେଷ୍ଟା କରିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦେବୁକ୍ ସାହେବ୍‌ଙ୍କୁ ଧନ୍ୟବାଦ ଜଣାଇଲେ ।

ବ୍ରିସିଲ୍‌ଜ୍ ସହରର ମେୟର୍ Miss Souad Razzouk ସାହିବା କହିଲେ ୨୦୦୯ ମସିହାରେ ମୋତେ ଜଲ୍‌ସାସାଲାନା ୟୁ.କେ ରେ ଯୋଗଦେବା ପାଇଁ ଅବସର ମିଳିଥିଲା । ଆପଣଙ୍କର ଯେଉଁ ବାର୍ତା ଅଛି– ''ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' ଏ ବାର୍ତା ହେଉଛି ସମସ୍ତଙ୍କ ପାଇଁ ଏବଂ ଏହି ବାର୍ତାକୁ ସାରା ପୃଥିବୀରେ ପ୍ରସାର କରିବା ଉଚିତ୍ ଯେହେତୁ ଆପଣଙ୍କର ବାର୍ତା ହେଉଛି ଶାନ୍ତିପୂର୍ଣ୍ଣ ବାର୍ତା ସେଇଥିପାଇଁ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନେ ଆପଣଙ୍କ ଉପରେ ଅତ୍ୟାଚାର କରୁଛନ୍ତି ମୁଁ ତାକୁ ବର୍‌ଦାସ୍ତ କରିପାରୁନାହିଁ । ଯଦି ଆପଣମାନଙ୍କୁ ସାହାଯ୍ୟର ଆବଶ୍ୟକତା ଅଛି ତେବେ ମୁଁ ସର୍ବଦା ଆପଣଙ୍କୁ ସାହଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛି କାରଣ ଆପଣଙ୍କର ବାର୍ତା ହେଉଛି – ''ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' ।

ଆଉଜଣେ ବନ୍ଧୁ Ludwig Vandenhove କହିଲେ ମୋ ପାଇଁ ଏଠାକୁ ଆସିବା ସମ୍ମାନର କଥା । ମୋର ଏ ଧାରଣା କି ପଛଥରକ ଯେତେବେଳେ ହଜୁର୍ ଅନୁଓ୍ୱର୍ ବେଲ୍‌ଜିୟମ୍ ଆସିଥିଲେ ସେତେବେଳେ ମଧ୍ୟ ହଜୁର୍‌ଙ୍କ ସହିତ ଦିଲ୍‌ବେକ୍‌ଠାରେ ମୋର ସାକ୍ଷାତ୍ ହୋଇଥିଲା । ମୁଁ ଜମାତ୍ ଅହେମଦୀୟାକୁ ବହୁତ ଭଲରୂପେ ଜାଣିଛି କାରଣ ମୁଁ ୧୮ବର୍ଷ ନିମନ୍ତେ Sint Truiden ସହରର Mayor ରହିସାରିଛି । ଜମାତ୍ ସହିତ ଆମର ବହୁତ ଭଲ ଯୋଗାଯୋଗ ଅଛି ଏବଂ ଆପଣଙ୍କ ଜମାତ୍‌ର ବାର୍ତା – ''ପ୍ରେମ ସଭିଙ୍କ ପାଇଁ, ଘୃଣା କାହାକୁ ନାହିଁ'' ଏହା ପଶ୍ଚିମ ୟୁରୋପ ପାଇଁ ଓ ବିଶେଷ ରୂପେ ବେଲ୍‌ଜିୟମ୍ ନିମନ୍ତେ ବହୁତ ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବାର୍ତା ଅଟେ ।

ଗୋଟିଏ ସଂଗଠନ Blue Hounds Veterans ର ମେମ୍ବର୍ ଫିଲିପ୍ ନୋଏର୍‌ସ୍ ସାହେବ୍ କହିଲେ କି:- ଆପଣ ଆମକୁ ଯେଉଁ କଥା ବତାଉଛନ୍ତି ଓ ଯେଉଁ ବାର୍ତା ଆମକୁ ଦେଉଛନ୍ତି ମୁଁ ସେ ସବୁର ବହୁତ ସମ୍ମାନ କରୁଅଛି । ମୋର ଏ ଧାରଣା କି ଆମେ ଏହି ବାର୍ତାକୁ ଆହୁରି ଆଗକୁ ପ୍ରସାର କରିବା ଉଚିତ୍ । ଏହାଶୁଣି ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏହି ବାର୍ତା ସମଗ୍ର ମାନବଜାତି ପାଇଁ ରହିଛି ଓ ଏହି ବାର୍ତା ବର୍ତମାନ ସମୟର ଆବଶ୍ୟକ ମୁତାବକ ଅଟେ ।

ଅତିଥିମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଏହି ସାକ୍ଷାତ୍‌କାର୍ ୭:୩୫ରେ ଶେଷ ହେଲା । ଶେଷରେ ଅତିଥିମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ପ୍ରେସ୍ କନ୍‌ଫରେନ୍‌ସ୍

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ହଲ୍ ଭିତରେ ପଦାର୍ପଣ କଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ଗୋଟିଏ ପ୍ରେସ୍ କନ୍‌ଫରେନ୍‌ସର ଆୟୋଜନ କରାଯାଇଥିଲା । ସେଥିରେ ବିଭିନ୍ନ ଇଲେକ୍‌ଟ୍ରୋନିକ୍ ଓ ପ୍ରିଂଟ୍ ମିଡିଆର ପ୍ରତିନିଧି ଉପସ୍ଥିତ ଥିଲେ ।

ପାକିସ୍ତାନୀ ଟି.ଭି ଚ୍ୟାନେଲ୍ ନ୍ୟୁଜ୍ ଓ୍ୱାନ୍ ଏବଂ ଇରାନୀ ଟି.ଭି ସହର୍ ର ପ୍ରତିନିଧି ପ୍ରଶ୍ନ କଲେ କି ୟୁରୋପ୍‌ରେ Islamphobia ଯେଉଁଭଳି ବଢ଼ିଚାଲିଛି କଣ ଏ ପ୍ରସଙ୍ଗରେ ୟୁରୋପ୍‌ରେ କୌଣସି ଉଚିତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ? ଦ୍ୱୀତିୟ ପ୍ରଶ୍ନ ତାଙ୍କର ଏହା ଥିଲା କି ଆମେ ତ ସେହି ପାକିସ୍ତାନ୍‌କୁ ଜାଣିଛୁ ଯାହାର ପ୍ରଥମ କ୍ୟାବିନେଟ୍‌ର ଜଫ୍‌ରୁଲ୍ଲାଃ ଖାନ୍ ସାହେବ୍ ବୈଦେଶିକ ମନ୍ତ୍ରୀ ଥିଲେ କିନ୍ତୁ ବର୍ତମାନ ଯେଉ ପରିସ୍ଥିତି ମିଆଁ ଆତିଫ୍‌ଙ୍କ ପ୍ରସଙ୍ଗରେ ସୃଷ୍ଟି ହୋଇଛି ସେ ସମ୍ବନ୍ଧରେ ଆପଣ କଣ କହିବାକୁ ଚାହିଁବେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ପ୍ରଥମ କଥା ହେଉଛି ଏହା କି ଯେଉଁଠି slamphobia ର କଥା ଉଠୁଛି ସେଠାରେ ଜମାତ୍ ଅହେମଦୀୟା ପ୍ରତ୍ୟେକ ପ୍ଲାଟ୍‌ଫର୍ମ୍‌ରେ ଏକଥା କହୁଅଛି କି ଯେଉଁମାନେ ଚରମପନ୍ଥୀ ଓ ସନ୍ତ୍ରାସବାଦ କାର୍ଯ୍ୟକଳାପ କରୁଛନ୍ତି ସେମାନେ ଭୁଲ୍ କରୁଛନ୍ତି । ଅଧିକାଂଶ ମୁସଲ୍‌ମାନ୍ ଏହା ଚାହୁଁନାହାଁନ୍ତି ବରଂ ଏହାକୁ ଘୃଣା କରୁଛନ୍ତି ସେଥିପାଇଁ ପ୍ରତ୍ୟେକ ସ୍ଥାନରେ ଏ ଚେଷ୍ଟା କରାଯିବା ଉଚିତ୍ ଓ କରାଯାଉଛି ମଧ୍ୟ ଏବଂ ପୁଣି ଆପଣଙ୍କର ଯେଉଁ ମସ୍‌ଜିଦ୍ ଅଛି ସେଠାରେ ମୁଲାମାନଙ୍କୁ କୁହନ୍ତୁ ଯେ ତୁମେମାନେ ମଧ୍ୟ ଚେଷ୍ଟା କର କି ଯେଉଁମାନେ ତୁମ ନିକଟକୁ ଆସୁଛନ୍ତି ସେମାନେଙ୍କୁ ଚରମପନ୍ଥୀ ଶିକ୍ଷା ଦେବା ପରିବର୍ତେ ଅସଲ ଇସ୍‌ଲାମୀୟ ଶିକ୍ଷା ଦିଅନ୍ତୁ ଏବଂ ସେମାନଙ୍କୁ ବତାଓ କି ଅସଲ ଇସ୍‌ଲାମ୍‌ର ଶିକ୍ଷା କଣ ଅଛି ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କର ପଦମର୍ଯ୍ୟାଦା ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା ରହେମତୁଲ୍ ଲିଲ୍ ଆଲମିନ୍ ବୋଲି ଅଭିହିତ କରିଛନ୍ତି । ଅଲ୍ଲାଃତାଲା ନିଜେ ମଧ୍ୟ ହେଉଛନ୍ତି ରବ୍‌ବୁଲ୍ ଆଲମିନ୍ ଅର୍ଥାତ୍ ସାରା ବ୍ରହ୍ମାଣ୍ଡର ପାଳନକର୍ତା । ସବୁ ଫିର୍‌କାର ପାଳନକର୍ତା, ସମସ୍ତ ଧର୍ମର ପାଳନକର୍ତା, ସେହିପରି ଆଁ ହଜ୍‌ରତ୍ ସ:ଆ:ସ ସାରା ଜଗତ ପାଇଁ ରହମତ୍ (କରୁଣାମୟ) । ଏବଂ ଆପଣ ସ:ଆ:ସଙ୍କ ସମୟରେ ରହମତ୍ ହିଁ ପ୍ରସାର ହୋଇଥିଲା ଅମାନ୍ୟକାରୀମାନେ ଯେତେବେଳେ ଆକ୍ରମଣ କଲେ ସେତେବେଳେ ଯାଇ ଆପଣ ସ:ଆ:ସ ଏହାର ଉତର ଦେଲେ । ନିଜଆଡୁ କିଛି ଯୁଦ୍ଧ କରିନାହାଁନ୍ତି ନା ଆଁ ହଜ୍‌ରତ୍ ସ:ଆ:ସଙ୍କ ଯୁଗରେ ନା ଖଲିଫା ରାଶଦିନ୍ ମାନଙ୍କ ଯୁଗରେ ଏପରି କୌଣସି ଯୁଦ୍ଧ ଥିଲା ଯାହା ସେମାନେ ନିଜ ଆଡୁ ଆରମ୍ଭ କରିଥିବେ । ଯେତେବେଳେ ଶତୃମାନେ ବିବଶ କରିଦେଲେ ସେତେବେଳେ ଯାଇ ଯୁଦ୍ଧ ଆରମ୍ଭ ହେଲା ।

ଆପଣଙ୍କର ଯେଉଁ ପ୍ରଶ୍ନଟି ଅଛି ଅର୍ଥାତ୍ ଆପଣଙ୍କର କହିବାର ଅର୍ଥ ହେଉଛି କି ଆମେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ଅଛୁ । ତେବେ ଆମେ ତ ପ୍ରତ୍ୟେକ ସ୍ଥାନରେ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ ରହିଛୁ କିନ୍ତୁ ସର୍ତ ହେଉଛି କି ଆପଣମାନଙ୍କର ମୁଲା ମାନେ ଏକଥାକୁ ସ୍ୱୀକାର କରିବା ପାଇ ପ୍ରସ୍ତୁତ ହେବେ କି ଆମେ ମୁସଲ୍‌ମାନ୍ ଭାବେ ଗୋଟିଏ ଏକକ ପ୍ଲାଟ୍‌ଫର୍ମ୍‌ରେ ଛିଡା ହୋଇ ଏହି ଚରମପନ୍ଥୀ କାର୍ଯ୍ୟକଳାପକୁ ଶେଷ କରିବା ପାଇଁ ଚେଷ୍ଟା କରିବା ।

ଆପଣଙ୍କର ଦ୍ୱିତୀୟ ପ୍ରଶ୍ନ ହେଉଛି ଆତିଫ୍‌ମିଆଁ ଏବଂ ଜଫ୍‌ରୁଲ୍ଲାଃ ଖାନ୍‌ସାହେବ୍‌ଙ୍କର । ତେବେ ଇମ୍‌ରାନ୍ ଖାନ୍ ସାହେବ୍ ଏ ଘୋଷଣା କରିଥିଲେ କି ମୁଁ ଏପରି ପାକିସ୍ତାନ୍ ବନାଇବାକୁ ଚାହୁଁଛି ଓ ସେଥିରେ ଏପରି ସରକାର ପ୍ରତିଷ୍ଠା କରିବାକୁ ଚାହୁଁଛି ଯେପରି ମଦିନାର ସରକାର ଥିଲା । ତେମେ ମଦିନାର ମିସାକ୍ କଣ ଥିଲା ? ସେଥିରେ ତ ୟୁହୁଦୀ ମଧ୍ୟ ସାମିଲ୍ ଥିଲେ, ଅନ୍ୟ ଧର୍ମାବଲମ୍ବୀ ମାନେ ମଧ୍ୟ ସାମିଲ୍ ଥିଲେ । ୟୁହୁହୀ ମାନଙ୍କୁ ତାଙ୍କ ଶରୀୟତ୍ ମୁତାବକ ଡିଲ୍ କରାଯାଉଥିଲା ଓ ମୁସଲ୍‌ମାନ୍ ମାନଙ୍କୁ ପବିତ୍ର କୋରାନ୍ ମୁତାବକ । ଯେବେଯାଏ ଅନ୍ୟଧର୍ମ ଗୁଡିକ ତରଫରୁ କୌଣସି ବିଦ୍ରୋହ ନକରାଯାଉଛି ସେପର୍ଯ୍ୟନ୍ତ ସମସ୍ତେ ଏକାଠି ରହୁଥିଲେ । ଆଁ ହଜ୍‌ରତ୍ ସ:ଆ;ସ ଉତମର ମହିତ ବହୁତ ବ୍ୟବହାର କରୁଥିଲେ । ତେବେ ତ ମଦିାର ବହୁତ ୟୁହୁଦୀ ମୁସଲ୍‌ମାନ୍ ହୋଇଯାଇଥିଲେ । ଇମ୍‌ରାନ୍‌ଖାନ୍ ସାହେବ୍ ବହୁତ ସ୍ଲୋଗାନ୍ ଦେଲେ । କିନ୍ତୁ ଯେତେବେଳେ ଆତିଫ୍ ମିଆଁଙ୍କ ପ୍ରଶ୍ନ ଆସିଲା ଓ ମୁଲା ମାନଙ୍କର ପ୍ରେସର୍‌ର ପ୍ରଶ୍ନ ଉଠିଲା ସେତେବେଳେ ଡରିଗଲେ । କାଏଦ୍ ଆଜମ୍‌ଙ୍କ ଯେଉଁ Vision ଥିଲା ତାର ଓଲଟା ଚାଲିବା ଆରମ୍ଭ କରିଦେଲେ । କିନ୍ତୁ ଅତି କମ୍‌ରେ ଏକଥାତ ଅଛି କି ତାଙ୍କର କିଛି ମନ୍ତ୍ରୀ ସାହସ ଦେଖାଇ ଟି.ଭି ଓ ସୋଶିଆଲ୍ ମିଡିଆରେ ମଧ୍ୟ କଥାକୁ ନିର୍ଭ୍ରି ଭାବରେ ଉପସ୍ଥାପନ କରିଛନ୍ତି କି ଆମେ ଆତିଫ୍ ମିଆଁ କୁ ଇସଲାମୀ ନଜ୍‌ରିୟାତି କାଉନ୍‌ସିଲ୍‌ର ମେମ୍ବର୍ ବନାଇନାହୁଁ ବରଂ ଜଣେ ଆର୍ଥିକ ଆଡ୍‌ଭାଇଜର୍ ସଦସ୍ୟ ବନାଇଛୁ । କିନ୍ତୁ ଏଥିରେ ପିର୍ ସାହେବ୍ ଗୋଯିଏ ଫତ୍‌ଓ୍ୱା ଦେଲେ କି ଆତିଫ୍ ମିଆଁକୁ ମେମ୍ବର୍ ବନାଇବା ଯୋଗୁ ଇମ୍‌ରାନ୍ ଖାନ୍ ସାହେବ୍ ଓ ତାଙ୍କ ପାର୍ଟିର ସମସ୍ତ ସଭ୍ୟ, ତାଙ୍କର ଆମେଲା ଏବଂ ସେହି ସମସ୍ତ ଲୋକେ ଯେଉଁମାନେ ତହ୍‌ରିକେ ଇନ୍‌ସାଫ୍ ପାର୍ଟିକୁ ଭୋଟ୍ ଦେଇଛନ୍ତି, ସେ ସମସ୍ତଙ୍କର ନିକାହ୍ ଭାଙ୍ଗଗଲା । ତେବେ ଦେଖନ୍ତୁ ଯେତେବେଳେ ଏପରି ଭାବନା ସୃଷ୍ଟି ହୁଏ ସେତେବେଳେ ଆପଣ ନିଜେ ହିଁ ଅନୁମାନ କରନ୍ତୁ କ'ଣ ହୋଇପାରିବ ।

ଜଙ୍ଗ୍ ନ୍ୟୁଜ୍‌ର ପ୍ରତିନିଧି ପଚରିଲେ କି ଆପଣ ହେଉଛନ୍ତି ଅହେମଦୀୟା କମ୍ୟୁନିଟିର ଧାର୍ମିକ ମାର୍ଗଦର୍ଶକ । ଅନ୍ୟପଟେ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ଅଧିକାଂଶଙ୍କ ନିକଟରେ ମାର୍ଗଦର୍ଶକ ମଧ୍ୟ ଅଛନ୍ତି । (ତେଣୁ) ଆମପାଇଁ ଅର୍ଥାତ୍ ସାଧାରଣ ଲୋକମାନଙ୍କ ପାଇଁ ଏ ଦ୍ୱନ୍ଦ ରହିଛି କି ସେ କାହା କଥା ଉପରେ ବିଶ୍ୱାସ କରିବେ, ଯେଉଁଠି ଧର୍ମ କଥା ଉଠୁଛି ସେଠାରେ ସାଧାରଣତଃ ଆଖି ବନ୍ଦ୍ କରିଦିଆଯାଉଛି । ଏ ପ୍ରସଙ୍ଗରେ ମୁଁ ଜାଣିବାକୁ ପାଉଛି କି ସମାଜ ଭିତରେ ବର୍ତମାନ ଅନବରତ ଟେନ୍‌ସନ୍ ଲାଗିରହିଛି । ଆପଣ ଏ ପ୍ରସଙ୍ଗରେ ପାର୍ଲିଆମେଂଟ୍‌ରେ ଯେଉଁ କାନୁନ୍ ତିଆରି ହେଇଛି ତା'ର ବିରୋଧ କରୁଛନ୍ତି ବା ଆପଣଙ୍କ ନିକଟରେ ଆଉ କିଛି ପ୍ରୋଗ୍ରାମ୍ ଅଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କି ଆମେ ସେ ସବୁ କାର୍ଯ୍ୟ କରୁଛୁ, ଯେଉଁ କାର୍ଯ୍ୟଗୁଡିକୁ ଅଲ୍ଲାଃତାଲା ଓ ତାର ରସୁଲ୍ କରିବା ପାଇଁ ଅନୁମତି ଦେଇଛନ୍ତି ଓ ନିର୍ଦ୍ଦେଶ ଦେଇଛନ୍ତି । ଆଁ ହଜ୍‌ରତ୍ ସ:ଆ:ସଙ୍କର ଗୋଟିଏ ହଦିସ୍ ଅଛି କି ଯିଏ *ଲା ଇଲାହା ଇଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ* ପଢୁଛି ସେ ହେଉଛି ମୁସଲ୍‌ମାନ୍ । ଯେତେବେଳେ କାଫିର୍ ମାନଙ୍କ ସହିତ ଯୁଦ୍ଧ ହେଲା ସେତେବେଳେ ଜଣେ ସାହାବୀ ଜଣେ ବିରୋଧିକୁ ହତ୍ୟା କରିଦେଲେ । ସେ ବ୍ୟକ୍ତିଜଣକ ମୃତ୍ୟୁ ପୂର୍ବରୁ *ଲା ଇଲାହା ଇଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ* ପାଠ କରିଥିଲା । ଏକଥା ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଜାଣିଲେ ଓ ସାହାବୀଙ୍କୁ ପଚାରିଲେ – ସେ ଏଥିରେ କହିଲେ କି ହେ ରସୁଲଲ୍ଲାଃ ସେ ବ୍ୟକ୍ତିଜଣକ ତରବାରି ଭୟରେ କଲ୍‌ମା ପଢ଼ିଥିଲା । ଏଥିରେ ଆପଣ ସ:ଆ:ସ କହିଲେ କି ତୁମେ କଣ ତା'ର ହୃଦୟକୁ ଚିରି କିର ଦେଖିଥିଲ ? ଓ ଏକଥା ତାକୁ ଏତେଥର କ୍ରୋଧରେ କହିଲେ ଓ ଏତେ ମାତ୍ରାରେ ଦୁଃଖ ପ୍ରକାଶ କଲେ କି ଏଥିରେ ସାହାବୀ ଜଣକ କହିଲେ କି ମୋ ମନରେ ଏକଥା ଉଠୁଥିଲା ଯେ କାଳେ ଆଜି ପୂର୍ବରୁ ମୁଁ ମୁସଲ୍‌ମାନ୍ ନଥାନ୍ତି । ଯଦି ପାକିସ୍ତାନ୍‌ର ପାର୍ଲିଆମେଂଟ୍ ଆମ ହୃଦୟକୁ ଚିରି ଦେଖିନେଇଛି କି ଆମେ *ଲା*

*ଇଲାହା ଇଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ* ହୃଦୟରୁ କହୁଛୁ ବା କେବଳ ମୁହଁରୁ କହୁଛୁ । ତେବେ ତାଙ୍କର ପଦମର୍ଯ୍ୟାଦା ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ବଳିଗଲା । ତାଙ୍କୁ ତ ହୃଦୟର ଖବର ନଥିଲା । (କିନ୍ତୁ) ଏମାନଙ୍କୁ ହୃଦୟ ଭିତରର ଖବର ଜଣାପଡ଼ିଗଲା । ତେଣୁ ଆମେ କହୁଛୁ ଯେ ପାର୍ଲିଆମେଂଟ୍‌ର ସେହି ସମସ୍ତ କାନୁନ୍ ଗୁଡିକୁ ଆମେ ପାଳନ କରୁଛୁ ଯାହା ଆମକୁ ଧର୍ମମାର୍ଗରୁ ରୋକେନାହିଁ । ମୁଁ ଯଦି ନିଜକୁ ମୁସଲ୍‌ମାନ୍ ବୋଲାଉଛି ତେବେ ପାର୍ଲିଆମେଂଟ୍ ଯେତେ କହୁ କି ତୁମେ ମୁସଲ୍‌ମାନ୍ ନୁହଁ ତେବେ ମୁଁ ସବୁପ୍ରକାର ଦୁଃଖ କଷ୍ଟକୁ ବର୍‌ଦାସ୍ତ କରିନେବି ପଛେ କିନ୍ତୁ ମୁଁ ହେଉଛି ମୁସଲ୍‌ମାନ୍ । ହଁ ପାକିସ୍ତାନ୍‌ର ବାକି କାନୁନ୍‌କୁ ଆପଣ ଦେଖିନିଅନ୍ତୁ, ସେ ସବୁ କାନୁନ୍ ଗୁଡିକୁ ଆମ ଅହେମଦୀମାନେ ସହୃଦୟତାର ସହିତ ପାଳନ କରୁଛନ୍ତି । ତେବେ ଯେଉଁଠି ଧର୍ମର ମାମଲା ଆସିଗଲା । ସେ ଧର୍ମକୁ ମୁଁ ମାନୁଛି ଓ ତାହାଦ୍ୱାରା କାହାକୁ କ୍ଷତି ପହଂଚୁନାହିଁ । ମୁଁ କାହାର ଧନସମ୍ପତି ଲୁଟି ନେଉନାହିଁ, ମୁଁ କେଉଁଠି ଡକାୟତି କରୁନାହିଁ । ମୁଁ ସରକାର ବିରୋଧରେ ବିଦ୍ରୋହ କରୁନାହିଁ । ମୁ ନିଜକୁ ମୁସଲ୍‌ମାନ୍ ବୋଲାଉଛି ଓ ନମାଜ ପଢ଼ାଉଛି । (କିନ୍ତୁ) ଏଥିରେ ଆପଣ ମୋତେ କହୁଛନ୍ତି କି ନୁହେଁ (ଏଥିରେ) ତୁମକୁ ତିନିବର୍ଷର ଜେଲ୍‌ଦଣ୍ଡ ଭୋଗିବାକୁ ପଡ଼ିବ, ତେବେ ଠିକ୍ ଅଛି, ମୁଁ ଏହା ବର୍‌ଦାସ୍ତ କରିନେଉଛି । ଏଇଥିପାଇଁ ମୁଁ ମଧ୍ୟ ନିଜେ ଜେଲ୍‌ରେ ରହିଛି । ଆପଣ ଯଦି ମୋତେ ପାକିସ୍ତାନ୍ ଜେଲ୍‌ର ଅବସ୍ଥା ବିଷୟରେ ପଚାରିବେ ତେବେ ତାହା ମଧ୍ୟ ମୁଁ ବତାଇପାରିବି । ଏହା ତ ଏକପ୍ରକାର ଅତ୍ୟାଚାର ମୂଳକ କାନୁନ୍ ଅଟେ । ଯାହାକୁ ସଂସାରର କୌଣସି ବୁଦ୍ଧିମାନ୍ ବ୍ୟକ୍ତି ମାନିବ ନାହିଁ ଓ ଜିନାହ୍ ଯେଉଁ ପାକିସ୍ତାନ୍‌ର କଳ୍ପନା କରିଥିଲେ ସେଥିରେ ଧର୍ମୀୟ ସ୍ୱାଧୀନତା ଥିଲା, ପ୍ରତ୍ୟେକ ବ୍ୟକ୍ତି ଧର୍ମ ଦୃଷ୍ଟିକୋଣରୁ ସ୍ୱାଧୀନ ଥିଲା । ଜିନାହ୍‌ଙ୍କ ଦୃଷ୍ଟିକୋଣରେ ଏପରି ଧର୍ମୀୟ ସ୍ୱାଧୀନତା ଥିଲା କି ସେ ଜଣେ ଇସାଇଙ୍କୁ ଚିଫ୍ ଜଷ୍ଟିସ୍ ଓ ଜଜ୍ ବନାଇଥିଲେ । କମାଣ୍ଡର୍ ଇନ୍ ଚିଫ୍ ବା ବୋଧହୁଏ ଏୟାରଫୋର୍ସ୍‌ର ମୁଖ୍ୟ ମଧ୍ୟ ଇସାଇ ଥିଲେ । ପୁଣି ଚୌଧୁରୀ ସର୍ ଜଫରୁଲ୍ଲାଃ ଖାନ୍ ସାହେବ୍‌କୁ ବୈଦେଶିକ ମନ୍ତ୍ରୀ ବନାଇଥିଲେ । ତେବେ ଏହି ସମସ୍ତ ବିଷୟ ଏକଥାକୁ ପ୍ରକାଶ କରୁଛି କି ପାକିସ୍ତାନ୍ ମୁସଲ୍‌ମାନ୍ ମାନଙ୍କ ପାଇଁ ଗୋଟିଏ ଅଲଗା ଦେଶ ଗଢ଼ାଯାଇଥିଲା ଯେପରି ଧର୍ମୀୟ ସ୍ୱାଧୀନତାର ସହିତ ମଦିନାରେ ସରକାର ଗଢ଼ାଯାଇଥିଲା । ଯଦି ଆପଣ ଏହା କହିବେ କି ତୁମେ ନିଜକୁ ଏଇଥିପାଇଁ ଅଣ ମୁସ୍‌ଲିମ୍ ବୋଲାଓ କି ପାର୍ଲିଆମେଂଟ୍ ତୁମକୁ ଏକଥା ନିର୍ଦ୍ଦେଶ ଦେଇଛି ତେବେ ମୁଁ ନିଜକୁ କାହିଁକି ଅଣ ମୁସ୍‌ଲିମ୍ ବୋଲି ବିବେଚନା କରିବି, ଯେବେକି ମୁଁ ଅଲ୍ଲାଃ ଏବଂ ତା ରସୁଲ୍‌ଙ୍କ ଉପରେ ବିଶ୍ୱାସ ଆଣିଛି । ପବିତ୍ର କୋରାନ୍‌ରେ ମଧ୍ୟ ସୁରଃ ନିସାରେ ଆସିଛି କି ''ଯିଏ ତୁମକୁ ସଲାମ୍ କହୁଛି, ତୁମେ ତାକୁ ଏକଥା କୁହନାହିଁ କି ତୁମେ ମୋମିନ୍ ନୁହଁ'' । ତେବେ ଏମାନେ ଯେତେବେଳେ ଅଲ୍ଲାଃଙ୍କ ହୁକୁମ୍ ଓ ରସୁଲ୍‌ଙ୍କ ହୁକୁମ୍ ବିପକ୍ଷରେ ଯିବେ ତେବେ ପୁଣି ଆମେ ଏକଥା କରିବୁ । ହଁ ବାକି କଥାଗୁଡିକରେ ଆମେ କାନୁନ୍‌କୁ ପାଳନ କରୁଛୁ ଓ ମୁଁ ଦାବୀର ସହିତ କହୁଛି କି ଆମଭଳି କେହି ପାଳନ କରୁନଥିବେ । ଆପଣ ଜନସଂଖ୍ୟା ଦୃଷ୍ଟିକୋଣରୁ କୌଣସି ମଧ୍ୟ ସହରର ରେସିଓ ବାହାର କରନ୍ତୁ ଓ ସେଠିକାର ବ୍ୟବସ୍ଥାପିକାଙ୍କ ଠାରୁ ପଚାରି ବୁଝି ନିଅନ୍ତୁ ଯେ ଅହେମଦୀମାନେ କାନୁନ୍‌କୁ ଅଧିକା ପାଳନ କରୁଛନ୍ତି ବା ଅନ୍ୟଲୋକମାନେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏ ପୃଥିବୀରେ ଇନ୍‌କିଲାବ୍ (ପରିବର୍ତ୍ତନ) ମଧ୍ୟ ଏଇଥିପାଇଁ ଆସିଛି । ମୋତେ ଘାନା ପାର୍ଲିଆମେଂଟ୍‌ର ଜଣେ ଅହେମଦୀ ବନ୍ଧୁ କହିଲେ କି ଆଇଜି ଜେଲ୍‌ଖାନାଙ୍କ ସହିତ ଆମର ମିଟିଂ ହେଉଥିଲା ଓ ସେଠାରେ ଏ ପ୍ରଶ୍ନ ରଖାଯାଇଥିଲା କି କ୍ରାଇମ୍ ଦିନକୁ ଦିନ ବଢୁଅଛି ଓ ପୁଣି ଏ ଜାଏଜା ନିଆଗଲା କି କେଉଁ ଗୋଷ୍ଠୀ ଦ୍ୱାରା ଅଧିକ ଅପରାଧ ହେଉଛି । ଏଥିରେ ଜଣାପଡ଼ିଲା କି ମୁସଲ୍‌ମାନଙ୍କ ଠାରେ ଅଧିକ ଅପରାଧ ମିଳୁଛି । ଏଥିରେ ସେ କହିଲେ ମୁଁ ହେଉଛି ଜଣେ ଅହେମଦୀ ଓ ମୁଁ ତୁମକୁ ଦାବୀ କରି କହୁଛି ଯେ ଅହେମଦୀ ମୁସଲ୍‌ମାନ୍ ଅପରାଧ କରନ୍ତି ନାହିଁ । ତୁମେ ଆସନ୍ତା ମିଟିଂରେ ଜାଏଜା ନେଇ ବତାଓ କି ସେହି ଅପରାଧିମାନଙ୍କ ମଧ୍ୟରେ କଣ କୌଣସି ଅହେମଦୀ ସାମିଲ୍ ଅଛନ୍ତି । ଆସନ୍ତା ରିପୋର୍ଟ୍ ଯେତେବେଳେ ଆସିଲା ସେଥିରୁ ଏକଥା ଜଣାପଡ଼ିଲା କି ଅନ୍ୟ ମୁସଲ୍‌ମାନମାନେ ତ ଅପରାଧରେ ଜଡିତ କିନ୍ତୁ କୌଣସି ଅହେମଦୀ ନୁହଁନ୍ତି । ଏହା ତ ହେଉଛି ପରିବର୍ତ୍ତନ । ଇସ୍‌ଲାମ୍‌ର ସଠିକ୍ ଶିକ୍ଷାକୁ ଆମେ ଉପସ୍ଥାପନ କରୁଅଛୁ । ତୁମେ କହୁଅଛ କି ଆମେ ନିଜର ନାମ ଖାଲିଦ୍ ରଖିବୁ ନାହିଁ, ତୁମେ ଏକଥା କହୁଛ କି ଆମେ ମୁସଲ୍‌ମାନ୍ ନୋହୁଁ, ଆମେ ସଲାମ୍ କହିବୁ ନାହିଁ, ଯଦି କୌଣସି ଇସାଇ ''ଅସ୍‌ସଲାମୋ ଆଲୈକୁମ୍'' କହୁଛି ତେବେ କିଛି ଅସୁବିଧା ନାହିଁ । କିନ୍ତୁ ଯେତେବେଳେ ଜଣେ ଅହେମଦୀ ଏକଥା କହୁଛି ତାପାଇଁ ତିନିବର୍ଷର ଜେଲ୍ ଦଣ୍ଡ ରହିଛି । ଏହା କଣ କାନୁନ୍ ? ଇଏ ତ ଉପହାସ ।

ଆଉଜଣେ ପାକିସ୍ତାନୀ ପତ୍ରକାର କହିଲେ କି ମୋର ବିଶ୍ୱାସ ଏହା କି ମୁଁ ପ୍ରତ୍ୟେକା ଅତ୍ୟାଚାରରେ ପିଡୀତ ଲୋକଙ୍କର ହେଉଛି ବନ୍ଧୁ ଏବଂ ପ୍ରତ୍ୟେକ ଅତ୍ୟାଚାରୀଙ୍କ ବିରୋଧି । ଆପଣଙ୍କର ଯେଉଁ ସ୍ଲୋଗାନ୍ ରହିଛି ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ ଏଥିରେ ତ ସମସ୍ତ ଲୋକେ ସାମିଲ୍ ହୋଇଯାଉଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହାତ ବହୁତ ଉତମ କଥା । ଆଁ ହଜ୍‌ରତ୍ ସ:ଆ:ସ କହିଥିଲେ କି ଅତ୍ୟାଚରୀ ଏବଂ ଅତ୍ୟାଚରରେ ପିଡୀତ ଲୋକମାନଙ୍କୁ ସାହାଯ୍ୟ କର । ଏଥିରେ ସାହାବାମାନେ ପଚାରିଲେ କି ଅତ୍ୟାଚାରୀଙ୍କର ଆମେ କିପରି ସାହାଯ୍ୟ କରିପାରିବୁ । ଏଥିରେ ଆପଣ ସ:ଆ:ସ କହିଲେ- ତୁମେ ତାକୁ ଅତ୍ୟାଚାର କରିବାରୁ ନିବୃତ କରାଇ ସାହାଯ୍ୟ କରିପାରିବ । ଏହା ହେଉଛି ସେହି ଶୈଳୀ ଯାହାଦ୍ୱାରା ଆପଣ ତାକୁ ପ୍ରେମ କରୁଥିବାର ପ୍ରକାଶ କରିପାରିବ ଓ ଅତ୍ୟାଚାରରେ ପିଡୀତ ହୋଇଥିବା ବ୍ୟକ୍ତିଙ୍କ ପାଇଁ ତ ଏହା ସ୍ପଷ୍ଟ ଅଛି କି ଆପଣ ତାକୁ କିପରି ସାହାଯ୍ୟ କରିପାରିବେ । ତେବେ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁର ଅର୍ଥ ହେଉଛି ଏହା କି ଯିଏ ଅତ୍ୟାଚାରୀ ତୁମେ ତା'ପାଇଁ ପ୍ରାର୍ଥନା କର କି ସେ ଇଶ୍ୱରଙ୍କଠାରୁ ଦଣ୍ଡପାଇବାରୁ ବଂଚିଯାଉ । ଏ ସବୁ ମାନବଜାତି ପାଇଁ ହେଉଛି ପ୍ରେମ ଓ ଏପରି ଲୋକଙ୍କ ପାଇଁ ପ୍ରେମ ଯେଉଁମାନେ ଅତ୍ୟାଚାରିତ ଅଟନ୍ତି ବା ବିନମ୍ର ଅଟନ୍ତି ବା ଶାନ୍ତିପ୍ରିୟ ଲୋକେ ଅଟନ୍ତି ଅର୍ଥାତ୍ ତୁମେ ତାଙ୍କ ପାଇଁ ପ୍ରାର୍ଥନା କର କି ସେ ଅତ୍ୟାଚାରୀଙ୍କଠାରୁ ବଂଚି ରୁହନ୍ତୁ । ତେବେ ଏହା ହେଉଛି ପ୍ରେମ ସଭିଙ୍କ ପାଇଁର ଅର୍ଥ ନଚେତ୍ ଆପଣ ଠିକ୍ କହୁଛନ୍ତି ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ହଦିସ୍ ମୁତାବକ ମୁଁ ମଧ୍ୟ ଠିକ୍ କହୁଛି ।

ହଜୁର୍ ସ:ଆ:ସ କହିଛନ୍ତି କି- ଅତ୍ୟାଚାରୀର ହାତକୁ ରୋକିଦିଅ, ତାକୁ ସାହାଯ୍ୟ କର ଏବଂ ତା ପାଇଁ ଦୁଆ କର । ଯଦି ତୁମେ ହାତଦ୍ୱାରା ତାକୁ ରୋକୁନାହଁ ତେବେ ମୁହଁଦ୍ୱାରା ଯଦି ରୋକିପାରୁନାହଁ ତେବେ ତା ପାଇଁ ଦୁଆ କର, ଏହା ତା ପାଇଁ ସାହାଯ୍ୟ ହେବ । ହଁ ଏହା ନିଶ୍ଚିତ ରୂପେ ଅଛି କି ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଏକାପରି ପ୍ରେମ ହୋଇପାରେନା, ପ୍ରେମର ସ୍ତର ବଦଳିଯାଏ, ଥରେ ହଜ୍‌ରତ୍ ଅଲୀ ର:ଅଙ୍କ ପୁତ୍ର ତାଙ୍କୁ ପଚାରିଲେ କି କଣ ଆପଣଙ୍କୁ ମୋ ସହିତ ପ୍ରେମ ଅଛି ? ଏଥିରେ ସେ କହିଲେ କି ''ଅଛି'' । ପୁଣି ସେ ପଚାରିଲେ କଣ ଆପଣଙ୍କୁ ଅଲ୍ଲାଃତାଲାଙ୍କ ସହିତ ମଧ୍ୟ ପ୍ରେମ ଅଛି ? ଏଥିରେ ହଜ୍‌ରତ୍ ଅଲୀ ର:ଅ କହିଲେ- ''ହଁ'' ପୁଣି ପଚାରିଲେ କି ଏହି ଦୁଇଟି ପ୍ରେମ କିପରି ଏକାଠି ହୋଇପାରିବେ । ଏଥିରେ ହଜରତ୍ ଅଲୀ କହିଲେ କି ଯେତେବେଳେ ଅଲ୍ଲାଃତାଲାଙ୍କ ସହିତ ପ୍ରେମ କରିବାର କଥା ଆସିବ, ସେତେବେଳେ ତୁମ ସହିତ ଥିବା ପ୍ରେମ ପଛକୁ ଚାଲିଯିବ । ତେବେ ଏହିପରି ଅତ୍ୟାଚାରୀଙ୍କ ସହିତ ସେପର୍ଯ୍ୟନ୍ତ ପ୍ରେମ ରହିଛି ଯେପର୍ଯ୍ୟନ୍ତ ଅତ୍ୟାଚାରରେ ପିଡୀତ ବ୍ୟକ୍ତି ସମ୍ମୁଖରେ ନଥାଏ । ଯେତେବେଳେ ଅତ୍ୟାଚାରରେ ପିଡୀତ ବ୍ୟକ୍ତି ସମ୍ମୁଖକୁ ଆସିଯିବ ସେତେବେଳେ ତା ସହିତ ପ୍ରେମଭାବ ଆସିଯିବା ଓ ଅତ୍ୟାଚାରୀଙ୍କ ସହିତ ସହାନୁଭୁତି ଦେଖାଇବାର ଅର୍ଥ ହେଉଛି ତାକୁ ଅଲ୍ଲାଃତାଲାଙ୍କ ଦଣ୍ଡରୁ ବଂଚାଇବା ।

ଏହି ପ୍ରେସ୍ କନ୍‌ଫରେନ୍‌ସ ୮:୧୫ ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ପ୍ରେସ୍‌ର ମେମ୍ବର୍‌ମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଟେଂଟ୍ ଭିତରେ ପଦାର୍ପଣ କରି ନମାଜ ମଗ୍‌ରିବ୍ ଓ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

---

**୧୬ ସେପ୍ଟେମ୍ବର୍ ୨୦୧୮ (ରବିବାର)**

**ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର**

**ତୃତୀୟ ଦିନ**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ପ୍ରତ୍ୟୁଷ ଠିକ୍ ୬ଟା ବେଳେ ଟେଂଟ୍‌ରେ ପଦାର୍ପଣ କରି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ସମୟରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ ଦେଖିଲେ ଓ ବିଭିନ୍ନ ପ୍ରକାରର ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଆଜି ଜମାତ୍ ଅହେମଦୀୟା ବେଲ୍‌ଜିୟମ୍‌ର ଜଲ୍‌ସାସାଲାନାର ତୃତୀୟ ଓ ଶେଷ ଦିବସ ଥିଲା । ପ୍ରୋଗ୍ରାମ୍ ମୁତାବକ ଠିକ୍ ୩ଟା ବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାଗାଃରେ ପହଂଚି ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ ।

**ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର**

**ଉଦ୍‌ଯାପନୀ ଉତ୍ସବ**

ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଜଲ୍‌ସାର ଉଦ୍‌ଯାପନୀ ଇଜ୍‌ଲାସ୍ ନିମନ୍ତେ ଯେଉଁକ୍ଷଣି ଷ୍ଟେଜ୍ ଉପରେ ପହଂଚିଲେ ସେହିକ୍ଷଣି ସମଗ୍ର ଜଲ୍‌ସାଗାଃଟି ସ୍ଲୋଗାନ୍ ଦ୍ୱାରା ଗୁଞ୍ଜରଣ ହୋଇଉଠିଲା ଓ ସମସ୍ତ ଲୋକେ ବହୁତ ଉତ୍ସାହର ସହିତ ନାରା (ସ୍ଲୋଗାନ୍) ଲଗାଉଥିଲେ । ପ୍ରୋଗ୍ରାମ୍ ଆରମ୍ଭ ହେବା ପୂର୍ବରୁ ଦୁଇଜଣ ଅତିଥିଙ୍କୁ ନିଜର ମନୋଭାବ ପ୍ରକାଶ କରିବାର ଥିଲା ।

ସର୍ବପ୍ରଥମେ ମେମ୍ବର୍ ଅଫ୍ ୟୁରୋପିଆନ୍ ପାର୍ଲିଆମେଂଟ୍ Mrs. Lieve Wicrinck ସାହିବା ନିଜର ଅଭିଭାଷଣ ଉପସ୍ଥାପନ କଲେ । ସେ ୟୁରୋପିଆନ୍ କମିଟି ଇଣ୍ଡଷ୍ଟ୍ରି, ରିସର୍ଚ୍ଚ ଆଣ୍ଡ ଏନର୍ଜିର ସଦସ୍ୟ ମଧ୍ୟ ଅଛନ୍ତି । ସେ କହୁଛନ୍ତି:- ମୋତେ ବହୁତ ଖୁସି ଲାଗୁଛି କି ଆଜି ଆପଣଙ୍କ ପ୍ରୋଗ୍ରାମ୍‌ରେ ସାମିଲ୍ ହେବାପାଇଁ ମୋତେ ଅବସର ମିଳିଛି । ମୁଁ ଆପଣଙ୍କ ଜମାତ୍ ବିଷୟରେ ନିଜ ପାର୍ଟିର ସଦସ୍ୟମାନଙ୍କଠାରୁ ଶୁଣିଥିଲି । ଆପଣଙ୍କ ତରଫରୁ ନିମନ୍ତ୍ରଣ ମିଳିବା ପରେ ମୁଁ ଆହୁରି ଅଧିକା ରିସର୍ଚ୍ଚ କଲି । ଆପଣଙ୍କ ଜମାତ୍‌କୁ ଏ ପୃଥିବୀରେ ଏକ ସ୍ୱତନ୍ତ୍ର ପଦମର୍ଯ୍ୟାଦା ହାସଲ ହେଇଛି । ଆପଣମାନେ ମାନବଜାତି ସହିତ ପ୍ରେମ, ମାନବସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରୁଛନ୍ତି ଓ ଆପଣମାନେ ଆପଣଙ୍କ ଶାନ୍ତି ବାର୍ତ୍ତା ପାଇଁ ସବୁଠାରେ ପରିଚିତ । ଆପଣଙ୍କ ଜମାତ୍ ବେଲ୍‌ଜିୟମ୍‌ରେ ଇଂଟିଗ୍ରେସନ୍‌ରେ ମଧ୍ୟ ଉଦାହରଣ ଉପସ୍ଥାପନ କରିଛନ୍ତି ଓ ନୂଆବର୍ଷର ଆରମ୍ଭରେ ଓ୍ୱକାରେ ଅମଲ୍ ଜରିଆରେ ସ୍ୱଚ୍ଛତା ଅଭିଯାନ ଚଳାଇ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ ତିଆରି କରିଛନ୍ତି । ମୁଁ ଜଣେ ୟୁରୋପିଆନ୍ ପାର୍ଲିଆମେଂଟ୍‌ର ମେମ୍ବର୍ । ଶାନ୍ତି ସ୍ଥାପନ କରିବା ପାଇଁ ସଦାସର୍ବଦା ଚେଷ୍ଟିତ । ଆମେ ୟୁରୋପ୍‌ରେ ଦୁଇଟି ବଡ ଯୁଦ୍ଧ ଦେଖିସାରିଛୁ କିନ୍ତୁ ବର୍ତମାନ ଆମେ ଏ ଚେଷ୍ଟା କରୁଅଛୁ କି ଆଉକୌଣସି ଯୁଦ୍ଧ ଆମକୁ ଦେଖିବାକୁ ନପଡୁ । ଆପଣଙ୍କର ବାର୍ତ୍ତା ଏତେ ଶକ୍ତିଶାଳୀ ଯେ ଯଦି ସଂସାରର ବଡ ବଡ ରାଷ୍ଟ୍ରଗୁଡିକ ତା ଉପରେ ପରିଚାଳିତ ହୁଅନ୍ତେ ତେବେ ଏ ସଂସାରରେ ଶାନ୍ତି ସ୍ଥାପନ ହୋଇପାରନ୍ତା । ଶେଷରେ ପୁନର୍ବାର ଆପଣଙ୍କୁ ଓ ଆପଣଙ୍କ ଜମାତ୍‌କୁ ଧନ୍ୟବାଦ ଅର୍ପଣ କରିବା ପାଇଁ ଚାହୁଁଛି ଓ ଏ ଆଶା ରଖିଛି କି ଆମେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଚେଷ୍ଟା ଜାରି ରଖିବା ।

ଏହାପରେ ବ୍ରିସିଲ୍‌ସ୍‌ର ପୋଲିସ୍ କମିଶନର୍, ଚିଫ୍ ପୋଲିସ୍ ଅଫିସର୍ Chistane De Konick ସାହେବ୍ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ- ସର୍ବପ୍ରଥମେ ମୁଁ ଆପଣଙ୍କୁ ଧନ୍ୟବାଦା ଅର୍ପଣ କରିବାକୁ ଚାହିଁଲି କି ଆପଣ ମୋତେ ନିଜର ଏହି ପ୍ରୋଗ୍ରାମ୍‌ରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଛନ୍ତି, ସେଥିପାଇଁ ମୁଁ ବହୁତ ଆନନ୍ଦିତ । ଯେତେବେଳେ ୨୨ ମାର୍ଚ୍ଚ ୨୦୧୬ ମସିହାରେ ବ୍ରିସିଲ୍‌ସ୍‌ର ମାଲ୍‌ବିକ୍ ମେଟ୍ରୋ ଷ୍ଟେସନ୍ ଉପରେ ଆକ୍ରମଣ କରାଯାଇଥିଲା ସେତେବେଳେ ମୁଁ ସେଠିକାର ଇନ୍‌ଚାର୍ଯ୍ ଥିଲି । ମୁଁ ସେ ସମୟରେ ଯାହାକିଛି ଦେଖିଛି କେବେ ଏହା ଚାହିଁବି ନାହିଁ କି ଆପଣମାନଙ୍କ ମଧ୍ୟରୁ କେହି ମଧ୍ୟ ସେପରି ଘଟଣା ଦେଖନ୍ତୁ । ଲୋକମାନେ ମୋ ଗୋଡପାଖରେ ଆସି ପଡି ମରିଛନ୍ତି । ସେଥିଯୋଗୁ ମୁସଲ୍‌ମାନ୍‌ଙ୍କ ଉପରେ ମୋର ଭୀଷଣ ରାଗ ଥିଲା କି କିପରି ଜଣେ ମନୁଷ୍ୟ ଧର୍ମ ନାମରେ ଅନ୍ୟ ମନୁଷ୍ୟକୁ ହତ୍ୟା କରିପାରେ କିନ୍ତୁ ଆପଣଙ୍କ ଜମାତ୍‌କୁ ଜାଣିବା ପରେ ଓ ଆପଣମାନଙ୍କ ସହିତ ମିଶିବା ପରେ ଏବଂ ଆଜି ଆପଣଙ୍କ ଜଲ୍‌ସାରେ ସାମିଲ୍ ହୋଇ ମୁସଲ୍‌ମାନ୍ ମାନଙ୍କ ପ୍ରତି ଥିବା ମୋର ଦୃଷ୍ଟିକୋଣ ବଦଳି ଯାଇଛି । ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି କି ଆପଣମାନେ ମୋତେ ପୁନର୍ବାର ଶାନ୍ତିର ମାର୍ଗ ଦେଖାଇଛନ୍ତି । ଆପଣଙ୍କର ସ୍ଲୋଗାନ୍ Love for All Hatred for Non ମୋ ହୃଦୟ ଉପରେ ଗଭୀର ପ୍ରଭାବ ପକାଇଛି । ଆପଣଙ୍କ ଜଲ୍‌ସାରେ ମୋତେ ଏକ ଭିନ୍ନ ଇସ୍‌ଲାମ୍ ଦେଖିବାକୁ ମିଳିଲା । ଏପରି ଏକ ଇସ୍‌ଲାମ୍ ଯାହା ଶାନ୍ତିପ୍ରିୟ । ଏହାଦ୍ୱାରା ମୋତେ ବହୁତ ଶାନ୍ତ୍ୱନା ମିଳିଲା ।

ଏହାପରେ ୩:୪୦ରେ ଜଲ୍‌ସାର ଉଦ୍‌ଯାପନୀ ଇଜ୍‌ଲାସ୍ ପ୍ରଥା ମୁତାବକ ପବିତ୍ର କୋରାନ୍ ପାଠଦ୍ୱାରା ଆରମ୍ଭ ହେଲା ଯାହା ମୋକରମ୍ ମୁହମ୍ମଦ୍ ମଜହର୍ ସାହେବ୍ ମୁବଲିଗ୍ ସିଲ୍‌ସିଲା ବେଲ୍‌ଜିୟମ୍ ପାଠ କଲେ ଓ ତତ୍‌ସହିତ ଏହାର ଉର୍ଦ୍ଦୁ ଅନୁବାଦ ମଧ୍ୟ ପଢ଼ି ଶୁଣାଇଲେ । ଏହାପରେ ଏହ୍‌ତେଶାମ୍ ହାଶ୍‌ମି ସାହେବ୍ ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମନ୍‌ଜୁମ୍ କଲାମ୍-

*ଓ୍ୱହ୍ ପେଶ୍‌ଓ୍ୱା ହମାରା*
*ଜିସ୍‌ସେ ହୈ ନୁର୍ ସାରା*
*ନାମ୍ ଉସ୍‌କା ହୈ ମୁହମ୍ମଦ୍*
*ଦିଲ୍‌ବର୍ ମେରା ୟେହି ହୈ*

ମଧ୍ୟରୁ କିଛି ଚୟନ ହୋଇଥିବା ପଦକୁ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ । ଏହାପରେ ମୋକରମ୍ ଉନି ସାହେବ୍ ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଆରବୀ କସିଦା-

*ୟା ଅଏନା ଫଏଜିଲ୍ଲାହି ଓ୍ୱଲ୍ ଇର୍‌ଫାନି*
*ୟସ୍‌ଆ ଇଲୈକଲ୍ ଖଲ୍‌କୁ କଜ୍ଜମ୍ ଆନି*
ରୁ କିଛି ପଦ ଲଳିତ ସ୍ୱରରେ ପଢ଼ି ଶୁଣାଇଲେ ।

**ଶିକ୍ଷା ପୁରସ୍କାର ବିତରଣୀ ଉତ୍ସବ**

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା କ୍ଷେତ୍ରରେ ସଫଳତା ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ଏବଂ ମେଡାଲ୍ ପ୍ରଦାନ କଲେ । ହଜୁର୍ ଅନୁଓ୍ୱର୍‌ଙ୍କ ପବିତ୍ର ହସ୍ତରୁ ନିମ୍ନଲିଖିତ ସୌଭାଗ୍ୟବାନ୍ ଶିକ୍ଷାର୍ଥୀ ତାଲିମ୍ ଆଓ୍ୱାର୍ଡ୍ ହାସଲ କଲେ ।

ମଲକ୍ ଜୁନୈଦ୍ ଅହେମଦ୍ ସାହେବ୍ ସୁପୁତ୍ର
ମୋକରମ୍ ମଲକ୍ ବିସାରତ
ମେହ୍‌ମୁଦ୍ ସାହେବ୍
A Levels and Sciences

ମୁହମ୍ମଦ୍ ହାମିଦ୍ ସାହେବ୍ ସୁପୁତ୍ର ମୋକରମ୍
ମୁହମ୍ମଦ୍ ରାଫେ କୁରୈଶି ସାହେବ୍
Bachelor in
Computer Sciences.

ଅଦିଲ୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍
ମୁବଶିର୍ ଅହେମଦ୍ ସାହେବ୍
Bachelor in
International Business.

ଅଦିଲୁର୍ ରହ୍‌ମାନ୍ ସାହେବ୍ ସୁପୁତ୍ର ମୋକରମ୍
ମକ୍‌ସୁଦୁର୍ ରହ୍‌ମାନ୍ ସାହେବ୍
Bachelor in
Applied Informatics.

ତୈମୁର୍ ଅହେମଦ୍ ସଇଦ୍ ସାହେବ୍
ସୁପୁତ୍ର ମୋକରମ୍ ମସ୍‌ଉଦ୍
ଅହେମଦ୍ ସଇଦ୍ ସାହେବ୍
Master of Business
Administration.

ଡାଃ ବାଜୁଆ ନୋମାନ୍ ଅହେମଦ୍ ସାହେବ୍ ସୁପୁତ୍ର
ମୋକରମ୍
ବାଜୁଅ ମୁହମ୍ମଦ୍ ବୁଟା ସାହେବ୍
Master in Medicine.

ସିକ୍‌ଦର୍ ମେହ୍‌ମୁଦ୍ ସାହେବ୍ ସୁପୁତ୍ର ମୋକରମ୍
ସିକ୍‌ଦର୍ ମାହ୍‌ରୁଫ୍ ସାହେବ୍
Bachelor in
Computer Sciences.

ତୈୟବ୍ ଅହେମଦ୍ ଭଟ୍ଟି ସାହେବ୍ ସୁପୁତ୍ର
ମୋକରମ୍ ନାସିର୍ ଅହେମଦ୍ ଭଟ୍ଟି ସାହେବ୍
A Levels- Sciences.

ଅହେମଦ୍ ଶେହ୍‌ଜାଦ୍ ସାହେବ୍ ସୁପୁତ୍ର ମୋକରମ୍
ମନ୍‌ସୁର୍ ଅହେମଦ୍ ସାହେବ୍
A Levels- Sciences
and Mathematics.

ଶାହ୍‌ଜିନ୍ ସାହେବ୍ ସୁପୁତ୍ର ମୋକରମ୍ ମନ୍‌ସୁର୍
ଅହେମଦ୍ ସାହେବ୍
Bachelor in
Civil Engineering.

ଓ୍ୱହିଦ୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍
ଓ୍ୱାସିଫ୍ ଅହେମଦ୍ ଭଟ୍ଟି ସାହେବ୍
A Levels- Sciences
& Mathematics.

ମୁବିନ୍ ଅହେମଦ୍ ଗିଲ୍ ସାହେବ୍ ସୁପୁତ୍ର
ମୋକରମ୍ ଚୌଧୁରୀ ତାହେର୍ ଗିଲ୍ ସାହେବ୍
A Levels- Sciences
& Mathematics.

ଜାଜିବ୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍
ଇଦ୍‌ରିସ୍ ଅହେମଦ୍ ସାହେବ୍
A Levels- Modern languages
and Sciences.

ମୁହମ୍ମଦ୍ ଫୈଜାନ୍ ସାହେବ୍ ସୁପୁତ୍ର ମୋକରମ୍
ମୁହମ୍ମଦ୍ ଇର୍‌ଶାଦ୍ ସାହେବ୍
Bachelor of Law.

ଲୁକ୍‌ମାନ୍ କରିମ୍ ସାହେବ ସୁପୁତ୍ର
ମୋକରମ୍ କରିମୁଲ୍ଲାଃ ସାହେବ୍
A Levels- Business
Managements.

ଅହେମଦ୍ ଏହ୍‌ସାନ୍ ସାହେବ୍ ସୁପୁତ୍ର ମୋକରମ୍
ନୁରୁଦ୍ଦିନ୍ ଅହେମଦ୍ ସାହେବ୍
Master of Law.

ଏହ୍‌ତେଶାମ୍ ହାଶ୍‌ମି ସାହେବ୍ ସୁପୁତ୍ର ମୋକରମ୍
ରଫିକ୍ ହାଶ୍‌ମି ସାହେବ୍ ।
A Levels- Sciences
& Mathematics.

ଖୁର୍‌ରମ୍ ଶେହ୍‌ଜାଦ୍ ମଲକ୍ ସାହେବ୍ ସୁପୁତ୍ର
ମୋକରମ୍ ମଲକ୍
ମୁହମ୍ମଦ୍ ଅତ୍‌ହର୍ ସାହେବ୍
Bachelor of Law.

ରାଣା ତଲ୍‌ହା ସାହେବ୍ ସୁପୁତ୍ର ମୋକରମ୍ ରାଣା
ଜୁବୈର୍ ଅହେମଦ୍ ସାହେବ୍
Bachelor in
Business Management.

ଡାଃ ଇଦ୍‌ରିସ୍ ସାହେବ୍ ସୁପୁତ୍ର ମୋକରମ୍ ରଫିକ୍
ଅହେମଦ୍ ସାହେବ୍
Master of Medicine Master in
Medical and Pharmaceutical
Research

ସୁଲ୍‌ତାନ୍ ଅହେମଦ୍ ବଟ୍ ସାହେବ୍ ସୁପୁତ୍ର
ମୋକରମ୍ ହୁମାୟୁଁ ବଟ୍ ସାହେବ୍
Bachelor in
Electronic Engineering.

ତମ୍‌ସିଲ୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍
ଫର୍‌ଖ୍ ଅହେମଦ୍ ସାହେବ୍
A Levels- Greek
and Mathematics.

ଅହେମଦ୍ ଜିଶାନ୍ ମୁହିଉଦ୍ଦିନ୍ ସାହେବ୍ ସୁପୁତ୍ର
ମୋକରମ୍
ନୁରୁଦ୍ଦିନ୍ ଅହେମଦ୍ ସାହେବ୍
Bachelor of Medicine.

କ୍ରିଶନ୍ ଅହେମଦ୍ ସାହେବ୍ ସୁପୁତ୍ର
ମୋକରମ୍ ଅଜିଜ୍ ଅହେମଦ୍ ସାହେବ୍
Bachelor of Technology, Elec-
tronics and Telecome.

ବେହ୍‌ଜାଦ୍ ଇକ୍‌ବାଲ୍ ସାହେବ୍ ସୁପୁତ୍ର ମୋକରମ୍
ପର୍‌ୱେଜ୍ ଇକ୍‌ବାଲ୍ ସାହେବ୍
A Levels- Economy and Mod-
ern Languages.

ଇମ୍‌ରାନ୍ ସଇଦ୍ ସାହେବ୍ ସୁପୁତ୍ର ମୋକରମ୍
ମୁହମ୍ମଦ୍ ସଇଦ୍ ସାହେବ୍
A Levels Modern
Languages and Sciences.

ନବୀଲ୍ ଅହେମଦ୍ ସାହେବ୍ ସୁପୁତ୍ର ମୋକରମ୍
ମୁବଶିର୍ ଅହେମଦ୍ ସାହେବ୍
Certified Information Systems
Security
Professional.

ତସ୍‌ଲିମ୍ ଅହେମଦ୍ ରଜା ସାହେବ୍ ସୁପୁତ୍ର
ମୋକରମ୍ ନଇମ୍ ଏ ଶାହିନ୍ ସାହେବ୍
Master in
Industrial Sciences.

ସର୍‌ମଦ୍ ଅକ୍‌ବର୍ ଅହେମଦ୍ ସାହେବ୍ ସୁପୁତ୍ର
ମୋକରମ୍ ଅକ୍‌ବର୍ ଅହେମଦ୍ ସାହେବ୍
A Levels- Modern
Languages and Sciences.

ମୁହମ୍ମଦ୍ ବିଲାଲ୍ ଖାନ୍ ସାହେବ ସୁପୁତ୍ର
ମୋକରମ୍ ମାଦାମେ
ଏହ୍‌ସାନ୍ ସିକନ୍ଦର୍ ସାହେବ୍

ଅନୁଶ୍ ଇକ୍‌ବାଲ୍ ସାହେବ୍ ସୁପୁତ୍ର ମୋକରମ୍
ମୁହମ୍ମଦ୍ ଇକ୍‌ବାଲ୍ ସାହେବ୍
A Levels- Informatics
and Networking.

ଶିକ୍ଷା ପୁରସ୍କାର ବିତରଣୀ ଉତ୍ସବ ପରେ ହଜୁର୍ ଅନୁଓ୍ୱର ଅ:ବ:ଅ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ବେଲଜିୟମ୍‌ରେ ଉତମ କାର୍ଯ୍ୟ କରିଥିବା ଦୃଷ୍ଟିକୋଣରୁ ପ୍ରଥମ ହୋଇଥିବା ମଜ୍‌ଲିସ୍ ''ମଜ୍‌ଲିସ୍ Antwerpen''ଙ୍କୁ ଜ୍ଞାନ ପୁରସ୍କାର ପ୍ରଦାନ କଲେ । ଏହାପରେ ୪:୧୦ରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଉଦ୍‌ଯାପନୀ ଅଭିଭାଷଣ ପ୍ରଦାନ କଲେ ।

**ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ**
**ଉଦ୍‌ଯାପନୀ ଅଭିଭାଷଣ**

ତଶହୁଦ୍, ତଉଜ ଏବଂ ସୁରଃ ଫାତିହା ତିଲାଓ୍ୱତ୍ କରିବା ପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ଅଲ୍ଲାଃତାଲାଙ୍କର ଆମ ଉପରେ ବହୁତ ବଡ ଏହ୍‌ସାନ୍ କି ସେ ଆମକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ମାନିବା ପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ବର୍ତମାନ ଯୁଗରେ ଯେତେବେଳ ଚାରିଆଡେ ସଙ୍କଟର ପରିସ୍ଥିତି ବ୍ୟାପି ରହିଛି କାହାକୁ ଏକଥା ବୁଝାପଡୁନାହିଁ କି ସେ କେଉଁଆଡେ ଯିବେ ଏବଂ କାହାକୁ ନିଜର ମାର୍ଗଦର୍ଶକ ବନାଇବେ ଓ କଣ କଲେ ତାଙ୍କର ଅସୁବିଧା ଦୂର ହେବ । ସେତେବେଳେ ଅଲ୍ଲାଃତାଲା ଆମକୁ ଏ ସୌଭାଗ୍ୟ ଦେଇଛନ୍ତି କି ଅଲ୍ଲାଃତାଲା ଏ ଯୁଗରେ ଆମର ମାର୍ଗଦର୍ଶନ କରାଇବା ପାଇଁ, ଲୁକ୍କାୟିତ ମାର୍ଗକୁ ଦେଖାଇବା ପାଇଁ, ଖୁଦାତାଲାଙ୍କ ସହିତ ମିଶାଇବା ପାଇଁ ସୃଷ୍ଟଜଙ୍କ ଅଧିକାରକୁ ପ୍ରଦାନ କରିବା ପାଇଁ ସେ ନିଜର ଯେଉଁ ଦିବ୍ୟ ପୁରୁଷକୁ ପ୍ରେରଣ କରିଛନ୍ତି ତାକୁ ଆମେ ଗ୍ରହଣ କରିଛେ । ସୁତରାଂ ତାଙ୍କୁ ଗ୍ରହଣ କରିବାର ହକ୍ ସେତେବେଳେ ପ୍ରଦାନ ହେବ ଯେବେ ଆମେ ଉକ୍ତ ମାର୍ଗଦର୍ଶକଙ୍କ ଠାରୁ ମାର୍ଗଦର୍ଶନ ହାସଲ କରିବା ଏବଂ ପୁଣି ତାଙ୍କ ନିର୍ଦ୍ଦେଶ ମୁତାବକ ନିଜର ଜୀବନକୁ ବିତାଇବା ନଚେତ୍ ତାଙ୍କୁ ଗ୍ରହଣ କରିବାର କୌଣସି ଲାଭ ହେବନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ଆଜିକାଲି ଆମେ ଏହା ଦେଖିବାକୁ ପାଉଛେ କି ମନୁଷ୍ୟ ନିଜର ସ୍ୱାର୍ଥ ପାଇଁ ନିଜେ ହିଁ ନିଜକୁ ଅସୁବିଧାରେ ପକାଇ ଚାଲିଛି । ଏତଦ୍‌ବ୍ୟତୀତ ଅଲ୍ଲାଃତାଲାଙ୍କ ତରଫରୁ ମଧ୍ୟ ବିପତିର ଧାରା ବଢ଼ିଚାଲିଛି । କେଉଁଠାରେ ଝଡ ତୋଫାନ୍ ମନୁଷ୍ୟକୁ ବର୍‌ବାଦ୍ କରୁଛି ତ କେଉଁଠି ମରୁଡି ମଣିଷକୁ ଅସୁବିଧାରେ ପକାଉଛି । ଯେଉଁ ଆସବାବ ଉପରେ ମନୁଷ୍ୟ ଭରଷା କରୁଥିଲା ତାହାସବୁ ଧ୍ୱଂସ ହେଉଅଛି । ସୁତରାଂ ଏପରି ପରିସ୍ଥିତିରେ ମୋମିନ୍‌କୁ ପୂର୍ବାପେକ୍ଷା ଆଉ ଅଧିକ ଅଲ୍ଲାଃତାଲାଙ୍କ ଆଡକୁ ଫେରିଯିବାର ଆବଶ୍ୟକ ରହିଛି ଓ ଯେପରିକି ମୁଁ କହିସାରିଛି ଯେ ଅଲ୍ଲାଃତାଲାଙ୍କ ମାର୍ଗ ଦେଖାଇବା ପାଇଁ ଅଲ୍ଲାଃତାଲା ନିଜର ଦୂତକୁ ପଠାଇଛନ୍ତି ଯିଏ ବିଭିନ୍ନ ଉପାୟ, ବିଭିନ୍ନ ଶୈଳୀ, ବିଭିନ୍ନ ଶବ୍ଦ ଓ ବିଭିନ୍ନ କଥା ପ୍ରତି ଧ୍ୟାନ ଆକର୍ଷଣ କରାଇ ଆମର ମାର୍ଗଦର୍ଶନ କରିଛନ୍ତି । ଏହି ମାର୍ଗଦର୍ଶନ ଯାହା ଅଲ୍ଲାଃତାଲା ଏବଂ ତା ରସୁଲ୍ ସ:ଆ:ସଙ୍କ ଶିକ୍ଷାରେ ପରିବେଷ୍ଟିତ ଯଦି ଆମେ ତା ଉପରେ ପରିଚାଳିତ ହେବା ତେବେ ତାହା ଆମକୁ ପ୍ରତ୍ୟେକ ପ୍ରକାରର ବିପତିରୁ ବଂଚାଇବ ଓ ଆମ ଜୀବନକୁ ସୁନ୍ଦର କରିବା ପାଇଁ ଏହା ଏପରି ଏକ ମାଧ୍ୟମ ଯାହା ସଦାସର୍ବଦା ପାଇଁ ଜାରି ରହିବ ଓ ଉତମ ଫଳ ପ୍ରଦାନ କରିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ବର୍ତମାନ ମୁଁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କିଛି ଉପଦେଶାବଳୀ ଉପସ୍ଥାପନ କରିବି ଯାହା ଆପଣ ସ:ଆ:ସ ବିଭିନ୍ନ ଅବସରରେ ନିଜ ଜମାତ୍‌କୁ ଉପଦେଶ ଦେଇ କହିଛନ୍ତି ଓ ଜମାତ୍‌ଠାରୁ ଏ ଆଶା ରଖିଛନ୍ତି କି ସେ ଏହି ଉପଦେଶାବଳୀ ମୁତାବକ ନିଜ ଜୀବନକୁ ପରିଚାଳିତ କରୁ ଏବଂ ସେ ବହୁତ ଦରଦ ସହିତ ଜମାତ୍‌କୁ ତା ଉପରେ ଅମଲ କରିବା ପାଇଁ ଉପଦେଶ ଦେଇଛନ୍ତି ଯଦ୍ୱାରା ତାହା ସର୍ବଦା ଅଲ୍ଲାଃତାଲାଙ୍କ ଫଜଲ୍‌କୁ ହାସଲ କରିବାବାଲା ହେଉ ଏବଂ ଦୁଃଖ ଓ ବିପତିରୁ ବଂଚିଯାଉ । ଏହି ଅସୁବିଧା ଓ ବିପତିରୁ ବଂଚିଯାଉ ଯାହା ଅଲ୍ଲାଃତାଲାଙ୍କୁ ନାରାଜ କରିବା ଯୋଗୁ ଆସିଛି । ବାସ୍ତବିକ ଅହେମଦୀ ହୁଅନ୍ତୁ ଓ ବୟତ୍ କରିବାର ହକ୍‌କୁ ପ୍ରଦାନକାରୀ ହୁଅନ୍ତୁ ତକ୍‌ଓ୍ୱା ଉପରେ ପରଚାଳିତ ହୁଅନ୍ତୁ । ଅଲ୍ଲାଃତାଲା ଓ ତାର ଭକ୍ତମାନଙ୍କ ଅଧିକାରକୁ ପ୍ରଦାନ କରନ୍ତୁ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ନିଜ ଅନୁଗାମୀ ମାନଙ୍କଠାରେ ତକ୍‌ଓ୍ୱା (ସତ୍ୟନିଷ୍ଠା) ଜନ୍ମାଇବା ପାଇଁ କେତେ ଦରଦ ରଖିଥିଲେ, ଯଦ୍ୱାରା ତାଙ୍କୁ ଅଲ୍ଲାଃତାଲାଙ୍କ ନାରାଜ ହେବାରୁ ବଂଚାଇପାରିବେ ଓ ସଚ୍ଚା ମୋମିନ୍ ତିଆରି କରିପାବେ । ଏକଥାର ଅନୁମାନ୍ ଆପଣଙ୍କର ଏହି ଉପଦେଶାବଳୀରୁ କରାଯାଇପାରେ ।

ଆପଣ ଆ:ସ କହୁଛନ୍ତି– କାଲି ଅର୍ଥାତ୍ ୨୨ ଜୁନ୍ ୧୯୮୮ରେ ବହୁତ ଥର ଖୁଦାଙ୍କ ତରଫରୁ ସ୍ୱର୍ଗବାଣୀ ହେଲା କି ତୁମେମାନେ ମୁତ୍‌ତକି (ଧର୍ମପରାୟଣ) ହୋଇଯାଅ ଓ ତକ୍‌ଓ୍ୱାର ସୂକ୍ଷ୍ମ ମାର୍ଗ ଉପରେ ପରିଚାଳିତ ହୁଅ । ଫଳଃ ଖୁଦା ତୁମ ସହିତ ରହିବେ । ପୁଣି କହୁଛନ୍ତି ଏହାଦ୍ୱାରା ମୋ ହୃଦୟରେ ବହୁତ ପୀଡା ସୃଷ୍ଟି ହେଉଛି କି ମୁଁ କଣ କଲେ ଆମ ଜମାତ୍ ସଚ୍ଚା ତକ୍‌ଓ୍ୱା ଏବଂ ତାହାରତ୍ (ଧର୍ମପରାୟଣ ଓ ପବିତ୍ରତା) ଗ୍ରହଣ କରିବେ । ଏବଂ ପୁଣି କହୁଛନ୍ତି କି ମୁଁ ଏତେ ଦୁଆ କରୁଛି ଯେ ଦୁଆ କରିକରି ଦୁର୍ବଳ ହୋଇଯାଉଛି ଓ କେତେକ ସମୟରେ ବେହୋସ୍ ହୋଇ ଶେଷ ହୋଇଯିବାର ସମୟ ପହଂଚିଯାଉଛି । ପୁଣି କହୁଛନ୍ତି କି ଯେପର୍ଯ୍ୟନ୍ତ କୌଣସି ଜମାତ୍ ଖୁଦାତାଲାଙ୍କ ଦୃଷ୍ଟିରେ ମୁତ୍‌ତକି ହୋଇନଯାଇଛି ସେପର୍ଯ୍ୟନ୍ତ ଖୁଦାତାଲାଙ୍କ ସାହାଯ୍ୟ ସହଯୋଗ ତାକୁ ମିଳିପାରିବ ନାହିଁ । ପୁଣି କହୁଛନ୍ତି ସମସ୍ତ ପବିତ୍ର ଐଶ୍ୱରିକ ପୁସ୍ତକ, ତୌରିୟତ୍ ଏବଂ ଇଞ୍ଜିଲ୍ ଶିକ୍ଷା ଗୁଡିକର ସାରାଂଶ ହେଉଛି ତକ୍‌ଓ୍ୱା । ପବିତ୍ର କୋରାନ୍ ଗୋଟିଏ ଶବ୍ଦରେ ଅଲ୍ଲାଃତାଲାଙ୍କର ଏହି ମହାନ୍ ସଦିଚ୍ଛା ଓ ପୂର୍ଣ୍ଣ ପ୍ରସନ୍ନତାକୁ ପ୍ରକାଶ କରିଛି । ପୁଣି କହୁଛନ୍ତି :– ମୁଁ ଏ ଚିନ୍ତାରେ ମଧ୍ୟ ରହିଛି ଯେ ନିଜ ଜମାତ୍‌ରୁ ସଚ୍ଚା ମୁତତ୍‌କି, ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେଉଥିବା ଲୋକେ ଓ ଅଲ୍ଲାଃତାଲାଙ୍କ ମାର୍ଗରେ ମଜ୍ଜି ରହୁଥିବା ଲୋକମାନଙ୍କୁ ଅଲଗା କରିଦେବି ଓ କିଛି ଧର୍ମକାର୍ଯ୍ୟ ତାଙ୍କୁ ନ୍ୟସ୍ତ କରିବି ଏବଂ ପୁଣି ମୁଁ ଏ ସଂସାରର ଭୋଗ ବିଳାସରେ ବୁଡି ରହିଥିବା ଲୋକମାନଙ୍କର ଏବଂ ଦିନରାତି ଏହି ମୃତ ସଂସାରକୁ ପାଇବାର ଇଛାରେ ଜୀବନ ଶେଷ କରିଦେଉଥିବା ଲୋକମାନଙ୍କର କିଛି ମଧ୍ୟ ପରବାୟ କରିବି ନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ– ସୁତରାଂ ଉକ୍ତ ପୀଡାକୁ ଆମେ ବୁଝିବା ଉଚିତ୍ । ଆପଣ ଆ:ସଙ୍କ ଦୁଆର ଉତରାଧିକାରୀ ଯଦି ହେବାକୁ ଚାହୁଁଛ ତେବେ ତାକୁ ବୁଝିବା ବିନା ଏବଂ ଆପଣ ଆ:ସଙ୍କ ଇଛା ମୁତାବକ ଜୀବନ ବିତାଇବା ବିନା ହୋଇପାରିବ ନାହିଁ । ସୁତରାଂ ପ୍ରତ୍ୟେକ ଅହେମଦୀ ଏହି ପୀଡାକୁ ସଦାସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ପୁଣି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ମୁତ୍ତକିଙ୍କ ଲକ୍ଷଣ ସମ୍ବନ୍ଧରେ ଆପଣ ଆ:ସ କହୁଛନ୍ତି କି ଜଣେ ମୁତ୍ତକିର କଣ ଲକ୍ଷଣ ହେବା ଉଚିତ୍:- ସର୍ବଦା ମନେ ରଖିବାକୁ ହେବ ଯେ ଆମେ ତକ୍‌ୱା ଓ୍ୱ ତାହାରତ୍ (ଧର୍ମପରାୟଣ ଓ ପବିତ୍ରତା) ରେ କେତେ ମାତ୍ରାରେ ଉନ୍ନତି କରିଛେ । ଏହାର ମାପ ହେଉଛି ପବିତ୍ର କୁର୍‌ଆନ୍ । ଅଲ୍ଲାଃତାଲା ମୁତ୍ତକିଙ୍କର ଯେଉଁ ଚିହ୍ନ ଅଛି ସେହି ଚିହ୍ନ ମଧ୍ୟରୁ ଗୋଟିଏ ଚିହ୍ନ ଏହା ବତାଇଛନ୍ତି କି ଅଲ୍ଲାଃତାଲା ମୁତ୍ତକିମାନଙ୍କୁ ସଂସାରର ମାୟାମୋହରୁ ମୁକ୍ତ କରାଇ ତା କାର୍ଯ୍ୟଗୁଡିକର ନିଜେ ହିଁ ଜିମା ନେଇଥାଏ ଯେପରିକି ଅଲ୍ଲାଃତାଲା କହୁଛନ୍ତି:- *ଓ୍ୱ ମଇ ଯତ୍ତକିଲ୍ଲାଃ ଯଜ୍‌ଅଲ୍ଲହୁ ମଖରଜା ଓ୍ୱ ଯର୍‌ଜୁକୁହୁ ମିନ୍ ହେିସୁ ଲା ଯହ୍‌ତସିର୍* ଅର୍ଥାତ୍ ଯେଉଁବ୍ୟକ୍ତି ଖୁଦାତାଲାଙ୍କୁ ଭୟ କରେ ଅଲ୍ଲାଃତାଲା ତାର ପ୍ରତ୍ୟେକ ବିପତି ସମୟରେ ତାକୁ ଉଦ୍ଧାର କରିଥାନ୍ତି । ଏହା ହେଉଛି ବ୍ୟାକରଣଗତ ଅନୁବାଦ । ଏହା ସହିତ ତାକୁ ବ୍ୟାଖ୍ୟା କରି କହୁଛନ୍ତି କି ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କୁ ଭୟ କରିଥାଏ ତାକୁ ପ୍ରତ୍ୟେକ ବିପଦ ଆପଦ ସମୟରେ ସାହା ହୋଇଥାଏ ଓ ତା'ପାଇଁ ଏପରି ରୋଜଗାରର ସାମାନ୍ ସୃଷ୍ଟି କରିଦିଏ ଯେ ତା' ବିଷୟରେ ତା'ର କୌଣସି ଜ୍ଞାନ ମଧ୍ୟ ନଥିବ ଅର୍ଥାତ୍ ଏହା ମଧ୍ୟ ଗୋଟିଏ ଲକ୍ଷଣ ହେଉଛି ମୁତ୍ତକିର କି ଅଲ୍ଲାଃତାଲା ମୁତ୍ତକିକୁ ଆବଶ୍ୟକ ବସ୍ତୁଗୁଡିକର ଅଭାବ ରଖେନାହିଁ । ବିନା କାରଣରେ ସାଂସାରିକ ଇଛା ତା ହୃଦୟରେ ସୃଷ୍ଟି ହୁଏନାହିଁ । ଉଦାହରଣ ସ୍ୱରୂପ ଯେତେବେଳେ ଗୋଟିଏ ଦୋକାନୀ ଏକଥା ଭାବିଥାଏ କି ମିଛ ବ୍ୟତୀତ ତାର କାମ ଚାଲିବ ନାହିଁ ବୋଲି ତେଣୁ ସେ ମିଛ କରିବାରୁ ନିବୃତ ହୁଏନାହିଁ ଓ ମିଛି କହିବା ପାଇଁ ସେ ଗୋଟିଏ ବିବଶତା ବୋଲି ପ୍ରକାଶ କରିଥାଏ କିନ୍ତୁ ଏକଥା ବିଲ୍‌କୁଲ୍ ସତ ନୁହେଁ । ଖୁଦାତାଲା ମୁତ୍ତକିଙ୍କର ନିଜେ ହିଁ ସୁରକ୍ଷା କରିଥାନ୍ତି ଓ ତାଙ୍କୁ ଏପରି ସ୍ଥାନରୁ ବଂଚାଇଥାଆନ୍ତି ଯାହା ତାକୁ ମିଥ୍ୟା କହିବା ପାଇଁ ବିବଶ ହେବାକୁ ପଡ଼ିଥାଏ'' । ଅର୍ଥାତ୍ ଯେଉଁଠି ସତକଥା କହିବାକୁ ରୋକାଯାଇଥାଏ, ଯିଏ ସତ କହିବାରୁ ରୋକିଥାଏ, ଅଲ୍ଲାଃତାଲା ସେମାନଙ୍କଠାରୁ ମୁତ୍ତକିଙ୍କୁ ସୁରକ୍ଷା ଦେଇଥାଏ । ପୁଣି କହୁଛନ୍ତି କି ''ମନେରଖ ଯେବେ କେହି ଅଲ୍ଲାଃତାଲାଙ୍କୁ ଛାଡିଥାଏ ତେବେ ଖୁଦା ତାକୁ ଛାଡିଦିଏ ଏବଂ ଯେବେ ରହ୍‌ମାନ୍ ଖୁଦା ଛାଡିଦିଏ ତେବେ ନିଶ୍ଚିତ ରୂପେ ସଇତାନ୍ (ତା ସହିତ ନିଜର ବନ୍ଧୁ ଯୋଡିଦେବ) କହୁଛନ୍ତି- ''ଏକଥା ଭାବନାହିଁ କି ଅଲ୍ଲାଃତାଲା ହେଉଛନ୍ତି ଦୁର୍ବଳ ବୋଲି । ସେ ବହୁତ ଶକ୍ତିଶାଳୀ ଅଟନ୍ତି । ଯେବେ ତା ଉପରେ କୌଣସି କଥାରେ ଭରଷା ରଖିବ ତେବେ ସେ ନିଶ୍ଚିତ ରୂପେ ତୁମକୁ ସାହାଯ୍ୟ କରିବ । *ଓ୍ୱ ମଇଁ ଯତଓ୍ୱକ୍କଲ୍ ଅଲଲ୍ଲାହି ଫହୁଓ୍ୱ ହସ୍‌ବୁହୁ''* । ଏହି ଆୟତର ଅର୍ଥ ହେଉଛି ଏହା କି ଯେଉଁମାନେ ଅଲ୍ଲାଃତାଲାଙ୍କ ଉପରେ ଭରଷା କରିଥାନ୍ତି ସେ ସେମାନଙ୍କ ପାଇଁ ଯଥେଷ୍ଟ ହୋଇଯାଆନ୍ତି । ପୁଣି କହୁଛନ୍ତି- ''ଯେଉଁମାନେ ତା'ର ପ୍ରଥମ ସମ୍ବୋଧନ ଥିଲେ ସେମାନେ ଅହ୍‌ଲେ ଦୀନ୍ (ଧାର୍ମିକ) ଥିଲେ । ତାଙ୍କର ସମସ୍ତ ଚିନ୍ତା ଧର୍ମପାଇଁ ଥିଲା ଏବଂ ସାଂସାରିକ ସମସ୍ତ ମାମଲା ଖୁଦାଙ୍କ ଉପରେ ଛାଡିଦେଇଥିଲେ । ସେଇଥିପାଇଁ ଅଲ୍ଲାଃତାଲା ତାଙ୍କୁ ଶାନ୍ତ୍ୱନା ଦେଲେ କି ମୁଁ ତୁମ ସହିତ ଅଛି । ସୁତରାଂ ତକ୍‌ୱାର ବରକାତ୍ ମଧ୍ୟରୁ ଗୋଟିଏ ହେଉଛ ଏହା କି ଅଲ୍ଲାଃତାଲା ମୁତ୍ତକିକୁ ସେହିସବୁ ଦୁଃଖ, କଷ୍ଟ, ବିପଦ ଓ ଆପଦରୁ ମୁକ୍ତି ପ୍ରଦାନ କରିଥାଏ ଯାହା ଧର୍ମ ମାମଲାରେ ପ୍ରତିରୋଧକ ହୋଇଥାଏ । ସୁତରାଂ ଜଣେ ମୁତ୍ତକି ଅଲ୍ଲାଃତାଲାଙ୍କ ଉପରେ ଭରସା କରିଥାଏ ଏବଂ ଯଦି ନିଜ କାମ ପାଇଁ ନିଜର ଚାଲାଖି ଓ ହୁସିଆରି ଉପରେ ସେ ଅଧିକ ଭରଷା ରଖେ ତେବେ ପୁଣି ତା'ଠାରେ ତକ୍‌ୱା ନାହିଁ ବୋଲି କୁହାଯାଇପାରେ ।

ପୁଣି ଏକଥାକୁ ସ୍ୱଷ୍ଟ କରି ଆପଣ ଆ:ସ କହୁଛନ୍ତି କି ''ଅଲ୍ଲାଃତାଲା ମୁତ୍ତକିକୁ ଭଲପାଏ । ଖୁଦାତାଲାଙ୍କ ମହିମାକୁ ମନେପକାଇ ନିଶ୍ଚିତ ରୁହ । ଅଲ୍ଲାଃତାଲା ବଡ ମହାନ୍ ଅସ୍ତିତ୍ୱ ତାକୁ ସର୍ବଦା ମନେରଖ ଓ ତାକୁ ଭୟ କର'' । ତୁମ ହୃଦୟରେ ଭୟ ରହିବା ଉଚିତ୍ । ଏଇଥିପାଇଁ ଭୟ ରଖିବାକୁ ବତାଇଦେଲା କି ଅଲ୍ଲାଃତାଲା ହେଉଛନ୍ତି ପ୍ରେମ କରିବାବାଲା । ତେଣୁ ଯେଉଁମାନେ ମୁତ୍ତକି ସେମାନେ ସବୁଠାରୁ ଅଧିକା ଅଲ୍ଲାଃତାଲାଙ୍କ ମହାନତାକୁ ମନେପକାଏ ଏବଂ ଏ ଭୟ ରଖିଥାଏ କି କାଳେ ଅଲ୍ଲାଃତାଲା ମୋଠାରୁ ନାରାଜ ନହୋଇଯାଏ । ପୁଣି କହୁଛନ୍ତି ଏବଂ ମନେରଖ କି ସମସ୍ତେ ହେଉଛନ୍ତି ଅଲ୍ଲାଃତାଲାଙ୍କର ଭକ୍ତ (ତେଣୁ) କାହା ଉପରେ ଅତ୍ୟାଚାର କରନାହିଁ ନା ଶିଘ୍ର କର ନା କାହାକୁ ନିଛ ଦୃଷ୍ଟିରେ ଦେଖ । ଜମାତ୍ ଯଦି କୌଣସି ଏକ ବ୍ୟକ୍ତି ମଇଳା ହୋଇଯାଏ ତେବେ ସେ ସମସ୍ତଙ୍କୁ ମଇଳା କରିଦିଏ । ଯଦି ଉସ୍ମତା ପ୍ରତି ତୁମର ପ୍ରକୃତି ଚାହୁଁଅଛି ତେବେ ତୁମେ ତୁମର ମନକୁ ନିରୀକ୍ଷଣ କର କି ଏହି ଉସ୍ମତା କେଉଁ ସ୍ରୋତରୁ ବାହାରିଛି । ଏହା ବହୁତ ସୂକ୍ଷ୍ମତାର ସ୍ଥାନ ଅଟେ'' ।

ପୁଣି ଆପଣ ଆ:ସ ଏକଥାକୁ ବର୍ଣ୍ଣନା କରି ଅର୍ଥାତ୍ ମନୁଷ୍ୟର ପ୍ରତ୍ୟେକ କାର୍ଯ୍ୟ ଖୁଦାତାଲାଙ୍କ ଇଛା ମୁତାବକ ହେବା ଉଚିତ୍ କାରଣ ଏହା ହିଁ ପ୍ରକୃତ ପୁଣ୍ୟ ଓ ତକ୍‌ୱା କିନ୍ତୁ କେବେ ମଣିଷର ପ୍ରତ୍ୟେକ କାର୍ଯ୍ୟ ଖୁଦାଙ୍କ ଇଛା ମୁତାବକ ହୋଇଥାଏ । ପୁଣି କହୁଛନ୍ତି କି:- ''କଥା ହେଉଛି ଏପରି କି ଯେତେବେଳେ ମଣିଷ ନିଜ (ଇଛା ଓ ଅଭିଳାସ) ମନଭାବରୁ ପବିତ୍ର ହୋଇଥାଏ ଏବଂ କାମନାକୁ ପରିତ୍ୟାଗ କରି ଖୁଦାଙ୍କ ଇଛା ମୁତାବକ ପରିଚାଳିତ ହୋଇଥାଏ (ଓ) ତାର କୌଣସି କାର୍ଯ୍ୟ ଅବୈଧ ହୋଇନଥାଏ ବରଂ ପ୍ରତ୍ୟେକ କାର୍ଯ୍ୟ ଖୁଦାଙ୍କ ଇଛା ମୁତବକ ହୋଇଥାଏ'' ।

ହୁଜର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଅର୍ଥାତ୍- (ସାଂସାରିକ) ମନୋଭାବରୁ ପବିତ୍ର ହେବା, କାମନାକୁ ପରିତ୍ୟାଗ କରି ଖୁଦାଙ୍କ ଇଛା ମୁତାବକ ଚାଲିବା ଏବଂ ଖୁଦାଙ୍କର ଇଛା କଣ, ତାହା ଯାହା ବିଷୟରେ ପୂର୍ବରୁ ଚର୍ଚ୍ଚା କରାଗଲା ଅର୍ଥାତ୍ କୋରାନ୍‌କୁ ଦେଖ (ଓ) କେରାନ୍ ମୁତାବକ ପରିଚାଳିତ ହୁଅ । ଅଲ୍ଲାଃତାଲା ପବିତ୍ର କୋରାନ୍‌ରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି (ଅର୍ଥାତ୍) କରିବା ପାଇଁ ଓ ନକରିବା ପାଇଁ, ସେଗୁଡିକୁ ଦେଖ ଓ ତା'ଉପରେ ଅମଳ କର । କହୁଛନ୍ତି - ''ଯେଉଁଠି ଲୋକମାନେ ବିପତିରେ ପଡ଼ିଥାନ୍ତି, ସେଠାରେ ସେ କାର୍ଯ୍ୟ ଖୁଦାତାଲାଙ୍କ ଇଛା ମୁତାବକ ହୋଇନଥାଏ । ଏକତା ସର୍ବଦା ଘଟୁଛି । ଖୁଦାତାଲାଙ୍କ ପ୍ରସନ୍ନତା ବିରୋଧରେ ଯାଇଥାଏ । ଏପରି ବ୍ୟକ୍ତି ନିଜ ଭାବନାରେ ବହିଯାଏ । ଉଦାହରଣ ସ୍ୱରୂପ କ୍ରୋଧିତ ହୋଇ ଏପରି କୌଣସି କାର୍ଯ୍ୟ ତା'ଦ୍ୱାରା ହୋଇଯାଏ ଯଦ୍ୱାରା ମୋକଦ୍ଦମା ଆରମ୍ଭ ହୋଇଯାଏ । ଫୌଜଦାରୀ କେସ୍ ହୋଇଯାଏ କିନ୍ତୁ ଯଦି କାହାର ଏ ଇଛା ଥିବ କି ସେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀଗୁଡିକ ବିନା ଦେଖି କୌଣସି କାର୍ଯ୍ୟ କରିବ ନାହିଁ ଓ ନିଜର ପ୍ରତ୍ୟେକ କଥା ଉପରେ ସେ ପବିତ୍ର କୋରାନ୍‌ରୁ ମାର୍ଗଦର୍ଶନ ଚାହିଁବ ତେବେ ନିଶ୍ଚିତ କଥା ହେଉଛି ଏହା କି ଅଲ୍ଲାଃଙ୍କ ପୁସ୍ତକ ଏ ଉପଦେଶ ଦେବ ଯେପରି କି ଅଲ୍ଲାଃ କହୁଛନ୍ତି:- *ଓ୍ୱ ଲା ରତବିନ୍ ଓ୍ୱ ଲା ଯାବିସିନ୍ ଇଲ୍ଲା ଫି କିତାବିମ୍ ମୁବିନ୍* ଅର୍ଥାତ୍ ଏପରି କୌଣସି ଆଦ୍ର ଓ ଶୁଷ୍କ ଜିନିଷ ନାହିଁ ଯାହାର ଚର୍ଚ୍ଚା ଏହି ଉଜ୍ଜଳମୟ ପୁସ୍ତକରେ ଉଲ୍ଲେଖ ହୋଇନାହିଁ । କୌଣସି ମଣିଷର ଜୀବନରେ ଏପରି ଅବସର ଆସେନାହିଁ ବା ଆସିବ ହିଁ ନାହିଁ ବା ତା'ର ଆସିବା ସମ୍ଭବପର ହିଁ ନୁହେଁ ବା ଏପରି କଥା ଯାହାର ନିର୍ଦ୍ଦେଶ ଅଲ୍ଲାଃତାଲା ଅର୍ଥାତ୍ ତାକୁ କରିବାର ଓ ନ କରିବାର ନିର୍ଦ୍ଦେଶ ପବିତ୍ର କୋରାନ୍‌ରେ ନ ଦେଇଥିବେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସୁତରାଂ ପବିତ୍ର କୋରାନ୍‌ରେ ପ୍ରତ୍ୟେକ ମୋମିନ୍ ପାଇଁ ମାର୍ଗଦର୍ଶନ ରହିଛି । କହୁଛନ୍ତି- ''ଯଦି ଆମେ ଅଲ୍ଲାଃଙ୍କ ପୁସ୍ତକରୁ ପରାମର୍ଶ ନେବାପାଇଁ ମନସ୍ଥ କରିନେବା ତେବେ ନିଶ୍ଚିତ ରୂପେ ଆମକୁ ସେଥିରୁ ପରାମର୍ଶ ମିଳିବ କିନ୍ତୁ ଯିଏ ନିଜ ଭାବନା ଅନ୍ତର୍ଗତ ନିଜ ଇଛାରେ ରହିବ ସେ ନିଶ୍ଚିତ ରୂପେ କ୍ଷତିରେ ପଡ଼ିବ । ବେଳେବେଳେ ସେ ଏହାଦ୍ୱାରା ଦଣ୍ଡିତ ହେବ । ସୁତରାଂ ଆ ମୁକାବିଲାରେ ଅଲ୍ଲାଃତାଲା କହୁଛନ୍ତି କି ଓ୍ୱଲି ଯିଏ ମୋ ସହିତ ଚାଲିବା ବୁଲିବା ସମୟରେ କାମ କରୁଛନ୍ତି ଅର୍ଥାତ୍ ତା'ଠାରେ ମଗ୍ନ ରହିଛନ୍ତି । ସୁତରାଂ ଯେତେ ମାତ୍ରାରେ ଯିଏ ମଗ୍ନତାରେ କମ୍ ରହିଛି ସେ ଖୁଦାଙ୍କଠାରୁ ସେତେ ମାତ୍ରାରେ ଦୂରେଇ ରହିଛି କିନ୍ତୁ ଯଦି ତା'ର ମଗ୍ନତା ସେପରି ଅଛି ଯେପରି ଖୁଦାତାଲା କହିଛନ୍ତି ତେବେ ତା ଇମାନ୍‌କୁ ଆକଳନ କରାଯାଇପାରିବ ନାହିଁ । ଅଲ୍ଲାଃତାଲା ତାଙ୍କ ସପକ୍ଷରେ କହୁଛନ୍ତି- *ଓ୍ୱମନ୍ ଆଦା ଲି ଓ୍ୱଲିୟନ୍ ଫକଦ୍ ଆଜନ୍‌ତହୁ ବିଲ୍‌ହର୍‌ବେ* ଅର୍ଥାତ୍ ଯେଉଁ ବ୍ୟକ୍ତି ମୋ ଓ୍ୱଲି (ବନ୍ଧୁ)ଙ୍କ ସହିତ ମୁକାବିଲା କରୁଛି ସେ ମୋ ସହିତ ମୁକାବିଲା କରୁଛ'' । ଏହା ଗୋଟିଏ ହଦିସ୍ । ଏବେ ଦେଖିନିଅ କି ମୁତ୍ତକିଙ୍କ ମହିମା କେତେ ଉଚ୍ଚରେ ଓ ତାର ସମ୍ମାନ କେତେ ବଡ କି ଯାହାର ସମୀପ ଖୁଦାଙ୍କ ନିକଟରେ ଏପରି ରହିଛି କି ତାକୁ ଅସୁବିଧାରେ ପକାଇବା ଅର୍ଥ ଖୁଦାଙ୍କୁ ଅସୁବିଧାରେ ପକାଇବା । ତେବେ ଖୁଦା ତା'ର କିପ୍ରକାର ସାହାଯ୍ୟକାରୀ ଥିବେ । ସୁତରାଂ ବିପଦ ଆପଦ ଓ କଠିନତାରୁ ବଂଚିବା ପାଇଁ ମଣିଷ ପାଇଁ ଆଉ କୌଣସି ରାସ୍ତା ନାହିଁ । କେବଳ ଗୋଟିଏ ରାସ୍ତା ରହିଛି ତାହା ହେଉଛି ଖୁଦାତାଲାଙ୍କ ଆଡକୁ ଢ଼ଳିବା ଏବଂ ଖୁଦାତାଲାଙ୍କୁ ନିଜର ସାହାଯ୍ୟକାରୀ ରୂପେ ବନାଇବା । ବର୍ତମାନ ଯେଉଁ ପରିସ୍ଥିତି ଲାଗି ରହିଛି ଅର୍ଥାତ୍ ଯୁଦ୍ଧ ହେବାର ବିପଦ ମାଡି ଆସୁଛି, ତେଣୁ ଲୋକମାନେ ପଚାରୁଛନ୍ତି କି ଏଥିରୁ କିପରି ବଂଚାଯାଇପାରିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଗୋଟିଏ ପଦରେ ଏକଥାକୁ ସ୍ୱଷ୍ଟ କରିଦେଇଛନ୍ତି ।

*ଆଗ୍ ହେି ପର୍ ଆଗ୍ ସେ ଓ୍ୱହ୍*
*ସବ୍ ବଚାଏ ଯାଏଙ୍ଗେ*
*ଯୋ କେ ରଖ୍‌ତେ ହେଁ ଖୁଦାଏ*
*ଜୁଲ୍ ଅଜାଇବ୍ ସେ ପ୍ୟାର୍*

(କ୍ରମଶଃ...)

*(ବହ୍‌ଓ୍ୱାଲା ଅଖ୍‌ବାର୍ ବଦର୍ ୧୫,୨୨ ନଭେମ୍ବର୍ ୨୦୧୮)*

⌘⌘⌘⌘⌘⌘⌘⌘⌘⌘

## ତେହ୍‌ରିକ୍ ଯଦିଦ୍‌ର ନୂତନ ବର୍ଷର ବାବର୍‌କତ୍ ଘୋଷଣା

ଏହା ବହୁତ ଖୁସିର କଥା କି ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅଙ୍କ ଦ୍ୱାରା ଜାରି ହୋଇଥିବା କ୍ରାନ୍ତିକାରୀ ତେହ୍‌ରିକ୍ ''ତେହ୍‌ରିକ୍ ଯଦିଦ୍'' ୩୧ ଅକ୍ଟୋବର୍‌କୁ ଇସ୍‌ଲାମ୍‌ର ବିଜୟ ପଥରେ ସଫଳତାର ସହିତ ତା ଯାତ୍ରା ଜୀବନର ୮୪ତମ ବର୍ଷ ସମ୍ପୂର୍ଣ୍ଣ କରି ପହିଲା ନଭେମ୍ବର୍‌ରୁ ୮୫ତମ ବର୍ଷରେ ପାଦ ଥାପିସାରିଛି ଯାହାର ବାବର୍‌କତ୍ ଘୋଷଣା ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଅ:ବ:ଅ ୯ ନଭେମ୍ବର୍ ୨୦୧୮ରେ ମସ୍‌ଜିଦ୍ ବଇତୁଲ୍ ଫତୁହ୍ ଲଣ୍ଡନ୍‌ଠାରେ ଏ ସମ୍ବନ୍ଧରେ ଜ୍ଞାନବର୍ଦ୍ଧକ ଖୁତ୍‌ବାଜୁମା ପ୍ରଦାନ କରିସାରିଛନ୍ତି । ଭାରତରେ ଆର୍ଥିକ ଅବସ୍ଥା ସନ୍ତୋଷଜନକ ନଥିବା ଏବଂ କେରଳ ପ୍ରଦେଶରେ ଆସିଥିବା ଭୟଙ୍କର ବନ୍ୟା ସତ୍ୱେ ମଧ୍ୟ ଜମାତ୍ ଅହେମଦୀୟା ଭାରତର ନିଷ୍ଠାବାନ୍ ଜମାତ୍ ଗୁଡିକ ବିଗତ ବର୍ଷରେ କରିଥିବା ନିଜର ବୈଭବପୂର୍ଣ୍ଣ ବଳିଦାନକୁ କାଏମ୍ ରଖି ପ୍ରିୟ ଆକାଙ୍କ ଦ୍ୱାରା ପ୍ରଦତ ଟାର୍ଗେଟ୍‌ର ମୁକାବିଲାରେ ଅଧିକ ଉସୁଲି ପେଶ୍ କରିବା ପାଇଁ ସୌଭାଗ୍ୟ ପାଇଛନ୍ତି । ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ଆନ୍ତର୍ଜାତୀୟ ତୁଳନାତ୍ମକ କୁର୍ବାନୀରେ ଜମାତ୍ ଅହେମଦୀୟା ଭାରତକୁ ପଂଚମ ସ୍ଥାନ ବଜାୟ ରଖିବା ପାଇଁ ସୌଭାଗ୍ୟ ମିଳିଛି । ଅଲ୍‌ହମ୍‌ଦୋଲିଲ୍ଲାଃ ।

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ତରଫରୁ ନୂତନ ବର୍ଷ ପାଇଁ ମିଳିଥିବା ନୁଆ ଟାର୍ଗେଟ୍‌କୁ ପୁରଣ କରିବା ପାଇଁ ଏବର୍ଷ ତେହ୍‌ରିକ୍ ଯଦିଦ୍‌ର ପ୍ରତ୍ୟେକ ମୁଜାହିଦ୍ ବିଗତ ବର୍ଷର ପ୍ରତିଶୃତି ଅପେକ୍ଷା ଅତି କମ୍‌ରେ ୧୦% ବଢ଼ାଇବା ଉଚିତ୍ । ନିଷ୍ଠାପର ଜମାତ୍ ଅହେମଦୀୟା ଭାରତ ଯେଉଁ ମୋମିନ୍ ଆତ୍ମା ସହିତ ପଛବର୍ଷ ପ୍ରିୟ ଆକାଙ୍କ ଦ୍ୱାରା ପ୍ରଦତ ଟାର୍ଗେଟ୍‌କୁ ସହୃଦୟତାର ସହିତ ପୂରଣ କରିବା ପାଇଁ ଶକ୍ତି ପାଇଛନ୍ତି, ଏଥିରେ ଦୃଢ଼ ବିଶ୍ୱାସ ଅଛି କି ଏବର୍ଷ ମଧ୍ୟ ନିଜର ସୌନ୍ଦର୍ଯ୍ୟପୂର୍ଣ୍ଣ ଏହି ଜମାତି ପ୍ରଥାକୁ କାଏମ୍ ରଖି ସେହିପରି ମନୋଭାବ, ନିଷ୍ଠା ଓ ବଳିଦାନ ସହିତ ପୁନର୍ବାର ଖଲିଫାଙ୍କ ଠାରୁ ମିଳିଥିବା ଟାର୍ଗେଟ୍‌କୁ ମଧ୍ୟ ପୂର୍ବଭଳି ହଜୁର୍ ଅନୁଓ୍ୱର୍‌ଙ୍କ ଆଶାଠାରୁ ଅଧିକା ପୁରଣ କରିବା ପାଇଁ ଭରପୁର୍ ଚେଷ୍ଟା କରିବେ । ଅଲ୍ଲାଃତାଲା ସମସ୍ତ ନିଷ୍ଠାବାନ୍ ଜମାତ୍ ଗୁଡିକୁ ଉକ୍ତ ଟାର୍ଗେଟ୍‌କୁ ସମୟ ପୂର୍ବରୁ ଅଧିକରୁ ଅଧିକ ପେଶ୍ କରିବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ ଏବଂ ସେମାନଙ୍କୁ ଇହକାଳ ଓ ପରକାଳରେ ସଫଳତା ପ୍ରଦାନ କରନ୍ତୁ । ଆମିନ୍ ।

(ଓ୍ୱକିଲୁଲ୍ ମାଲ୍, ତେହ୍‌ରିକ୍ ଯଦିଦ୍, କାଦିଆନ୍)

## ଚାନ୍ଦା ଜଲ୍‌ସାସାଲାନା

ଜଲ୍‌ସା ସାଲାନା କାଦିଆନ୍ ୨୦୧୮ ଆଉ ଅଳ୍ପଦିନ ବାକି ରହିଛି । ଏ ସିଲ୍‌ସିଲାରେ ଯେଉଁ ଅତିଥିମାନେ କାଦିଆନ୍ ଆସୁଛନ୍ତି ସେ ସମସ୍ତେ ହେଉଛନ୍ତି ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥି । ସେମାନଙ୍କର ଯଥା ସମ୍ଭବ ଅତିଥି ସତ୍କାର ଜମାତ୍‌କୁ କରିବାକୁ ହୁଏ । ସେଥିଯୋଗୁ ସମସ୍ତ ଜମାତ୍ ଏହି ପୁଣ୍ୟ କାର୍ଯ୍ୟରେ ଭାଗ ନିଅନ୍ତୁ ।

ଯେପରି ଜମାତ୍‌ର ସଦସ୍ୟମାନେ ଜାଣିଛନ୍ତି କି ଚାନ୍ଦା ଜଲ୍‌ସା ସାଲାନା ହେଉଛି ଲାଜ୍‌ମି ଚାନ୍ଦା (ଅର୍ଥାତ୍ ଧାର୍ଯ୍ୟ ଚାନ୍ଦା) । କିନ୍ତୁ ବେଳେବେଳେ ନିୟମିତ ଚାନ୍ଦା ପଇଠ କରୁଥିବା ଲୋକମାନଙ୍କ ଠାରୁ ମଧ୍ୟ ଏହି ଚାନ୍ଦା ରହିଯାଇଥାଏ । ସୁତରାଂ ଯେଉଁମାନେ ଏପର୍ଯ୍ୟନ୍ତ ଚଳିତ ବର୍ଷର ଚାନ୍ଦା ଜଲ୍‌ସା ସାଲାନା ପଇଠ କରିନାହାଁନ୍ତି, ସେମାନେ ଯଥାଶିଘ୍ର ସ୍ଥାନୀୟ ଜମାତ୍‌ର ସେକ୍ରେଟାରୀ ମାଲ୍‌ଙ୍କୁ ତାହା ପଇଠ କରିଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଏବଂ ଜମାତ୍‌ର ସଦସ୍ୟମାନଙ୍କ ଧନ ସମ୍ପତିରେ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ । (ନାଜିର୍ ବଇତୁଲ୍ ମାଲ୍ ଆମଦ କାଦିଆନ୍)

**EDITOR**
**Qamarul Haque Khan**
**Sub-Editor : Maqsood Ali Khan**
Mob : (+91) 9437128786
e-mail :odiabadar@gmail.com

**REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750**

*The Weekly Qadian* **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

**Postal Reg. No.GDP-40/2017-2019 Vol.3 Thursday 13 December 2018 Issue No.50**

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ସେପ୍ଟେମ୍ବର ୨୦୧୮)

### ୧୫ ସେପ୍ଟେମ୍ବର ୨୦୧୮ (ଶନିବାର) ଜଲ୍‌ସାସାଲାନା ବେଲ୍‌ଜିୟମ୍‌ର ଦ୍ୱିତୀୟ ଦିନର ବଳକା ରିପୋର୍ଟ୍

### (ହଜୁର୍ ଅନୁଓ୍ୱର୍‌ଙ୍କ ଅଭିଭାଷଣର ବଳକା ଅଂଶ)

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ:- ପୁଣି ଅମୀର୍ ସାହେବ୍ ଗାମ୍ବିୟା ଲେଖୁଛନ୍ତି କି ଏଠିକାର ନର୍ଥ୍ ବ୍ୟାଙ୍କ୍ ରିଜିଅନ୍‌ରେ ଗୋଟିଏ କସ୍‌ବା ଅଛି । ସେହି କସ୍‌ବାର ଜଣେ ମହିଳା ସିଷ୍ଟର୍ ତିଦା ଯିଏ ଜନ୍ମରୁ ଅହେମଦୀ ଏବଂ ଗୋଟିଏ ନିଷ୍ଠାବାନ୍ ଅହେମଦୀ ଘର ସହିତ ତାଙ୍କର ସମ୍ପର୍କ ରହିଛି । କିନ୍ତୁ ଭାଗ୍ୟର ଖେଳ ଏପରି ହେଲା କି ତାଙ୍କର ବିବାହ ଜଣେ ଗଏର୍ ଅହେମଦୀଙ୍କ ସହିତ ହୋଇଗଲା । ତାଙ୍କ ସ୍ୱାମୀଙ୍କର ଜଣେ କଟ୍ଟର ମୌଲବାଦୀ ଫ୍ୟାମିଲି ସହିତ ଥିଲା । ଆଫ୍ରିକୀୟ ଲୋକମାନେ ମଧ୍ୟ ବହୁତ କଟ୍ଟର ମୁସଲ୍‌ମାନ୍ ଓ ଚରମପନ୍ଥୀ ଅଟନ୍ତି ଏବଂ ମସ୍‌ଜିଦ୍‌ର ଇମାମ୍ ମଧ୍ୟ ତାଙ୍କ ସ୍ୱାମୀଙ୍କ କୁଟୁମ୍ବ ସହିତ ସମ୍ବନ୍ଧିତ ଥିଲା । ଏଥିରୁ ଅନୁମାନ ହେଉଛି କି ସେ ଜମାତ୍‌ର ମଧ୍ୟ ଭୀଷଣ ବିରୋଧି ଥିଲେ । ସେହି ମହିଳାଜଣକ ଏତେ ସବୁ କଥା ଥିବା ସତ୍ତ୍ୱେ ମଧ୍ୟ ତାର ଦୀନ୍‌କୁ ଲୁଚାଇଲେ ନାହିଁ ଓ ଖୋଲାଖୋଲି ରୂପେ ପ୍ରକାଶ କଲେ ଓ ସଦାସର୍ବଦା ଏହିପରି ଜମାତ୍‌ର ପ୍ରୋଗ୍ରାମ୍ ଗୁଡିକରେ ଯୋଗ ଦେଉଥିଲେ ଯେପରି ପୂର୍ବରୁ ଦିଅନ୍ତି । କିନ୍ତୁ ସ୍ୱାମୀ ବା ତାଙ୍କ ସ୍ୱାମୀଙ୍କ କୁଟୁମ୍ବର ଲୋକମାନଙ୍କ ପଛରେ ଅର୍ଥାତ୍ ନେତୃତ୍ୱରେ କେବେ ସେ ନମାଜ ପଢ଼ିନାହାଁନ୍ତି । ସେ ସେମାନଙ୍କୁ କହୁଥିଲେ- ମୁଁ ହେଉଛି ଅହେମଦୀ, ତେଣୁ ତୁମପଛରେ ନମାଜ ପଢ଼ିବି ନାହିଁ । ତେଣୁ ସେ ସେହି କୁଟୁମ୍ବ ଦ୍ୱାର ଅତ୍ୟାଚାରିତ ପ୍ରତାଡିତ ହେଉଥିବା ସତ୍ତ୍ୱେ ମଧ୍ୟ ନିଜ ଇମାନ୍‌କୁ ବ୍ରିକି କରିଦେଲେ ନାହିଁ ବରଂ ଦୃଢ଼ତାର ସହିତ ରହିଲେ । ନିଜ ପିଲାମାନଙ୍କୁ ମଧ୍ୟ ଜମାତ୍ ସହିତ ମଜ୍‌ବୁତ୍ ସମ୍ପର୍କ ସ୍ଥାପନ କରାଇଲେ । ତାଙ୍କର ପିଲାମାନେ ମଧ୍ୟ ନିୟମିତ ମିଶନ୍ ହାଉସ୍ ଆସି ତର୍‌ବିୟତି କ୍ଲାସ୍‌ରେ ସାମିଲ୍ ହେଉଛନ୍ତି । ସେ ଯାହାହେଉ ତାଙ୍କ ସ୍ୱାମୀ ତାଙ୍କୁ ହଇରାଣ ହରକତ୍ କରିବା ପରେ ପୁଣି ଆଉଗୋଟିଏ ବିବାହ କରିନେଲା । ଏବଂ ନଅମାସ ପର୍ଯ୍ୟନ୍ତ ସେହି ପ୍ରଥମ ସ୍ତ୍ରୀକୁ କୌଣସି ସାହାଯ୍ୟ ସହଯୋଗ କଲାନାହିଁ ଅର୍ଥାତ୍ ତାର ପରବାୟ କଲାନାହିଁ । ତାଙ୍କ ବଡଭାଇ ଓ ଜମାତ୍ କିଛିଦିନ ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ କଲେ । ଏହିଦିନ ଗୁଡିକରେ ସେ ବହୁତ ଧୈର୍ଯ୍ୟର ସହିତ ଦିନ କାଟିଲେ ଓ ସର୍ବଦା ପ୍ରାର୍ଥନା କରୁଥିଲେ ଓ ଶାନ୍ତିରେ ଇମାନ୍‌ର ସହିତ ଅଛନ୍ତି ବୋଲି ବାହାରକୁ ପରିପ୍ରକାଶ କରୁଥିଲେ । ସେ ପୁଣି କହୁଛନ୍ତି କି ତାଙ୍କ ସ୍ୱାମୀଙ୍କ ପରିବାର ଲୋକେ ଏକଥା ଜାଣିଥିଲେ କି ସେ ଇମାନ୍‌ରେ ବହୁତ ମଜ୍‌ବୁତ୍ ଅଛନ୍ତି । ତେଣୁ ଅଧିକାଂଶ ସମୟ ସେମାନେ ତାଙ୍କ ପଡୋଶୀ ମାନଙ୍କ ସହିତ ମିଶି ଗୋଟିଏ ଧର୍ମ ଜଲ୍‌ସା କରୁଥିଲେ, ସେହି ଜଲ୍‌ସାରେ ବଡ ଇମାମ୍‌କୁ ଡକାଯାଉଥିଲା । ଯେଉଁ ଗଏର୍ ଅହେମଦୀ ଇମାମ୍ ଭାଷଣ ଦେବାପାଇଁ ଆସିଥିଲା ସେ କହିଲା କି ଯେବେ କେହି ଅହେମଦୀୟା ମସ୍‌ଜିଦ୍‌ରେ ନମାଜ ପଢ଼େ ତାକୁ ୨୫ଡଲାସି ଦିଆଯାଏ । ଡଲାସି ହେଉଛି ଗାମ୍ବିୟା ଦେଶର କରେନ୍‌ସିର ନାମ । ସେଠାରେ ସିଷ୍ଟର୍ ତିଦା ମଧ୍ୟ ଉପସ୍ଥିତ ଥିଲେ । ସେ ଛିଡା ହୋଇ କହିଲେ କି ଏ ଇମାମ୍ ଜଣକ ମିଛ କହୁଛନ୍ତି । କାରଣ ମୁଁ ନିଜେ ସର୍ବଦା ଅହେମଦୀଙ୍କ ମସ୍‌ଜିଦ୍‌ର ନମାଜ ପଢୁଛି । କିନ୍ତୁ ଗୋଟିଏ ଡଲାସି ମଧ୍ୟ କେବେହେଲେ ପାଇନାହିଁ । ଏତିକି କଥା ଇମାମ୍‌କୁ ଲଜ୍ଜିତ ହେବାପାଇଁ ଯଥେଷ୍ଟ ଥିଲା । ଏକଥାରେ ତାଙ୍କୁ ଘରଲୋକେ ଓ ପଡୋଶୀମାନେ ମସ୍‌ଜିଦ୍‌ରୁ ବାହାର କରିଦେଲେ । ସେ ଯାହାହେଉ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେ ନିଜର ପାଂଚଜଣ ପୁଅ ଓ ଗୋଟିଏ ଝିଅର ବହୁତ ଭଲ ରୂପେ ତର୍‌ବିୟତ୍ କରିଛନ୍ତି ଓ ଏହି ସନ୍ତାନମାନେ ଜମାତ୍ ସହିତ ନିଷ୍ଠାର ସମ୍ପର୍କ ରଖିଛନ୍ତି ଓ ଅଳ୍ପ ଆମଦାନୀ ହେବା ସତ୍ତ୍ୱେ ମଧ୍ୟ ନିୟମିତ ଚାନ୍ଦା ପ୍ରଦାନ କରୁଛନ୍ତି । ନିଜ ତରଫରୁ ଓ ନିଜର ସମସ୍ତ ପିଲାମାନଙ୍କ ତରଫରୁ ସେ ପ୍ରତ୍ୟେକ ଚାନ୍ଦା ତେହ୍‌ରିକ୍‌ରେ ଭାଗ ନେଉଛନ୍ତି ଓ ତାଙ୍କ ପିଲାମାନେ ବହୁତ ଉଦାହରଣୀୟ ଅହେମଦୀ ପିଲା ଅଟନ୍ତି । ପବିତ୍ର କୋରାନ୍ ମଧ୍ୟ ପଢ଼ିସାରିଛନ୍ତି । ଦେଖନ୍ତୁ ଇଏ ହେଉଛନ୍ତି ନିଜର୍ ଦୀନ୍‌କୁ ପ୍ରତିଷ୍ଠା କରିବା ବାଲା ମହିଳା ନିଜର ଇମାନ୍‌କୁ ବଂଚାଇ ରଖୁଥିବା ମହିଳା । ଏହାଦ୍ୱାରା ସେ ଦୀନ୍‌କୁ କାଏମ୍ ରଖିବା ପାଇଁ ସଫଳ ହେବେ ଓ ଅଲ୍ଲାଃତାଲାଙ୍କ ପୁରସ୍କାରର ଉତରାଧିକାରୀ ହେବେ ନା କି ସେମାନେ ଯେଉଁମାନେ ନିଜର ଦୀନ୍‌ର ଦୁର୍ବଳତାକୁ ଉପସ୍ଥାପନ କରୁଛନ୍ତି । ସେ ଗରୀବ ଥିବା ସତ୍ତ୍ୱେ ମଧ୍ୟ ମାଲି କୁର୍ବାନୀ କରିବାରେ ଆଗୁଆ ଥିଲେ । ଏତେ ସଂକଟ ପରିସ୍ଥିତି ସତ୍ତ୍ୱେ ଓ ଘର ଲୋକଙ୍କ ବିରୋଧ ହେବା ସତ୍ତ୍ୱେ ସେ ନିଜ ପିଲାମାନଙ୍କର ଉତ୍ତମ ତର୍‌ବିୟତ୍ କରିଛନ୍ତି ଓ ସେମାନଙ୍କୁ ଅହେମଦୀୟତ୍ ସହିତ ଯୋଡି ରଖିଛନ୍ତି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ - ସୁତରାଂ ଏଠାକୁ ଆସି ଆପଣମାନଙ୍କୁ ଯେଉଁ ଧର୍ମୀୟ ସ୍ୱାଧିନତା ମିଳିଛି ତାର ଲାଭ ଉଠାଇ ନିଜର ପିଲାମାନଙ୍କୁ ଦୀନ୍ ଶିଖାଇବା ପ୍ରତି ଧ୍ୟାନ ଦିଅନ୍ତୁ । ନିଜେ ମଧ୍ୟ ଦୀନ୍‌ର ଜ୍ଞାନକୁ ବଢ଼ାଇବା ପାଇଁ ଧ୍ୟାନ କରନ୍ତୁ । ନିଜ ଇମାନ୍‌ରେ ଦୃଢ଼ତା ସୃଷ୍ଟି କରନ୍ତୁ । ଏଠାରେ ଏହି ଉନ୍ନତଶୀଳ ରାଷ୍ଟ୍ର ଗୁଡିକରେ ଆମେ ଦେଖୁଅଛୁ କି ସମାଜ ଓ ପରିବେଶ ମଧ୍ୟ ସର୍ବଦା ବିଭ୍ରାଟ ସୃଷ୍ଟି କରୁଅଛି । ଅନେକଥର ମୁଁ ପିଲାମାନଙ୍କୁ ବୁଝାଇଛି, ମହିଳା ଏପ ପୁରୁଷମାନଙ୍କୁ ମଧ୍ୟ ଏକଥା କହିଛି କି ଏଠାରେ ନିଜ ପିଲାମାନଙ୍କୁ ସମ୍ଭାଳିବା ପାଇଁ ଚେଷ୍ଟା କରିବାର ଆବଶ୍ୟକ ଅଛି । ଏଠିକାର ପିଲାମାନଙ୍କୁ ଦୀନ୍ ସହିତ ଯୋଡିବା ହେଉଛି ବହୁତ ବଡ କାର୍ଯ୍ୟ ଓ ତାହା ବିଶେଷ ରୂପେ ମା'ମାନଙ୍କର ଏବଂ ମହିଳାମାନଙ୍କର ଦାୟିତ୍ୱ ଅଟେ । ତେଣୁ ଏହି ଦାୟିତ୍ୱକୁ ବୁଝନ୍ତୁ ଓ ମନେରଖନ୍ତୁ କି ଯେଉଁଭଳି ଗୋଟିଏ ଦୂରଦୂରାନ୍ତ ଆଫ୍ରିକା ଦେଶରେ ରହୁଥିବା ଉକ୍ତ ମହିଳାଜଣକ ଶତ୍ରୁ ମାନଙ୍କ ଗହଣରେ ରହିବା ସତ୍ତ୍ୱେ ମଧ୍ୟ ନିଜ ପିଲାମାନଙ୍କର ତର୍‌ବିୟତ୍ ନିମନ୍ତେ ବିଶେଷ ଧ୍ୟାନ ଦେଇଛନ୍ତି । ତେବେ ଏଠାକୁ ଆସି ଆପଣମାନେ ଯେଉଁ ଶିକ୍ଷିତ ମହିଳାମାନେ ଅଛ, ଆପଣମାନଙ୍କୁ ତ ବିଶେଷ ରୂପେ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଫଳତଃ ଆପଣଙ୍କ ସନ୍ତାନମାନେ ସର୍ବଦା ଅହେମଦୀତ୍ ଉପରେ ତିଷ୍ଠି ରହିବେ ଓ ବର୍‌ବାଦ୍ ହେବେନାହିଁ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୁଣି ଗାମ୍ବିୟାର ଅମୀର୍ ସାହେବ୍ ଲେଖୁଛନ୍ତି କି ନର୍ଥ୍ ବ୍ୟାଙ୍କ୍ ରିଜିଅନ୍‌ର ଜଣେ ସିଷ୍ଟର୍ ଟବାରା ସାହିବା ତିନିବର୍ଷ ହେବ ଅହେମଦୀ ଗ୍ରହଣ କରିଛନ୍ତି ତାଙ୍କର ବୟସ ହେଉଛି ୫୭ । ନିଜ ଗ୍ରାମରେ ଯେଉଁ ଦାଇ ଇଲଲ୍ଲାଃ ମହିଳା ଅଛନ୍ତି, ସେମାନଙ୍କ ମଧ୍ୟରେ ତାଙ୍କର ଏକ ପଦମର୍ଯ୍ୟାଦା ରହିଛି । ତିନିବର୍ଷ ପୂର୍ବେ ସେ ବୟତ କରିଛନ୍ତି ତବ୍‌ଲିଗ୍ ଓ ଦାଓ୍ୱତେ ଇଲଲ୍ଲାଃ କାର୍ଯ୍ୟ କରିବାରେ ତାଙ୍କର ବିଶେଷ ସ୍ଥାନ ରହିଛି । ସେ ଅନେକ ମାଇଲ୍ ପାଦରେ ଯାତ୍ରା କରି ନିଜ ବନ୍ଧୁବାନ୍ଧବ ମାନଙ୍କୁ ଇସ୍‌ଲାମ୍ ଏବଂ ଅହେମଦୀୟତ୍‌ର ବାର୍ତ୍ତା ପହଂଚାଇବା ପାଇଁ ଯାଉଛନ୍ତି । ତାଙ୍କର ଏପରି ଚେଷ୍ଟା ଯୋଗୁ ତାଙ୍କର ଜଣେ ଭାଇ ଯିଏ ଗୋଟିଏ ସ୍ଥାନର ଚିଫ୍ ମଧ୍ୟ ଅଛନ୍ତି, ସେ ଅହେମଦୀ ହୋଇଗଲେ ଓ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ବହୁତ ପକ୍କା ଏବଂ ନିଷ୍ଠାବାନ ଅହେମଦୀ ଅଟନ୍ତି । ସେ ଅନ୍ୟ ସବୁ ଲଜ୍‌ନାମାନଙ୍କୁ ଜଲ୍‌ସାସାଲାନାରେ ଯିବାପାଇଁ ନିଜ ଖର୍ଚ୍ଚ ଦେଇ ପ୍ରୋତ୍ସାହିତ କରିଥାନ୍ତି । ସେଠାରେ ଗରିବ ମହିଳାମାନେ ଅଛନ୍ତି, ବେଳେବେଳେ ଜମାତ୍ ସେମାନଙ୍କୁ ସାହାଯ୍ୟ କରିଥାଏ, କିନ୍ତୁ ସେ କହୁଛନ୍ତି କି ନୁହେଁ, ନିଜ ଖର୍ଚ୍ଚ କରି ଯାଅ । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ସମସ୍ତ ଚାନ୍ଦା ଅର୍ଥାତ୍ ଚାନ୍ଦା ଆମ୍ ଏବଂ ମଜ୍‌ଲିସ୍‌ର ଚାନ୍ଦା ଇତ୍ୟାଦି ପ୍ରଦାନ କରିବା ପ୍ରତି ସେ ମହିଳାମାନଙ୍କର ଧ୍ୟାନ ଆକର୍ଷଣ କରନ୍ତି । ସୁତରାଂ ଯେତେବେଳେ ଆପଣମାନେ ଏଠାକୁ ଆସିସାରିଛନ୍ତି ଓ ଆପଣମାନଙ୍କୁ ଏଠାରେ ତବ୍‌ଲିଗ୍ କରିବା ପାଇଁ କୌଣସି ପ୍ରତିବନ୍ଧକ ମଧ୍ୟ ନାହିଁ ତେଣୁ ଏଠାରେ ଇସ୍‌ଲାମ୍‌ର ପ୍ରକୃତ ବାର୍ତ୍ତାକୁ ପ୍ରତ୍ୟେକ ଘରେ ପହଂଚାଇବା ପାଇଁ ଆପଣମାନେ ପ୍ରସ୍ତୁତ ରହିବା ଉଚିତ୍ ଅର୍ଥାତ୍ ଲଜ୍‌ନାମାନଙ୍କୁ ଓ ପ୍ରତ୍ୟେକ ମହିଳାଙ୍କୁ ଏକୁଟିଆ ଓ ସାମୁହିକ ରୂପେ ମଧ୍ୟ ଉକ୍ତ ବାର୍ତ୍ତାକୁ ପହଂଚାଇବା ପାଇଁ ଚେଷ୍ଟା କରିବା ଉଚିତ୍ ଓ ଏହା ଯୋଜନା ବଦ୍ଧ ସହିତ କରିବା ଉଚିତ୍ । ଯଦି ସେହି ମହିଳାଜଣକ କଠିନ ପରିସ୍ଥିତିରେ ମଧ୍ୟ ତବ୍‌ଲିଗ୍‌କୁ ଅଗ୍ରାଧିକାର ଦେଇଛନ୍ତି ଓ ଦୀନ୍‌ର ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଂଚାଉଛନ୍ତି ତେବେ ଆପଣମାନେ ମଧ୍ୟ ଅଲ୍ଲାଃତାଲାଙ୍କୁ ରାଜି କରିବା ପାଇଁ ଅଲ୍ଲାଃତାଲାଙ୍କ ବାର୍ତ୍ତାକୁ ଘରେ ଘରେ ପହଂଚାଇବା ପାଇଁ ପଣ କରନ୍ତୁ ଓ ଏଥିପାଇଁ ସର୍ବପ୍ରଥମ ପଦକ୍ଷେପ ହେଉଛି ଏହା କି ନିଜକୁ ଦୀନି ଶିକ୍ଷା ଓ ଧର୍ମଜ୍ଞାନରେ ପରିବେଷ୍ଟିତ କରନ୍ତୁ । ନିଜେ ନିଜ ଭିତରେ ଜ୍ଞାନ ସୃଷ୍ଟି କରନ୍ତୁ, ନିଜ ପିଲାମାନଙ୍କର ସଠିକ୍ ରୂପେ ତର୍‌ବିୟତ୍ କରନ୍ତୁ । କିଛି ଅବସରରେ କେତେକ ଅହେମଦୀ ମହିଳା ପୁରୁଷଙ୍କ ଠାରୁ ଅଧିକା ସାହସ ପ୍ରଦର୍ଶନ କରିଛନ୍ତି ଓ ଏପରି ଇମାନୀ ସ୍ୱାଭିମାନ ଦେଖାଇଛନ୍ତି କି ଏହାଦ୍ୱାରା ମଣିଷ ଆଶ୍ଚର୍ଯ୍ୟ ହୋଇଯାଏ । ସୁତରାଂ ବଙ୍ଗଳା ପ୍ରଦେଶର ମାଲ୍‌ଦାର ସର୍କଲ୍ ଇନ୍‌ଚାର୍ଯ୍ ସାହେବ୍ ଲେଖୁଛନ୍ତି କି ୨୦୦୫ ମସିହାରେ ମାଲ୍‌ଦା ସର୍କଲ୍‌ର ବେର୍‌ଗାଛି ଜମାତ୍‌ରେ ଅହେମଦୀୟା ମସ୍‌ଜିଦ୍‌ର ମୂଳଦୁଆ ରଖିବା ସମୟରେ ମୁଖାଲିଫ୍ (ବିରୋଧି) ମାନଙ୍କ ତରଫରୁ ଭୀଷଣ ବିରୋଧ ହେଲା । କିଛି ଲୋକେ ତ ଲଢ଼େଇ ଝଗଡା କରିବା ପାଇଁ ଅସିଗଲେ । ସେତେବେଳେ ଆମର ଜଣେ ମହିଳା ଯାହାଙ୍କ ନାମ ହେଉଛି ଜକିୟା ସାହେବା, ସେ ନିଜର ଇମାନୀ ସାହସକୁ ପ୍ରଦର୍ଶନ କଲେ ଓ ନିଜ ହାତରେ ଗୋଟିଏ ଛୁରୀ ଧରି ଅହେମଦୀୟତ୍‌ର ବିରୋଧ କରୁଥିବା ଲୋକମାନଙ୍କ ସମ୍ମୁଖକୁ ଆସି କହିଲେ କି ଯଦି କାହା ପାଖରେ ସାହସ ଅଛି ତେବେ ସେ ଆଗକୁ ଆସି ଆମ ମସ୍‌ଜିଦ୍ ନିର୍ମାଣ କାର୍ଯ୍ୟକୁ ବାଧ ଦେଉ । ତାଙ୍କର ଏପରି ସାହସ ଓ ଜୋସ୍‌କୁ ଦେଖି ସେଠାରେ ଉପସ୍ଥିତ ବିରୋଧିମାନେ ଡରିଗଲେ ଓ ତତ୍‌କ୍ଷଣାତ୍ ସେଠାରେ ଚାଲିଗଲେ । ଏବେ ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ସେଠାରେ ଜମାତ୍ ଅହେମଦୀୟାର ମସ୍‌ଜିଦ୍ ସହିତ ମୁଅଲିମ୍‌ଙ୍କ ପାଇଁ ଗୋଟିଏ ଘର ମଧ୍ୟ ନିର୍ମାଣ ହୋଇସାରିଛି ଏବଂ ନିୟମିତ ପାଂଚବେଳା ନମାଜ ପାଠ କରାଯାଉଛି । ଏବେ ଦେଖନ୍ତୁ ସେହି ମହିଳାଜଣକର ଇମାନୀ ସାହସ ଏପରି ଥିଲା ଯାହା ପୁରୁଷମାନଙ୍କ ପାଇଁ ମଧ୍ୟ ଏକ ଉଦାହରଣ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ସେ ଲୋକମାନେ ତ ବାହାରକୁ ଆସିପାରୁନାହାଁନ୍ତି । ଯଦ୍ୱାରା ତାଙ୍କ ଦୁଃଖ କଷ୍ଟକୁ ଦୂର କରିପାରିବେ । କିନ୍ତୁ ପୁଣି ମଧ୍ୟ ଦୃଢ଼ତାର ସହିତ ଦୁଃଖକଷ୍ଟକୁ ବର୍‌ଦାସ୍ତ କରୁଛନ୍ତି ଓ ଏ କଷ୍ଟ ହେବାସତ୍ତ୍ୱେ ମଧ୍ୟ ସେମାନଙ୍କର ମଜ୍‌ବୁତ୍ ଇମାନ୍ ରହିଛି । ଏଠାକୁ ଆସିଥିବା ଲୋକମାନଙ୍କୁ ସମସ୍ତ ସୁବିଧା ମିଳିଯିବା ପରେ ଏକଥା ପ୍ରତି ଧ୍ୟାନ ଦେବା ଉଚିତ୍ ହେବ କି ନିଜ ଇମାନ୍‌କୁ ମଜ୍‌ବୁତ୍ କରନ୍ତୁ, ନିଜ ଇମାନ୍‌କୁ ବଂଚାନ୍ତୁ ଓ ପୂର୍ବଠାରୁ ବଳି କାର୍ଯ୍ୟରେ ନିଜକୁ ଜଣେ ସଚ୍ଚା ଓ ପ୍ରକୃତ ଅହେମଦୀ ବନାନ୍ତୁ । ପବିତ୍ର କୋରାନ୍‌ର ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେବାକୁ ଚେଷ୍ଟା କରନ୍ତୁ ନା କି ଏହି ପରିବେଶରେ ହଜିଯାଆନ୍ତୁ । ନିଜ ପିଲାମାନଙ୍କୁ ମଧ୍ୟ ଉପଦେଶ ଦିଅନ୍ତୁ । ଝିଅପିଲାମାନଙ୍କୁ ମଧ୍ୟ ମନେରଖିବା ଉଚିତ୍ କି ସେମାନଙ୍କ ମା'ବାପାମାନେ ଏଠାକୁ ଆସିବା ସେମାନଙ୍କର କୁଟୁମ୍ବ ଏଠାକୁ ଆସିବା କେବଳ ଦୀନ୍ ଯୋଗୁ ସମ୍ଭବ ହୋଇଛି । ତେଣୁ ଆପଣମାନେ ମଧ୍ୟ ଏ ସଂସାରରେ ହଜିଯାଆନ୍ତୁ ନାହିଁ ବରଂ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦିଅନ୍ତୁ ଓ ଏକଥା ଆପଣମାନଙ୍କୁ ଏ ସଂସାରରେ ମଧ୍ୟ ଉନ୍ନତି ପ୍ରଦାନ କରିବ ଓ ପରକାଳରେ ମଧ୍ୟ ଉନ୍ନତି ପ୍ରଦାନ କରିବ ଓ ଆପଣମାନଙ୍କର ପ୍ରତ୍ୟେକ କାର୍ଯ୍ୟ ଏପରି ହେଉ ଯଦ୍ୱାରା ଅଲ୍ଲାଃତାଲା ଖୁସି ହେବେ ବା ଅଲ୍ଲାଃତାଲା ଯାହା ଚାହୁଁଛନ୍ତି, ସେହିଭଳି ହିଁ ଆମର କାର୍ଯ୍ୟଗୁଡିକ ହେଉ । ଅଲ୍ଲାଃତାଲା କିଛି ହୁକୁମ୍ ଗୁଡିକୁ ବହୁତ ସ୍ପଷ୍ଟ ରୂପେ ପ୍ରଦାନ କରିଛନ୍ତି ଯେପରି ପର୍ଦ୍ଦା କରିବାର ହୁକୁମ୍ ଅଛି । ତେଣୁ ଏବେ ପ୍ରତ୍ୟେକ ମହିଳାମାନଙ୍କ ପାଇଁ ପର୍ଦ୍ଦା କରିବା ହେଉଛି କର୍ତ୍ତବ୍ୟ ଏବଂ ପ୍ରତ୍ୟେକ ଝିଅମାନଙ୍କର କର୍ତ୍ତବ୍ୟ ଅଟେ । ନିଜ ପରିଧାନକୁ ଲଜ୍ଜାଶୀଳ ବନାଇବା, ପ୍ରତ୍ୟେକ ମହିଳା ଓ ପ୍ରତ୍ୟେକ ଝିଅଙ୍କର ଦାୟିତ୍ୱ ଓ ଏହି ଉଦାହରଣ ଆସନ୍ତା ପିଢ଼ୀଙ୍କ ମଧ୍ୟରେ କାଏମ୍ ହେବ । ଏହାଦ୍ୱାରା ଜମାତ୍‌ର ସ୍ୱତନ୍ତ୍ରତା ମଧ୍ୟ କାଏମ୍ ରହିବ ଓ ଏହି ନମୁନା ଆପଣମାନଙ୍କୁ ତବ୍‌ଲିଗ୍ କ୍ଷେତ୍ରରେ ମଧ୍ୟ କାର୍ଯ୍ୟରେ ଆସିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଏକଥା ନୁହେଁ କି ପାଶ୍ଚାତ୍ୟ ଦେଶଗୁଡିକରେ ଆସି ଲୋକମାନେ ପର୍ଦ୍ଦା କରିବା ଭୁଲିଯାଉଛନ୍ତି ବୋଲି । ଏଠାରେ ମଧ୍ୟ ଏପରି ଅବସ୍ଥା ସୃଷ୍ଟି ହେଉଛି ଯାହାଯୋଗୁ ଏଠିକାର ଅଣଧର୍ମୀୟ କାର୍ଯ୍ୟାଳୟ

*ଅବଶିଷ୍ଟାଂଶ ପୃଷ୍ଠା-୭ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**